ନବଜୀବନ ଗ୍ରନ୍ଥମାଳା—୪ର୍ଥ ଖଣ୍ଡ

# ପଥିପତ୍ରୀ

ଚନ୍ଦ୍ରାମଣି ମିଶ୍ର

ପ୍ରକାଶକ
ନବଜୀବନ କାର୍ଯ୍ୟାଳୟ
ବୃନ୍ଦମାଚୌକ
କଟକ—୨

ନବଜୀବନ ଗ୍ରନ୍ଥମାଳା—୪ର୍ଥ ଖଣ୍ଡ

ପ୍ରଥମ ସଂସ୍କରଣ

୧୯୫୮

ଏକ ଟଙ୍କା

# ମୁଖବନ୍ଧ

'ପଞ୍ଚପର୍ଣ୍ଣୀ' ପାଞ୍ଚଟି ପତ୍ର (ଚିଠି)ର ସମାହାର । ଏଗୁଡ଼ିକ ମୋର ପୁଅ, ପୁତୁରା ଓ ଜ୍ୱାଇଁଙ୍କ ପାଇଁ ଅଭିପ୍ରେତ । ଶ୍ରୀମଦ୍ ଭାଗବତରେ ଅଛି ନିଜର ପୁତ୍ର ଓ ଅନ୍ୟର ପୁତ୍ର ମଧ୍ୟରେ କୌଣସି ପାର୍ଥକ୍ୟ ରହି ନ ପାରେ । କିଏ ଜାଣେ, ଆଜି ଯାହାକୁ ନିଜପୁତ୍ର ବୋଲି କହୁଥାଇଁ ସେ ଆର ଜନ୍ମରେ ଆମର ଶତ୍ରୁ ଥିଲା ଓ ଆର ଜନ୍ମର ନିଜ ପୁତ୍ର ଆଜି ଯାଇ ପରଘରେ ଜନ୍ମିଛି ! ତେଣୁ ଇହଜନ୍ମ ଓ ପରଜନ୍ମରେ ସାମଞ୍ଜସ୍ୟ ରଖିବାକୁ ପିତୃସ୍ଥାନୀୟ ପ୍ରତ୍ୟେକ ଲୋକ ନିଜର ପୁତ୍ରସ୍ଥାନୀୟ ଅର୍ଥାତ୍ ପୁତ୍ର ବୟସର ସମସ୍ତଙ୍କୁ ନିଜର ପୁତ୍ରରୂପେ ଦେଖନ୍ତୁ । ସେହି ଦୃଷ୍ଟିରେ ମୁଁ ମନେକରୁଛି, ଏ 'ପଞ୍ଚପର୍ଣ୍ଣୀ' ମୋର ପିଲାଙ୍କ ପାଇଁ ଯେତିକି ଉଦ୍ଦିଷ୍ଟ, ତାଙ୍କ ବୟସର ସମସ୍ତଙ୍କ ପାଇଁ ସେତିକି ଉପଯୋଗୀ । ତେଣୁ ଏ ପତ୍ରଗୁଡ଼ିକ ଓଡ଼ିଆଭାଷୀ ସବୁ ଯୁବକଯୁବତୀଙ୍କୁ ଅର୍ପଣ କଲି ।

ପାଞ୍ଚଟିଯାକ ପତ୍ରର କ୍ରମ ସ୍ୱାଭାବିକ ରୀତିରେ ନିର୍ଣ୍ଣୟ କରାଯାଇଛି । ଯୁବକଯୁବତୀ, ପାଠ ସରିବା ପରେ ନିଜର ସଂସାର ଯାତ୍ରା କିପରି ନିର୍ବାହ କରିବେ ଚିନ୍ତା କରନ୍ତି । ତା'ପରେ ବିବାହ ପ୍ରଶ୍ନ ଉଠେ । ବିବାହର ସ୍ୱାଭାବିକ ପରିଣତି ସନ୍ତାନମାନଙ୍କର ପାଳନ ଓ ପୋଷଣ । ସୁସ୍ଥ ମନ ନିଜର ଘର ଓ ପରିବାର ଭିତରେ ଆବଦ୍ଧ ହୋଇ ରହିପାରେ ନାହିଁ । ଜୀବନର ଲକ୍ଷ୍ୟ କ'ଣ, କିପରି ଚଳିଲେ ସଂସାର ଯାତ୍ରା ସୁସମାହିତ ହେବ, ଏ ଚିନ୍ତା ଅର୍ଥାତ୍ ଜୀବନ ଦର୍ଶନ

ତା’ ମନକୁ ଆସିଥାଏ । ତା’ପରେ ଅନ୍ୟ ପ୍ରତି ନଜର କର୍ତ୍ତବ୍ୟ । ଏହି କ୍ରମରେ ପାଞ୍ଚଟିଯାକ ବିଷୟର ଆଲୋଚନା ‘ପଞ୍ଚପର୍ଣ୍ଣୀ’ରେ ହୋଇ ଅଛି । ଏଥିରେ ଯେଉଁ ଆଦର୍ଶର ଚିତ୍ର ଦିଆ ହୋଇଅଛି ତାହା ଦୁରଧିଗମ୍ୟ ବୋଲି ଡରିଯିବାର କାରଣ ନାହିଁ । ସତ୍ୟାନୁସନ୍ଧିତ୍ସୁ ପ୍ରିୟ ଯୁବକଯୁବତୀମାନେ ଏହା ପାଠ କଲେ ସେମାନଙ୍କର ତତ୍ତ୍ୱଜିଜ୍ଞାସା ରୂପାୟିତ ହେବ ବୋଲି କାମନା କରେ ।

ଗର୍ଭଣା ସଂକ୍ରାନ୍ତି, ୧୮୮୦

ଚନ୍ଦ୍ରମଣି ମିଶ୍ର

୧୨।୮।୫୮

# ପ୍ରିୟାନ୍ୟାଯ୍ୟା ବୃତ୍ତିଃ

ଶ୍ରଦ୍ଧେୟୁ—,

ଜୀବନର ଗୋଟିଏ ଅଧ୍ୟାୟ ତୁମେ କୃତିତ୍ୱର ସହିତ ସମାପନ କରିଅଛ, ତୁମକୁ ମୋର ଆନ୍ତରିକ ସାଧୁବାଦ ଓ ସଦିଚ୍ଛା ଜଣାଉଛି । ଏହାପରେ କ'ଣ କରିବାକୁ ହେବ ସେ ବିଷୟରେ ତୁମକୁ ଦାୟିତ୍ୱ ମାଡ଼ି ପଡ଼ିବାର କଥା । ତୁମ ଚିଠିରେ ତାହାର ସଂକେତ ପାଇ ଖୁସୀ ହେଲି । ମୁଁ ଏପରି ଅନେକ ଛାତ୍ରଙ୍କୁ ଦେଖିଛି ଯେଉଁମାନେ କି ଏହି ଦାୟିତ୍ୱବୋଧରୁ ଉଦ୍ଧାର ପାଇବା ପାଇଁ ଛାତ୍ର ଜୀବନକୁ ଯଥାସମ୍ଭବ ବଢ଼ାଇବାକୁ ଚେଷ୍ଟା କରନ୍ତି । ମୋର ଜଣେ ସଙ୍ଗୀ ଏମ୍. ଏ. ପାସ କଲାପରେ ଆଇନ୍ କ୍ଲାସରେ ନାମ ଲେଖାଇଥିଲେ । ଆଇନ୍ ପଢ଼ା ସାରିବା ପରେ ଆସି କାଠଯୋଡ଼ି ନଈ କୂଳରେ ଡି. ଇଡ଼ି. କ୍ଲାସରେ ଭର୍ତ୍ତି ହୋଇଗଲେ । ଡି. ଇଡ଼ି. ଆଇନ୍ ଜ୍ଞାନକୁ ବଢ଼ାଇବାରେ ସାହାଯ୍ୟ କରେ ବୋଲି କହି-ହେବ ନାହିଁ ; ପୁଣି ସେ ଯେଉଁ କିସମର ଲୋକ ଓକିଲ ହୋଇ ନାମ ବା ପଇସା କମାଇବାର କ୍ଷମତା ତାଙ୍କର ଆସି ନ ପାରେ । ସେ ଏମ୍. ଏ. ଭଲ ପାସ୍ କରିଥିଲେ ଓ ଏବେ ଅଧ୍ୟାପକ ଭାବେ ଚାକିରି କରୁଛନ୍ତି । ଆଇନ୍ ଓ ଡି. ଇଡ଼ି.ରେ ସେ ଯେଉଁ ତିନୋଟି

ବର୍ଷ କଟାଇଲେ, ତାହା କେବଳ ଛାତ୍ର ଜୀବନ ସରିଗଲେ ମୁଣ୍ଡକୁ ଯେଉଁ ବୋଝ ଆସିଯାଏ ସେଥିରୁ ରେହାଇ ପାଇବାକୁ । ତୁମେ ସେପରି ନ କରି ଜୀବନ ସଂଗ୍ରାମ ପାଇଁ ଅଣ୍ଟାଭିଡ଼ି ବାହାରିବାରୁ ମୁଁ ଯତ୍‌ପରୋନାସ୍ତି ସନ୍ତୁଷ୍ଟ ହୋଇଛି । ବିଦ୍ୟା ଅର୍ଜନ କରିବାରେ ଜୀବନର ୪ଭାଗରୁ ଭାଗେ କଟାଇବା ଆମ ଦେଶରେ ବହୁ ଦିନରୁ ଚଳିଥିଲା । ସେତେବେଳେ ଜୀବନର ପରିମିତ ଥିଲା ଶହେ ବର୍ଷ । ଏ 'କଳଷଠା ଷାଠିଏ' ଅମଳରେ ୨୦।୨୨ ବର୍ଷ ଯାଏଁ ପାଠ-ପଢ଼ାରେ କଟାଇବା ଯଥେଷ୍ଟ ହେଲାଣି ବୋଲି ମୋର ମନେ ହୁଏ ।

## ନିଜର ପନ୍ଥା ନିଜେ ଧରିବାକୁ ହେବ

ଏଥର କ'ଣ କରିବ, ସେ ବିଷୟରେ ଅନ୍ୟର ପରାମର୍ଶ ନେବା ଅପେକ୍ଷା ନିଜର ରୁଚି ଓ ସାମର୍ଥ୍ୟର କଳନା କରି ନିଜର ପନ୍ଥା ନିଜେ ସ୍ଥିର କର—ଏହା ମୋର ପ୍ରଥମ ଓ ଶେଷ ପରାମର୍ଶ । ତୁମେ ମୋ'ର ନିର୍ଦ୍ଦେଶକୁ ଅପେକ୍ଷା କରିବା ଦ୍ୱାରା ସତ୍‌ପୁତ୍ରର କାର୍ଯ୍ୟ କରିଛ । କିନ୍ତୁ ମୁଁ ତୁମକୁ 'ଏୟା କର', 'ତା'କର' ବୋଲି ନିର୍ଦ୍ଦେଶ ଦେଇ ଦେଲେ କୁ-ପିତା ବୋଲି ନିଜକୁ ଚିହ୍ନାଇଦେବି ସିନା ? ମୋ'ର ପିତୃପୁରୁଷ ମୋତେ ନିର୍ଦ୍ଦେଶ ଦେଇ ନ ଥିଲେ । ଏଭଳି ହୁକୁମଜାରି ଆମ ସମାଜରେ ଚଳୁ ନଥିଲା ବୋଲି ପିଲାଦିନେ ଭୁରି ଭୁରି ଦୃଷ୍ଟାନ୍ତ ଦେଖିଛି । ମୋର ଦଦେଇଙ୍କ ଆଗରେ ମୁଁ ଥରକୁ ଥର ନୂଆ ନୂଆ ପରସ୍ପର-ବିରୋଧୀ କାର୍ଯ୍ୟପନ୍ଥା ନେଇ ଥୋଇଲା ବେଳେ ସେ ଗୁଡ଼େଇ ତୁଣ୍ଡେଇ ମୋ ଯୋଜନାର ଅଙ୍ଗପ୍ରତ୍ୟଙ୍ଗର ବ୍ୟବଚ୍ଛେଦ କରନ୍ତି । ଶେଷରେ ଯେବେ ମୋତେ ଆଶୀର୍ବାଦ କରନ୍ତି, ମୋର ଗୋଟିଏ ଗଣ୍ଠି ଜିତା ହୋଇଯାଏ । ନିଜ କୁଟୁମ୍ବ, ଆତ୍ମୀୟସ୍ୱଜନଙ୍କୁ ବୁଝାଇବାର ଭାର ସେ ହାତକୁ ନେଇ ଯାଆନ୍ତି । ମୁଁ ନିଶ୍ଚିନ୍ତ ଭାବେ

ଆପତ୍ତିକାରୀଙ୍କୁ ତାଙ୍କର ଆଡ଼କୁ ବରଗି ଦିଏ । ତାଙ୍କର ଯୁକ୍ତି 'ସହସ୍ରେ ହାଣ୍ଡିକୁ ଏକ ଠେଙ୍ଗା' ନ୍ୟାୟରେ । ସେ କହନ୍ତି, "ଆରେ, ସେ ପାଠ ପଢ଼ିଛି । ଯାହା କରିବାକୁ ଯାଉଛି, ବୁଝି ବିଚାରି କରୁଛି । ତୁମେ ତା' କଥା କ'ଣ ଜାଣି କହିଲ । ଯେ ଏତେ ପଢ଼ିଛି, ଏତେ ବିଚାରୁଛି, ସେ କ'ଣ ତା' ପିଲା ମାଇପଙ୍କୁ ପୋଷି ନ ପାରିବ ?" ମୋର ପିଲେ କଷ୍ଟ ପାଇଲେ, ସେ ବୁଝାନ୍ତି, ନିଜ ବାପ ଗୋସାଇଁ ବାପଙ୍କର ଜୀବନୀ ବଖାଣନ୍ତି । ସେ ଯେଉଁ ଜୀବନୀ ! ସାତ କୋଶ ଦୂରରେ ଶିରୁଳି ମହାବୀରଙ୍କ ପାଖେ କାମ କରି ସଂଧ୍ୟାକୁ ଫେରିଲେ ବଳକର ଖୁରାକ ଓ ଗୃରିଅଣା ପଇସା ରୋଜଗାର ହୁଏ ! ପିଲା ଦେଖନ୍ତି, ଦିନକୁ ଚଉଦ କୋଶ ପଥଶ୍ରାନ୍ତ ନ ହୋଇ ଖାଇବାକୁ ଛୁରିଅଣା ପରିବର୍ତ୍ତେ ଯଦି ଚାରି କି ପାଞ୍ଚ ସୁଉକା ମିଳୁଛି ତେବେ ଭଲ ! କ'ଣ ହରାଇଛନ୍ତି ବିଚାରିବାରୁ ମନ ଯାଇ ପହଞ୍ଚେ ଆଉ କେତେ ଅଧିକ ହରାଇବାର ସଂଭାବନା ଥିଲା । ମୋ ବିଚାରରେ ବୁଢ଼ାଙ୍କର ଏତିକି କାମ । ତୁମେ କାମ କରୁଥିବ ଓ ସେ ପଛରେ ରହି ନିଜର ଆଶୀର୍ବାଦ ଦ୍ୱାରା ତୁମକୁ ହିମ୍ମତ୍ ଦେଉଥିବେ ।

## ପିତୃ-ପୁରୁଷର ଆଶୀର୍ବାଦ ନିଶ୍ଚୟ ମିଳିବ

ଏଇଠାରେ ଗୋଟିଏ ଗଣ୍ଠି ରହିଲା । ତୁମେ ବିଚାରିବ, କାମଟା ଯଦି ମନକୁ ନ ପାଇବ ତେବେ ବୁଢ଼ା ଆଶୀର୍ବାଦ ନ କରି ଅଭିଶାପ ଦେବେ ! ନିଜେ ବୁଢ଼ା ହେଲେ ଜାଣିବ, ପିତୃପୁରୁଷ ପୁଅପୁରୁଷକୁ ଅଭିଶାପ ଦେଇ ପାରିବା ସମ୍ଭବ ନୁହେଁ । ବୁଢ଼ାର ଯେ ସେତିକି ସମ୍ବଳ ! ବୟସ ବଢ଼ିଲେ ପୁଣି 'ମୋ ପୁଅ' 'ତୋ' ପୁଅ', 'ତା ପୁଅ' ଭାବ କମିଯାଏ—ଅଳ୍ପ ବହୁତେ ସବୁ ବୁଢ଼ାଙ୍କର । ଆଗ ପ୍ରୟୋଜନରେ ହେଉ ହେଉ, ନିଷ୍ପ୍ରୟୋଜନରେ ମଧ୍ୟ ଉତ୍ତର-

ପୂର୍ବପୁରୁଷଙ୍କ ପ୍ରତି ବାତ୍ସଲ୍ୟ ଆସିଯାଏ । ଏ କଥା ଆଉ ଟିକିଏ ବୁଝାଇ କହିବା ଦରକାର ପଡ଼ୁଛି ପରା । ଆଗ ଯଦି ଝିଅଗୁଡ଼ିଏ ଥିବେ ତେବେ ତ ସବୁ ଅପରିଚିତ, ସୁନ୍ଦର, ସମର୍ଥ ଯୁବକ ଆଖିକୁ ଜୋଇଁ ପରି ଦିଶନ୍ତି । ମନରେ ହୁଏ 'ଏ ପିଲାଟି ଆମ ଅମୁକ ପାଇଁ ହୁଅନ୍ତା ପରା !' ଭଲ ପିଲାଟିଏ ଦେଖିଲେ, ମନେ ହୁଏ, 'ଏଇଟି ମୋ ପୁଅ ସଙ୍ଗେ ସାଙ୍ଗ ହେଲେ ମୋ ପୁଅର ପାରିବାରପଣ ବଢ଼ନ୍ତା, ତା' ଅବୁଝ ଢଙ୍ଗ ଛାଡ଼ନ୍ତା ।' ଏଇପରି ନିଜ ବ୍ୟବସାୟରେ ସହକର୍ମୀ କରିବାକୁ, ନିଜ ଜମି ପାଇଁ ଭାଗଚାଷୀ କରିବାକୁ, ନିଜର ଶିଷ୍ୟ ହେଲେ ବା ଗୁରୁକର ହେଲେ, କରିବାକୁ—ମୋଟ ଉପରେ ନିଜର ଗରଜ ମେଣ୍ଟାଇବାକୁ ଉତ୍ତରପୁରୁଷଙ୍କ ପ୍ରତି ଶ୍ରଦ୍ଧା ଆସୁଆସୁ ତାହା ସ୍ନେହରେ ପରିଣତ ହୋଇଯାଏ । ଏହା କୌଣସି ବୃଦ୍ଧବିଶେଷର ମହତ୍ତ୍ୱର ପରିଚାୟକ ନୁହେଁ, ଏହା ପଶୁଙ୍କର ମଧ୍ୟ ବୃତ୍ତି । ଦେଖିଥିବ, ବୟସ୍କ କୁକୁର କୁକୁରପିଲାଙ୍କ ଆକ୍ରମଣରେ ମଧ୍ୟ ବିଚଳିତ ହୁଏ ନାହିଁ । 'ଅଜାନାତି ରହସ୍ୟ' ଆରମ୍ଭ କରିଦିଏ । ସେଇଥିପାଇଁ କହୁଥିଲି, ଅଭିଶାପର ସମ୍ଭାବନା ନାହିଁ ।

ବାପ ମା, ପୁଅ ବୋହୂଙ୍କଠାରୁ ହତାଦର ଓ ଅପମାନ ପାଇ ମଧ୍ୟ ଅଭିଶାପ ପରିବର୍ତ୍ତେ ଆଶୀର୍ବାଦ କରୁଥାନ୍ତି । ଶେଷ ପର୍ଯ୍ୟନ୍ତ ଆଶା ଥାଏ, ପୁଅର ବୁଦ୍ଧି ଫେରିବ । ଏଥିପାଇଁ ଠାକୁର-ଠାକୁରାଣୀଙ୍କଠାରେ ବଳ ଭୋଗ ମଧ୍ୟ ମନାସିବାକୁ ହୁଏ । ତେଣୁ ମୁଁ ଥରେ ପରା ଲେଖିଥିଲି; 'ଯାହା ଭଲ ବୁଝୁଛ କର । ମୋର ମନକୁ ପାଇବା ନ ପାଇବା ଉପରେ ବିଶେଷ ନିର୍ଭର କରିବା ପ୍ରୟୋଜନ ନାହିଁ, ଉଚିତ ବି ନୁହେଁ ।' ଧର, ତୁମକୁ ମୁଁ ଅସାଧ୍ୟସାଧନ କରିବାକୁ କହିବି । ତୁମେ ତେଜ-ଅଭାବରୁ ଯଦି କରି ନ ପାର, ମୁଁ ବି ଉକ୍ତ ଅଭାବରୁ ପାରିବି ନାହିଁ । କଥାରେ କହନ୍ତି, ବୁଢ଼ାଙ୍କର ପାଣିକାପଣ

କଥାରେ । କର୍ତ୍ତା ତମେ, ଉତ୍ତରସାକ୍ଷଙ୍କ ହେବାର ବଳ ମଧ୍ୟ ମୋର ନାହିଁ । ଏକଥା ଆଉ କିଏ ଜାଣୁ ନ ଜାଣୁ, ତୁମେ ତ ଜାଣ । ତେବେ ପଚାରିଛ ଯେତେବେଳେ, ମୋର ଅନୁଭୂତିରୁ ଯାହା କିଛି ଲେଖୁଛି । ତୁମର ନିଜ ଜୀବନର କାର୍ଯ୍ୟପନ୍ଥା ନିଜେ ନିର୍ଣ୍ଣୟ କଲାବେଳେ, ମୋର ଏ ଚିଠିର ବିଷୟଗୁଡିକ ମନରେ ରଖିପାର । ରଖିଲେ, ଭବିଷ୍ୟତରେ ଏତିକି ସାନ୍ତ୍ୱନା ପାଇବ ଯେ ତୁମର ଭଲ କି ମନ୍ଦ ତୁମେ ନିଜେ ଦେଖି ଚାହିଁ ଅର୍ଜିଛ ।

## ଚାକିରି ଅଧମବୃତ୍ତି କାହିଁକି ?

ତୁମ ଚିଠିରୁ ସୂଚନା ପାଉଛି, ତୁମ ମନଲାଗି ଚାକିରି ଟିଏ ପାଇଲେ ତୁମେ ସନ୍ତୁଷ୍ଟ ହୁଅନ୍ତ । ଆଜିକାଲି ତ ସବୁ ଯୁବକଙ୍କର ଏଇ ମନୋବୃତ୍ତି । ତେଣୁ ଏଥିରେ ମୁଁ ଅସନ୍ତୁଷ୍ଟ ନୁହେଁ । କେବଳ ଏତିକି କହିବାର କଥା, ଚାକିରୀଟା ଅଧମ ବୃତ୍ତି ବୋଲି ପୂର୍ବାଚାର୍ଯ୍ୟମାନେ ବିନା ବିଚାରରେ କହି ନାହାନ୍ତି । ଅଧିକନ୍ତୁ, ନିଜଠାରୁ ଅଯୋଗ୍ୟ, ଅପାରିବାର ଲୋକଙ୍କ ଅଧୀନରେ ଚାକିରି କରିବାକୁ ଯାଇ ବିଶେଷ ମାନସିକ ଯନ୍ତ୍ରଣା ଭୋଗ କରିବାକୁ ହୁଏ—ଅନେକ ସମୟରେ ଜୀବନ ଦୁର୍ବିସହ ହୋଇପଡ଼େ । ଗୋଟିଏ ଶ୍ଳୋକ ମନେ ପଡ଼ୁଛି :—

ଅବଳା ଯତ୍ର ପ୍ରବଳା ଶିଶୁରବନୀଶୋ ନିରକ୍ଷରୋ ମନ୍ତ୍ରୀ ।
ନହି ନହି ତତ୍ର ଧନାଶା ଜୀବନମପି ଦୁର୍ଲଭଂ ମନ୍ୟେ ॥

ଯେଉଁଠାରେ ରାଜ୍ୟ ଭୋଗ-ଲାଳସାରେ ଚଳେ, ଶାସକ ଶିଶୁପରି ଅଦକ୍ଷ ଓ ଅସ୍ଥିରମନା, ରାଜାର ପରାମର୍ଶଦାତାମାନେ ଦେଶକାଳପାତ୍ର ବିଷୟରେ ଅନଭିଜ୍ଞ, ସେଠାରେ ଚାକିରି କରି ଧନ ଅର୍ଜିବ କ'ଣ, ସୁଖଶାନ୍ତିରେ ଜୀବନ କଟାଇବା ତ ଅସମ୍ଭବ ହୋଇ ପଡ଼ିବ । ଖାଲି ସରକାରି ଚାକିରି, ବେପାରି ବଣିକଙ୍କର

ନୌକର ନୁହେଁ, ଗାଁ ହଳଆଗିରରେ ମଧ୍ୟ ଏଇ କଥା ଲୋକେ ପ୍ରତିଦିନ ଅନୁଭବ କରନ୍ତି, ଓ ଏହା ବିରୁଦ୍ଧରେ ମନ ବିଦ୍ରୋହୀ ହୋଇଯାଏ ।

## ମୂଲିଆର ଅନୁଭୂତି

ଦୋଳ ପୂର୍ଣ୍ଣମୀ ଦୁଇ ତିନି ଦିନ ଥାଏ । ନଟିଆ ବୋଲି ଗୋଟିଏ ପାଇଟିଆଳି ଆସି ଆମ ନନାଙ୍କ ପାଖରେ ପହଞ୍ଚିଲା; ଆସନ୍ତା ସନ ଆମର କାମ କରିବ ବୋଲି । ନନା ପଚାରିଲେ, "କରେ ! ତାଙ୍କ ପାଖରେ ତ ଯେତିକି ମଜୁରି ମୋ ପାଖରେ ସେତିକି । ପରନ୍ତୁ ତାଙ୍କର ବେଶୀ ଜମି, ବେଶୀ କାମ, ସବୁ ଦିନ ମଜୁରି ମିଳିବ, ମୋ ପାଖରେ ଆସି ଘାଣ୍ଟି ହେବୁ କାହିଁକି ?" ମୋର ମନେ ଅଛି, ନଟିଆ ବଖାଣିଲା, "କକେଇ, ଖାଲି ପେଟକୁ ଗୁହିଁଲେ କ'ଣ ହେବ ? ସେଙ୍କ ପାଖରେ ରହିଲେ ନିଦରୁ ଉଠିଲେ 'ଶଳା' ଡାକ ଶୁଣିବ ; ସେଇଆ ଶୁଣି ଶୁଣି ରାତିରେ ଶୋଇବ । ବଡ଼ବର୍ଷାରେ ଘାଇ ଭାଙ୍ଗିଲେ ହେବ ନିମକ୍‌ହାରାମ୍, ବଳଦକୁ ଫାଟୁଆ ହେଲେ ହେବ ଠକ, ଖଳାରେ ଶୁଖି ପାଚିଲା ଧାନକେଣ୍ଡା ଦା ମୂଳରେ ଛିଣ୍ଡି ପଡ଼ିଲେ ହେବ ଚୋର ! ଇମିତି ମଣିଷ କେତେଦିନ ଚଳିପାରିବ କହିଲ ! ଘରେ ତ ସେ କହୁଛି, ଆସନ୍ତା ସନ ମୁଁ ତାଙ୍କର ପାଇଟି କଲେ ସେ ହାତପଇ ଦେଇ ଗୁଳିଯିବ !" ମନ ବିରକ୍ତିରେ ନଟବର କିମିତି ରୂପ ଧରି ଘରକୁ ଫେରନ୍ତି ଅନୁମାନ କରି ନନା ରଗିଲା ପରି କହିଲେ, "ଆରେ ତୁ ତ ହୁଡ଼ୁମ୍ବାଟେ, ଦାଣ୍ଡରୁ ଯାଇ ଘରେ ମାଇପ ଉପରେ ରାଗ ସାଧୁଛୁ ! ତତେ ମୁଁ ପାରିବି ନାଇଁ ; ତତେ ନିମକ୍‌ସଚା ନିରଳସ ସାଧୁପୁରୁଷ ବୋଲି କହିଲେ ଯାଇ ତୁ କାମ କରିବୁ ପରା ! ଗଙ୍ଗା କହିଲେ ରହିବୁ, ଗାଙ୍ଗୀ କହିଲେ ଯିବୁ । ତତେ ସେଇ ସାଆନ୍ତ ଭଲ, ଯା !" ନଟିଆ

ଗଲା ନାହିଁ ରହିଲା । ଖାଲି ରହିଲା ନାହିଁ ନୁହେଁ, ମୋର ଦୁଷ୍ଟାମିର ପୁରସ୍କାର ମୁଁ ତାଠାରୁ ଗାଲରେ ପିଠିରେ ପାଇଛି । ନନା ବୋଉକୁ ବୁଝାନ୍ତି, "ପାଇଟିଆଳଟା ତମ ଘରକୁ, ତମ ଜମିକୁ ତା'ର ବୋଲି ବିଚାରିବ; ତେବେ ଯାଇ ସେ କାମ କରିବ । ସକାଳୁ ଯଦି ଲୋକଟିକୁ ଥରେ ଫଣ ଫଣ ହୋଇ 'ଶଳା' କହିଲ, ତେବେ ସେଦିନ ତା'ଠାରୁ ଅଧାକାମ ପାଇବ । ହସି କରି, 'କାଲି କ'ଣ ଖାଇଥିଲୁ' ବୋଲି ଥରୁଟାଏ ପଚାରିଦେଲେ ସେ ଦିନକରେ ଦେଢ଼ଟା ମୂଲର କାମ କରିବ ।" ହସ୍ତପ୍ରବେଶାତ୍ ବାହୁପ୍ରବେଶ ! ନନା କକେଇ ହେବାରୁ, ବୋଉ ଖୁଡ଼ୀ, ମୁଁ ତ ସାନଭାଇ ସେ ବଡ଼ ଭାଇ । ସାନ ଭାଇ ସ୍କୁଲକୁ ନ ଗଲେ କାନମୋଡ଼ାଟାଏ ତ, ଅନ୍ୟ ପିଲାଙ୍କ ସଙ୍ଗେ ଫୌଜଦାରି କଲେ ଗୁପୁଚୁପ୍ ଦି'ଗୁପୁଡ଼ା ଦେବା ତା'ର ଅଧିକାରଭୁକ୍ତ ହୋଇଗଲା । ସେ ରହିଲା ଯେ ନନା ମଲାପରେ ଆମର ସର୍ବସ୍ୱ ଯିବାରୁ କାନ୍ଦି କାନ୍ଦି ଅନ୍ୟ ସାଆନ୍ତଙ୍କର କାମ କଲା । କିନ୍ତୁ ମନଟା ଥାଏ ଆମଠାରେ ।

## ସବୁ ଚାକିରି ଏକ

ଏ ବିଷୟରେ ସାନ ଚାକର ବଡ଼ ଚାକର ସମାନ । ନଟିଆ ଯେପରି ଖାଲି ପେଟକୁ ଦାନା ପାଇଗଲେ ସନ୍ତୁଷ୍ଟ ନୁହେଁ, ତୁମେ ଚାକିରି କଲେ ସେହିପରି ଖାଲି ଦରମା ପୁଞ୍ଜାକରେ କ'ଣ ସନ୍ତୁଷ୍ଟ ରହି ପାରିବ ? ନଟିଆ ମାଟିର ମୂଲିଆ, ଭଲ କଥା ପଦେ କହି-ଦେଲେ ତା'ର ସନ୍ତୋଷ । ତୁମେ ଗୁଡ଼ାଏ ପାଠ ପଢ଼ିଛ, ଖାଲି କଥାରେ କ'ଣ ସନ୍ତୁଷ୍ଟ ହୋଇ ପାରିବ ? ଭଲକଥା ମୂଳରେ ଆନ୍ତରିକତା ଅଛି କି ନାହିଁ ବୋଲି ତଳକୁଳର ବିନ୍ଦୁ ଗଣିବାକୁ ତ ନିଶ୍ଚୟ ବସିବ ! ନଟିଆ ଯେଉଁ କାମ କରୁଛି ତାହା ପ୍ରତ୍ୟକ୍ଷରେ ଖାଦ୍ୟ ଉତ୍ପାଦନ । ତୁମେ ଚାକରିଆ ହୋଇ ଯାହା କରୁଛ, ତାହା

ପରୋକ୍ଷରେ ଲୋକଙ୍କର ମଙ୍ଗଳକର ହୋଇପାରେ, କିନ୍ତୁ ପ୍ରତ୍ୟକ୍ଷରେ ତୁମେ ସମାଜ ଉପରେ ମଲଙ୍ଗ ପରି ବଢ଼ିବ । ଏଥିରେ ମାନସିକ ସନ୍ତୋଷ ଆସିବ ନାହିଁ । ମାନସିକ ସନ୍ତୋଷର ଅଭାବରେ, ଶରୀର ନିରାମୟ ରହେ ନାହିଁ, ଆୟୁ କ୍ଷୟ ହୁଏ ।

## ସମସ୍ତେ ଚାକିରିମୁହାଁ ହେବାର ପରିଣାମ

ଏହାର ପ୍ରମାଣ ପ୍ରତିଦିନ ଆଖି ଆଗରେ ଦିଶୁଛି, କିନ୍ତୁ ଏ ଦେଶର ପରିସ୍ଥିତିରେ ତାହା ଦେଖି ନ ଦେଖିଲାପରି ସମସ୍ତେ ଚାକିରିମୁହାଁ ଧାଇଁଛନ୍ତି । ଏହାରି ବ୍ୟତୀତ ଦେଶର ନବଯୁବକଙ୍କ ଆଗରେ ଅନ୍ୟପନ୍ଥା ଦିଶୁନାହିଁ । ଯେଉଁମାନେ ଚାକିରି କରି ନିଜର ସ୍ୱାଧୀନ ଚିନ୍ତା ହରାଇଛନ୍ତି ସେଇମାନଙ୍କ ନିର୍ଦ୍ଦେଶରେ ଇଂରେଜ ଅମଳ ବିଦ୍ୟାଳୟମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି—ପ୍ରତିବର୍ଷ ପ୍ରାଇମେରୀ ସ୍କୁଲ, ମାଇନର୍ ସ୍କୁଲ, ହାଇସ୍କୁଲ, କଲେଜଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି । ପ୍ରତିବର୍ଷ ଅଧିକରୁ ଅଧିକ ଯୁବକ ଚାକିରିପ୍ରାର୍ଥୀ ହୋଇ ବାହାରୁଛନ୍ତି । ସେମାନଙ୍କୁ ବିଭିନ୍ନ ଚାକିରିରେ ଭୁଞ୍ଜାଇ ଦେବାର ନାମ ହୋଇଛି, ଦେଶର ଉନ୍ନୟନ-ଯୋଜନା ।

ଦେଶର ବେକାର ସମସ୍ୟାର ସମାଧାନ ପାଇଁ ଯେଉଁ ଉଦ୍ୟମ ହେଉଛି ତାହାର ପ୍ରତ୍ୟକ୍ଷ ଫଳସ୍ୱରୂପ ବେକାର ସମସ୍ୟା ହୁହୁ ହୋଇ ବଢ଼ିବାରେ ଲାଗିଛି । ଯେଉଁ ସଂଖ୍ୟାରେ ଯୁବକ ଯୁବତୀ କଲେଜର ଟିକିଲି ମାରି ଦାଣ୍ଡକୁ ବାହାରୁଛନ୍ତି ତାଙ୍କୁ ଆଜି ଦଶବର୍ଷ ପରେ କିପରି କାର୍ଯ୍ୟରେ ଲଗାଇବାକୁ ହେବ ସେକଥା କେହି ବିଚାରିଲା ପରି ମନେ ହେଉ ନାହିଁ । ଉପରଠାରୁ ତଳ ପର୍ଯ୍ୟନ୍ତ ସମସ୍ତଙ୍କର ଏକ ଲକ୍ଷ୍ୟ—ଡୋକେ ପି', ଦଣ୍ଡେ ଜି-ଇ-ଇ । ଏ ଭଳି ସଂକୀର୍ଣ୍ଣ ଦୃଷ୍ଟିରେ ଦେଶ ଆଗେଇବା ଅସମ୍ଭବ ; ନିଜେ ମଧ୍ୟ ବୋଧ ହୋଇ ରହିବା ଦୁଃସାଧ୍ୟ ।

ପ୍ରଥମ ପଞ୍ଚ-ବାର୍ଷିକ ଯୋଜନା ତିନବର୍ଷ ଚାଲିଲା ପରେ 'ଶିକ୍ଷିତ-ବେକାର' ସମସ୍ୟା ବଡ଼ ଉତ୍କଟ ହେବାରୁ ଯୋଜନା କମିସନ୍ ଯୋଜନା କାଟଛାଣ୍ଟ କରି ବ୍ୟବସ୍ଥା ଦେଲେ, ଶିକ୍ଷିତ ବେକାରଙ୍କୁ ଲଗାଇ ଗାଁ ଗହଳରେ ଅଧିକରୁ ଅଧିକ ପ୍ରାଇମେରୀ ସ୍କୁଲ ବସାଅ। ପ୍ରାଇମେରୀ ସ୍କୁଲ ଗୁଡ଼ାଏ ୩।୪ ବର୍ଷ ଚାଲିଲେ ବହୁତ ଅଧିକ ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରୟୋଜନ ହେବ। ଉଚ୍ଚ ବିଦ୍ୟାଳୟ ସଂଖ୍ୟା ଯେତିକି ବଢ଼ିବ ସେତିକି ଅଧିକ କଲେଜର ପ୍ରୟୋଜନ ହେବ। ଆଧୁନିକ ଧରଣର ସ୍କୁଲ କଲେଜରୁ ଯେଉଁମାନେ ଉତ୍ତୁରିବେ ସେମାନେ ତ ଗାଁକୁ ଯିବେ ନାହିଁ, ଖରାବର୍ଷା ଶୀତରେ ବିଲକାମ ପରିପାରିବେ ନାହିଁ। ତାଙ୍କୁ କାମ ଯୋଗାଇବାକୁ ପୁଣି ସ୍କୁଲ କଲେଜ ବସାଇ ଚାକିରି ଖଞ୍ଜିବାକୁ ହେବ।

ଏ ସ୍ଥିତି ଯେ ଏଇପରି ଆଉ ବେଶି ଦିନ ଚାଲି ପାରିବ ନାହିଁ, ତାହା ଦେଶର ଅନେକ ଲୋକ ବୁଝିବାକୁ ଆରମ୍ଭ କଲେଣି। ଯେଉଁମାନେ କାଲି ନୂଆ ଇସ୍କୁଲ ବସାଇବାକୁ ଲୋକଙ୍କୁ ଉତ୍ସାହିତ କରୁଥିଲେ, ଆଜି ସେଇମାନେ ନିଜେ ଲେଉଟି କଥା କହି ଲୋକଙ୍କୁ ବିସ୍ମିତ କଲେଣି। ଏବେ ଆମ ଶିକ୍ଷା ବିଭାଗ ଡାଇରେକ୍ଟର, ନୂଆ ସ୍କୁଲ ଯେପରି ନ ବସିବ ସେପରି ବ୍ୟବସ୍ଥା କରିବାକୁ ବାହାରିଛନ୍ତି। ବିଦ୍ୟାଳୟଗୁଡ଼ିକ ଏବେ ଯେପରି ଚାକିରିଆ ଉତ୍ପାଦନ କାରଖାନା ମାତ୍ର ହୋଇଛି ସେଥିରେ ସ୍କୁଲ ସଂଖ୍ୟା ଟିକିଏ କମିଯିବା ଦେଶର ଖଜଣାଖାନା ପକ୍ଷରେ ଅନୁକୂଳ। କିନ୍ତୁ ଦେଶର ଯୁବକମାନେ କରିବେ କଣ, ସେଥିପାଇଁ ସୁଚିନ୍ତିତ ଯୋଜନା ନ କରି ଖାଲି କାଟ-କୁଟ କରିବାକୁ ବସିଲେ ଲୋକେ ଉତ୍ତ୍ୟକ୍ତ ନ ହେଲେ ବି ନିରାଶ ତ ହେବେ, ସେଇଆ ହେଉଛନ୍ତି।

## ଇଂରେଜ ଅମଳରେ ଚାକିରିଆର ଆଦର୍ଶ

'ଚାକିରି କରି ପେଟ ପୋଷିବା'—ଏଇ ଲକ୍ଷ୍ୟ ଶିକ୍ଷକ, ଛାତ୍ର, ରାଜା ପ୍ରଜା ସମସ୍ତଙ୍କୁ ଗ୍ରାସ କରିଥିବାରୁ, ଚାକିରି ନ କରି କ'ଣ କରିବା ସେଥିକୁ ବୁଦ୍ଧି ବଳୁନାହିଁ । ଚାକିରିଆ ମନୋବୃତ୍ତିରେ ନିଜର ଦରମା, ଭତ୍ତା, ଛୁଟି, ପେନ୍‌ସନ୍—ନିଜର ସ୍ୱାର୍ଥ, ବଡ଼ ହେବାର କଥା । ଏପରି ସ୍ୱାର୍ଥବୁଦ୍ଧିରେ ନିଜର ଭଲ ହେଉ ନହେଉ, ମାଲିକର ଭଲ ହୁଏ ନାହିଁ । ସରକାରି ଚାକିରିଆର ମାଲିକ ଲୋକେ । ଲୋକଙ୍କର ଯଥାର୍ଥ ମଙ୍ଗଳ ନ ହେଲେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ସରକାର ଉପରେ ଆଞ୍ଚ ଆସିବ, ଚାକିରିଆଙ୍କର ଭେଳା ବୁଡ଼ିବ । ତେଣୁ ପ୍ରତ୍ୟେକ ସରକାର ମନରେ ହେଉ ବା ବଚନରେ ହେଉ, ଲୋକ ମଙ୍ଗଳର ଆଦର୍ଶ ନିଜ ଆଗରେ ଓ ସରକାରି ଚାକିରିଆଙ୍କ ଆଗରେ ସବୁବେଳେ ଯତ୍ନର ସହିତ ରଖୁଥାନ୍ତି । ଇଂରେଜମାନେ ଲୋକଙ୍କ ଆଗରେ ରାଜନୈତିକ ସ୍ୱାଧୀନତାର ଚିତ୍ର ସବୁବେଳେ ରଖୁଥିଲେ । ସେମାନେ ଯେପରି ଶାସନ ଚଳାଇଛନ୍ତି, ଯେପରି ପାଠ ପଢ଼ାଇଛନ୍ତି, ସେଥିରେ ଆସ୍ତେ ଆସ୍ତେ ଭାରତର ଲୋକେ ନିଜର ଦେଶକୁ ନିଜେ ଶାସନ କରିପାରିବେ ଏଇକଥା ସିପାହୀ ବିଦ୍ରୋହର ଅବ୍ୟବହିତ ପରେ ଇଂରେଜ ସରକାର ଘୋଷଣା କରିବାରେ ଲାଗିଲେ । ତାଙ୍କ ଆଶା ଥିଲା, ଏଇ ପ୍ରବୃତ୍ତିର ଫଳରେ ଲୋକେ ଇଂରେଜଙ୍କୁ ଅନୁକରଣ କରିବାରେ ଲାଗିଯିବେ ଓ ଯେତେ ଅନୁକରଣ କରିବେ ସେତିକି ସେତିକି ଅସହାୟ ଓ ପରମୁଖାପେକ୍ଷୀ ହେବେ ।

ଏହା କେତେକାଂଶରେ ସଫଳ ହୋଇଥିଲା । ଇଂରେଜ-ଶିକ୍ଷିତ ଦେଶର ସଂସ୍କୃତିକୁ ଅବଜ୍ଞା କଲେ, ଭାରତୀୟ ଲୋକେ. ବଡ଼

ଗୃହକର ପାଆନ୍ତୁ, କଳା ଲୋକେ ଆଇ.ସି. ଏସ୍.ରେ ବେଶୀ ସଂଖ୍ୟାରେ ଯାଆନ୍ତୁ—ଏହା କାଂଗ୍ରେସ୍ ଆନ୍ଦୋଳନର ପ୍ରଧାନ ଧ୍ୱନି ହେବାକୁ ଲାଗିଲା । ଯେଉଁ ପ୍ରଦେଶର ଯେତେ ଲୋକ ବିଲାତରେ ଯାଇ ପାଠପଢ଼ି ଆସିଲେ ସେଇ ପ୍ରଦେଶ ସେଇ ପରିମାଣରେ ଉନ୍ନତ ବୋଲି ଧରାଗଲା । ମହାତ୍ମାଗାନ୍ଧି ଏହି ଗୋଲକଧନ୍ଦାରୁ ଦେଶକୁ ଉଦ୍ଧାର କରି ନ ଥିଲେ ଆଜି କେତେ ଦିନ ପୂର୍ବ ରୀତି ଚାଲିଥାନ୍ତା ।

ମହାତ୍ମାଜୀ ସମଗ୍ର ଦେଶର ଦୃଷ୍ଟି ଏପରି ଫେରାଇ ଦେଲେ ଯେ ୧୯୨୦ ଠାରୁ ପ୍ରାୟ ୩୦ ବର୍ଷ 'ଇଂରେଜିଆନା' ପ୍ରତି ଲୋକେ ଏକାବେଳକେ ବିମୁଖ ହୋଇଗଲେ । ଗୃହକରିଆଙ୍କୁ 'ଖଇର ଖାଁ' ଓ 'ଯୋ ହୁକୁମ' ବୋଲି ତାଚ୍ଛଲ୍ୟ କରାଗଲା । ଭାରତର ଅତୀତ ସଂସ୍କୃତି ପ୍ରତି ଆଦର ବଢ଼ିଲା । ଲୋକେ ଇଂରେଜ ଶାସନ ପରିବର୍ତ୍ତେ ରାମ-ରାଜ୍ୟ ଲୋଡ଼ିଲେ ।

## ଚରଣଚୁଟିଆ ନୀତି

ଇଂରେଜଶାସନ ଗଲା, କିନ୍ତୁ ରାମରାଜ୍ୟ ଫେରିଲା ନାହିଁ । ସ୍ୱାଧୀନତା-ଆନ୍ଦୋଳନର ଶେଷରେ ମହାତ୍ମାଜୀ ରାମରାଜ୍ୟର ରୂପରେଖ ପରିଷ୍କାର କରି ପାରି ନ ଥିଲେ । ପୁଣି ଏ ବିଷୟରେ ତାଙ୍କର ଧାରଣା ତାଙ୍କ ଅନ୍ତରଙ୍ଗ ସହକର୍ମୀମାନେ ମଧ୍ୟ ଗ୍ରହଣ କରିବାକୁ ଅସମର୍ଥ ହେଲେ । ସ୍ୱାଧୀନତା ମିଳିବାପରେ ରାଜନୀତିକ କ୍ଷମତା ପାଇଁ କଂଗ୍ରେସ ଦଳ କ୍ଷମତାର ମୋହରେ ପଡ଼ିଗଲେ ବୋଲି କହିଲେ ଚଳେ । ସବୁଯାକ ବଡ଼ ନେତା କେନ୍ଦ୍ର ଓ ରାଜ୍ୟମାନଙ୍କର ଶାସନ-ଗାଦିକୁ ଉଠିଗଲେ । କଂଗ୍ରେସର ଦଳ-ସଂସ୍ଥା ଦ୍ୱିତୀୟ ଶ୍ରେଣୀର ନେତାଙ୍କ ହାତକୁ ଗଲା । ଯେଉଁମାନେ ମହାତ୍ମାଜୀଙ୍କ ଆର୍ଥନୀତିକ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ, ସେମାନେ କଂଗ୍ରେସରୁ

ବାହାରଯାଇ ସ୍ୱତନ୍ତ୍ର ଭାବରେ ରହିଲେ । କଂଗ୍ରେସ ସରକାରମାନଙ୍କର ଲକ୍ଷ୍ୟ ରହିଲା, ଯେ କୌଣସିମତେ ଇଂରେଜ ଢାଞ୍ଚାରେ ସରକାର ଚଳାଇବା ।

ସ୍ୱାଧୀନତା ପ୍ରାପ୍ତିରେ କେବଳ ରାଜମୁକୁଟ ଶରୀରର ମୁଣ୍ଡ ବଦଳିଗଲା । ଗଣ୍ଡିଟା ଯେପରି ଥିଲା ସେଇପରି ରହିଲା । ଯେଉଁମାନେ ମୁଣ୍ଡିଆଳ ହେଲେ ସେମାନଙ୍କର ଶାସନ ବିଷୟରେ କୌଣସି ଅଭିଜ୍ଞତା ନ ଥିଲା । ସେମାନଙ୍କ ସାରାଜୀବନର ସାଧନା ଥିଲା ବକ୍ତୃତା ଦେଇ ଲୋକଙ୍କୁ ପ୍ରଭାବିତ କରିବା । ମଝିରେ ବିଦେଶୀ ଶାସକମାନେ ଥିବାରୁ ଏ ବକ୍ତୃତା ଲୋକଙ୍କୁ ଚମତ୍କୃତ କରୁଥିଲା, ସ୍ଥଳ ବିଶେଷରେ ଉଦ୍ଦୀପିତ ବି କରୁଥିଲା । ଇଂରେଜ ଚାଲିଯିବାରୁ ନେତାଙ୍କ ବକ୍ତୃତାରୁ ଉଷ୍ମ ଛାଡ଼ି ଯିବାର କଥା । ଲୋକଙ୍କୁ ଉଦ୍ଦୀପିତ କରିବାରେ ତାହା ସମର୍ଥ ନ ହେବାର ଦେଖି ନେତାମାନେ ବୈଷୟିକ ସୁଖ ଭୋଗର ଆଶାରେ ଲୋକଙ୍କୁ ପ୍ରଲୋଭିତ କରିବାକୁ ବସିଲେ । 'ସମସ୍ତେ ସୁଖରେ ରହିବେ ; କାହାରି ବେମାରି ରହିବ ନାହିଁ ; ପ୍ରତ୍ୟେକଙ୍କର ରୋଜଗାରରେ ଖାଲି ଯେ ଅଭାବ ପୂରଣ ହେବ ତାହା ନୁହେଁ, ସୁଖ-ସ୍ୱାଚ୍ଛନ୍ଦ୍ୟ, ବିଳାସ ଓ ସୌଖୀନ୍ ପାଇଁ ମଧ୍ୟ ପଇସା ଅଣ୍ଟିବ ।' ଏ ଦେଶରେ ଏ ଡାକ ଦୂରରୁ କେହି ଦେଇ ନ ଥିଲେ । ପ୍ରଥମେ ପ୍ରଥମେ ଲୋକେ ଏ ଜାଲରେ ପଡ଼ିଗଲେ । କିନ୍ତୁ କ୍ରମେ ଲୋକେ ଅନୁଭବ କଲେ ଯେ ରୋଜଗାରରେ ନିଜ ପେଟ ରୁଟିଖଣ୍ଡିକ ବି ପୂରୁନାହିଁ । ଯେଉଁମାନେ ଅନ୍ୟଙ୍କୁ ଭୋଗର ଆଶା ଦେଖାଇଥିଲେ, ସେମାନେ ନିଜେ ସବୁତକ ଭୋଗ ମାରି ନେଉଛନ୍ତି ବା ବଳେ ବଳେ ପାଇ ଯାଉଛନ୍ତି । ଯେଉଁମାନଙ୍କର ମଙ୍ଗଳ ହେବାପାଇଁ ପ୍ରଚାର ହେଉଛି, ସେମାନଙ୍କର ଅବସ୍ଥା କ୍ରମେ କ୍ରମେ ଖୁବ୍ ଖରାପ ହେଉଛି । ଏ ଦେଶର ପାରମ୍ପରିକ ସଂସ୍କୃତି ଏମିତି ଯେ ଯେତେ ଦୁଃଖକଷ୍ଟ

ପାଇଲେ ମଧ୍ୟ ଲୋକେ ଉତ୍ତ୍ୟକ୍ତ ନ ହୋଇ ଭଗବାନଙ୍କର ଦୋହି ଦେଇ ଦୀର୍ଘ ନିଶ୍ୱାସ ପକାନ୍ତି । ଆଜ ଦେଶର ବୁଭୁକ୍ଷୁ ଜନସାଧାରଣ ସେଇ ଦୀର୍ଘ ନିଶ୍ୱାସ ପକାଇବାକୁ ଆରମ୍ଭ କରିଛନ୍ତି, ଗାଁ ଗହଳରେ ଦେଖୁଥିବ ।

ମୁଖ୍ୟତଃ ଏ ନିଶ୍ୱାସର ହକ୍‌ଦାର ନେତାମାନେ ହେବାର କଥା । ରାଜ୍ୟଯାକର ପାପର ଫଳ ରାଜାଙ୍କୁ ମୁଣ୍ଡାଇବାକୁ ପଡ଼େ । କିନ୍ତୁ ରାଜା ଅର୍ଥାତ୍ ମନ୍ତ୍ରୀମାନେ ଆଜ ଉପରସ୍ତର ସରକାରି ଗୃହକର୍ତ୍ତାଙ୍କ କ୍ରୀଡ଼ାପୁତ୍ତଳିକା ହୋଇଛନ୍ତି । ପୂର୍ବରୁ ଲେଖିଛି, ସେମାନଙ୍କର ଦେଶଶାସନ ବିଷୟରେ ଅଭିଜ୍ଞତା ନଥିଲା । ତାହା ଅର୍ଜନ କରିବାକୁ ସେମାନଙ୍କର ଉତ୍କଣ୍ଠା ନାହିଁ କି ଅବସର ନାହିଁ । ବଡ଼ବଡ଼ିଆ ଦଳ ସଜାଡ଼ିବାରେ ଲାଗିଛନ୍ତି, ଓ ମଧ୍ୟଭିଳିଆ ଓ ତଳିଆ ନେତାମାନେ ନିଜର ଅର୍ଜନ ବଢ଼ାଇବାରେ ଲାଗିଛନ୍ତି । ଅସଲ ଶାସନ କାର୍ଯ୍ୟ ଓ ତାହାର ନିୟନ୍ତ୍ରଣ କର୍ମଚାରୀ-ଗୋଷ୍ଠୀ ଓ ସେମାନଙ୍କ ମୁଣ୍ଡିଆଳମାନଙ୍କ ଉପରେ ପଡ଼ିଛି ।

ଏମାନେ କିଏ ଭଲ କରି ବୁଝିବା ଦରକାର । ଆଇ. ସି. ଏସ୍.ର ଯେଉଁମାନେ ଅବଶିଷ୍ଟ ସେଇମାନେ ବର୍ତ୍ତମାନ ଦେଶର ସର୍ବମୟ କର୍ତ୍ତା । ଏମାନେ ସ୍ୱାଧୀନତା ଆନ୍ଦୋଳନ ବେଳେ, ଆମ ନେତାଙ୍କ ଦୃଷ୍ଟିରେ ଥିଲେ 'ଗୋଲାମ', ନିଜ ସହକର୍ମୀ ଇଂରେଜ ଆଇ. ସି. ଏସ୍.ଙ୍କ ଦୃଷ୍ଟିରେ ଥିଲେ, ସ୍ୱାର୍ଥସର୍ବସ୍ୱ ଦେଶଦ୍ରୋହୀ । ଦୁଇଆଡ଼ର ଘୃଣାରେ ଏମାନେ ହୋଇଯାଇଛନ୍ତି, ମନୁଷ୍ୟଘୃଣା । ଇଂରେଜ ଅଫିସର ଚାଲି ଯିବାପରେ ଏମାନେ ନିଷ୍କଣ୍ଟକ ଓ ନେତାମାନଙ୍କ କ୍ଳୀବତା ଯୋଗୁଁ ଏମାନେ ଅସପତ୍ନ । ଲୋକଙ୍କଠାରୁ ବହୁ ଉଚ୍ଚରେ ନିଜ କ୍ଷମତା-ଦୁର୍ଗରେ ରହି ଏମାନେ ଦେଶର ଅବସ୍ଥା ଆଖିରେ ଦେଖି ନ ପାରି କଳ୍ପନାରେ ଅନୁମାନ କରୁଛନ୍ତି ଓ ତାହାର

କାଳ୍ପନିକ ସମାଧାନ ବ୍ୟବସ୍ଥା ଶାସକଙ୍କୁ ଦେଉଛନ୍ତି । ଅନ୍ୟ କର୍ମୀବୃନ୍ଦମାନେ ଏଇମାନଙ୍କୁ ସନ୍ତୁଷ୍ଟ ରଖିବାକୁ ଏଇମାନଙ୍କ ଆଚାରବ୍ୟବହାର ଚାଲିଚଳନକୁ ଅନୁକରଣ କରିବାରେ ଲାଗିଛନ୍ତି । ଏମାନଙ୍କ ପ୍ରଭାବ ଏପରି ବଢ଼ିଯାଇଛି ଯେ, ପୂର୍ବ କଂଗ୍ରେସନେତାଦେଶର ମନ୍ତ୍ରୀ ଓ ତାଙ୍କ ପିଲାକବିଲା,ଏଇମାନଙ୍କର ଓ ୟାଙ୍କର ପିଲାକବିଲାଙ୍କର ପୋଷାକ ପରିଚ୍ଛଦ ପର୍ଯ୍ୟନ୍ତ ଅନୁକରଣ କରିବାର ଦେଖାଯାଉଛି । ବେଳେବେଳେ ଲୋକଙ୍କ ସମାଲୋଚନାର ତାଡ଼ାରେ ମନ୍ତ୍ରୀମାନେ ଏଇମାନଙ୍କ ଦୁର୍ନୀତିର ଦୁହାଇ ଦେଉଛନ୍ତି, କିନ୍ତୁ ଏମାନେ ଗୋଷ୍ଠୀ ବାନ୍ଧି ଯେଉଁ ପରମ୍ପରା ସୃଷ୍ଟିକଲେଣି, ଶାସକ ମନ୍ତ୍ରୀମାନେ ଜାଣିତରେ ଓ ଅଜାଣିତରେ ଏଇମାନଙ୍କ ପାଲରେ ପଡ଼ି ରହିଛନ୍ତି । ଗତ ୧୦।୧୧ ବର୍ଷରେ କଂଗ୍ରେସ ଯେ ଲୋକପ୍ରିୟତା ହରାଇଛି ତାହାର ମୂଳରେ ଏଇ କାରଣ ।

ଆଜି ବହୁସଂଖ୍ୟାରେ ଦେଶର କୃତବିଦ୍ୟ ଯୁବକ ବଡ଼ ବଡ଼ ଚାକିରିରେ ଢୁକୁଛନ୍ତି, କିନ୍ତୁ ଉପରବାଲାଙ୍କ ଦୁର୍ଗ ପ୍ରତିରୋଧ କରିବା ପୂର୍ବରୁ ଦରମା ଓ ପଦୋନ୍ନତିର ପ୍ରଲୋଭନରେ ଏଇମାନଙ୍କ ଖାପଚରେ କଛି ଧନ ପଡ଼ିଯିବାଫଳରେ ଏମାନେ ତାଙ୍କ ସଙ୍ଗେ ଏକାକାର ହୋଇ ଯାଉଛନ୍ତି । ସ୍ୱାଧୀନ ଭାରତର ନବଯବାନମାନେ ମଧ୍ୟ ଉଚ୍ଚ ଚାକିରିରେ 'ସାହେବ' ହେଉଛନ୍ତି, ନିଜର ବାପମାଙ୍କଠାରୁ ସେମାନଙ୍କର ସଂପର୍କ ଛୁଟି ଯାଉଛି । ସମସ୍ତ ଯୋଜନା ସତ୍ତ୍ୱେ ସେଇଥି ଯୋଗୁଁ ଦେଶର ସାଧାରଣ ଲୋକଙ୍କ ଅବସ୍ଥାର କ୍ରମେ ଅଧୋଗତି ହେଉଛି । ରାଷ୍ଟ୍ରର ସମସ୍ତ ଉନ୍ନୟନ-ଉଦ୍ୟମର ଫଳ ଏଇ ବଡ଼ ଚାକିରିଆଙ୍କ ପାଖେ ରହିଯାଉଛି ; ଧନ ଓ ମାନରେ ଏମାନଙ୍କୁ ଛୁଆଁଜ କରି ପାରୁଥିବା ବେପାରୀ, କଳାବଜାରୀମାନେ ମଧ୍ୟ ହୃଷ୍ଟ ହୋଇ ଉପରକୁ ଉଠି ଯାଉଛନ୍ତି ।

ବଡ଼ ଗୃକରଆମାନେ ବର୍ତ୍ତମାନ ଏପରି ମଦୋନ୍ମତ୍ତ ହୋଇ-ଗଲେଣି ଯେ, ନିଜର ଅଧୀନସ୍ଥ କର୍ମଚାରୀମାନେ ଆଉ ସେମାନଙ୍କ ଆଖିକୁ 'ସହକର୍ମୀ' ପରି ଦିଶୁନାହାନ୍ତି, ଦିଶୁଛନ୍ତି ଗୃକର ପରି । ଗୁଣ ଚାହ୍ଣା ହେଉନାହିଁ, ନିରଳସ ନିଷ୍ଠାର ପୁରସ୍କାର ମିଳୁନାହିଁ । ଭଲ କର୍ମଚାରୀମାନେ ନାନାଭାବରେ ଲାଞ୍ଛିତ ଓ ନିର୍ଯ୍ୟାତିତ ହେଉଛନ୍ତି । ଏହି ଗୋଲକଧନ୍ଦାରେ ପଡ଼ି ସମସ୍ତେ ହୋଇଗଲେଣି ଚରଣଚୁଟିଆ, ଉପରବାଲାଙ୍କ ଗୋଡ଼ ଧରୁଛନ୍ତି ଓ ତଳବାଲାଙ୍କ ଚୁଟି ।

ଏଇ ଅବସ୍ଥାରେ ପ୍ରଧାନ ବିଚାର୍ଯ୍ୟ ବିଷୟ, ଦେଶର ସବୁ ଉଚ୍ଚ କୃତବିଦ୍ୟ ତେଜସ୍ୱୀନ୍ ଯୁବକ ଯଦି ଏଇ ଗୃକରିରେ ଭୁକ୍ତି ହୋଇଯିବେ ତେବେ ଗତି କୁଆଡ଼େ ହେବ । ବଡ଼ ଗୃକରଆ ନିଜର ଦୁର୍ବୃତ୍ତିରେ ଶେଷରେ ନିଜେ ଅସ୍ତ ହେବେ, ସାନସାନମାନେ ସେମାନଙ୍କ ହାତ ପିଷ୍ଟ ହୋଇ ନିଜେ ତ ଦହସତ୍ ସହୁଛନ୍ତି, ନିଜର ପିଲାପିଲାଙ୍କ ଉପରେ ଏହାର ଛାପ ପଡ଼ି ସେମାନଙ୍କୁ ମଧ୍ୟ ଅମନୁଷ୍ୟ କରିବାର କାରଣ ହେବ ।

## କାଳ ଯାଉଛି, ପେଟ ପୂରୁ ନାହିଁ

ଥରେ ମୁଁ ଜଣେ ଚୁଟିଆ କର୍ମଚାରୀଙ୍କ ଘରେ ଅତିଥି ହୋଇ-ଥିଲି । ଉପରେ ଯାହା ଲେଖିଗଲି ସେଇ ଢଙ୍ଗରେ ସେ ନିଜର ଦୁଃଖ ବର୍ଣ୍ଣନା କରିବା ଭିତରେ ନିଜ ଉପରିସ୍ଥ କର୍ମଚାରୀ ଓ କେତେକ ମନ୍ତ୍ରୀଙ୍କର ଚରିତ୍ରହୀନତା, ଲୋଭ ଓ ଅବିଚାର ବିଷୟରେ ଅଶ୍ରାବ୍ୟ ଆଲୋଚନା କଲେ । ତାଙ୍କ ପୁଅ, ଝିଅ ଓ ସ୍ତ୍ରୀ ସବୁ ଶୁଣୁଥାନ୍ତି । ବୁଝିଲି, ଏହା ସେମାନେ ବହୁବାର ଶୁଣିଛନ୍ତି, ଏସବୁ ସେମାନଙ୍କର ଦେହସୁହା ହୋଇଗଲାଣି । ଏକୁଟିଆବେଳେ ମୋ ବନ୍ଧୁଙ୍କୁ ପଚାରିଲି, "ଆଜି ଯାହା କହିଲ, ମୁଁ ତାହାର ପ୍ରକାଶ୍ୟ ବ୍ୟବହାର କରି

ପାରିବ ? ତୁମେ ଏହା ଦାଣ୍ଡରେ କହି ପାରିବ ?" ସେ ଉଠିଗଲେ । ସେ ଏପରି କହିଛନ୍ତି ବୋଲି ଯଦି ଜଣାପଡ଼େ ତେବେ ତାଙ୍କର ଚାକିରି ଖଣ୍ଡି ଯେ ମାନେ ମାନେ ଚାଲିଯିବ ଏ ବିଷୟରେ ତାଙ୍କର ସନ୍ଦେହ ନ ଥାଏ । ମୁଁ ପଚାରିଲି, "ଘରେ ପ୍ରକାରେ ଓ ବାହାରେ ପ୍ରକାରେ ଚଳିବାଦ୍ୱାରା ନିଜର ପୁଅଙ୍କ ଚରିତ୍ର ଉପରେ କି ପ୍ରଭାବ ପଡ଼ୁଛି ଜାଣୁଛ ତ ? ସେମାନେ କି ଧରଣର ମଣିଷ ହେବେ ?" ସେ କହିଲେ, "ଆଜ୍ଞା ସେ କଥା କ'ଣ ମୁଁ ନ ବୁଝୁଛି ? କିନ୍ତୁ କରିବି କ'ଣ ? ଚଳିବାକୁ ତ ହେବ !"

ଏ ଚଳିବାର ପୁଣି ଅର୍ଥ କ'ଣ ? ନିଜ ଦେହକୁ ଯାହା ଭଲ ତା' ଖାଇବା, ମନକୁ ଯାହା ଭଲ ସେପରି କରିବା—ଏ ସବୁ 'ଚଳିବା'ର ଅନ୍ତର୍ଭୁକ୍ତ ନୁହେଁ । ଆମଠାରୁ ଉପର ପାହିଆର ଲୋକେ ଯେପରି ଚଳୁଛନ୍ତି, ସେଇ ଚଳଣି । ସେଇ ଆଜିକାଲି ଜୀବନ-ଧାରଣର ମାନ । ଏହାର ପୁଣି ମାନଦଣ୍ଡ ଆମେରିକା ଇଂଲଣ୍ଡର ଲୋକେ । ଇଂଲଣ୍ଡର ଶ୍ରମିକ ଓ ମଜୁରିଆ ବଡ଼ କଷ୍ଟରେ ଥାଏ, ଆମେରିକାରେ ବେକାର ଅଛନ୍ତି, ଅଘରବାସୀ ଅଛନ୍ତି, ଯେଉଁମାନେ ଉପାସଭୋକରେ ଗଛମୂଳେ, ଘାସ ପଡ଼ିଆରେ ଦିନରାତି କଟାନ୍ତି । ସେମାନେ ଆମ ଆଦର୍ଶ ନୁହନ୍ତି କି ବିଚାରର ବିଷୟ ନୁହନ୍ତି—ଆମ ନିଜ ଦେଶରେ ଯେଉଁମାନେ ମଶା ମାଛି ଭିତରେ ଗାଁର ଅନ୍ଧାର କଣରେ ପଡ଼ିଛନ୍ତି ସେ ବି ଆମର କେହି ନୁହନ୍ତି । ଆମର ଗୁରୁ ଆମେରିକାର ଶେଠ ଓ ଇଂଲଣ୍ଡର ଯେଉଁ ନବାବମାନେ ଆମ ଉପରେ ହାକିମି କରୁଥିଲେ । ଏଭଳି ମନୋବୃତ୍ତି ଧରି ଚଳିଲେ କେତେ ଜଣ ଚାକିରିଆ ସନ୍ତୋଷରେ ରହିପାରିବେ ? 'ଜୀବନର ମାନ' ଭୂତପରି ସର୍ବୋଚ୍ଚ ସ୍ତରରେ ଥିବା ଲୋକଙ୍କୁ ବି ଏପରି ଗ୍ରାସ କଲାଣି ଯେ ଆଇ. ସି. ଏସ୍. ଅଫିସର ଦୁର୍ନୀତି କରି ଜେଲ ଖଟୁଛନ୍ତି ।

ଚଳ-ବାଲଙ୍କ ଭିତରେ ଯେଉଁମାନେ ଟିକଏ ସଚେତ୍ନ ସେମାନେ ତ ନିଜର ପିଲାକବିଲାଙ୍କ 'ଜୀବନର ମାନ' ଯୋଗୁଁ ଅତିଷ୍ଠ ହୋଇ ପଡ଼ିଲେଣି । ମୋର ଜଣେ ଅତି ଆପଣାର ଲୋକ ହେଇଟି ସେଦିନ କହୁଥିଲେ, "ଚଳିବାକୁ ଏଠାରେ ଏପରି କଷ୍ଟ ହେଲାଣି ଯେ ମୁଁ 'ଦଣ୍ଡକାରଣ୍ୟ' ଯିବାକୁ ଚେଷ୍ଟା କରୁଛି ।" ଦଣ୍ଡକାରଣ୍ୟରେ ବାସ୍ତୁହରାଙ୍କୁ ଥଇଥାନ କରିବା ସକାଶ ଗୋଟାଏ ବଡ଼ ଯୋଜନା ହେଉଛି । ସରକାରର ସବୁ ବିଭାଗର ଲୋକେ ଯାଇ ସେଠାରେ ପହଞ୍ଚି କୃଷି, ଗୋ-ପାଳନ,ସ୍ୱାସ୍ଥ୍ୟରକ୍ଷା ବିଷୟରେ ଗୋଟାଏ ଗୋଟାଏ ଅଫିସ କରି ବସିବେ । ସରକାର ଭିତରେ ସେଠାରେ ଗୋଟିଏ ନୂଆ ସରକାର ଗଢ଼ା ହେବ । ମୋ ବନ୍ଧୁ ସେଠାକୁ ଯିବାର କାରଣ, ସେଠାରେ କିଛି ତ ଅଧିକା ଦରମା ମିଳିବ—ବଡ଼ କଥା, ପିଲାମାନେ ସେଠାରେ ସିନେମା, ମନୋହାରୀ ଦୋକାନ ପ୍ରଭୃତିଠାରୁ ଦୂରରେ ରହିବା ଫଳରେ ଖର୍ଚ୍ଚ କମିବ । ଯାହାକୁ କହନ୍ତି ପଳାୟନ-ମନୋବୃତ୍ତି । ଏଇ କଟକରେ ରହି ନିଜର ଖର୍ଚ୍ଚ କମାଇ ଆୟ ଭିତରେ ବ୍ୟୟ ତ କରାଯାଇପାରେ । ନିଜର ସିଗ୍ରେଟ୍‌ଖିଆ ପ୍ରଭୃତି ବାଜେଖର୍ଚ୍ଚ କଟିଯିବାର ଦେଖିଲେ ପିଲାମାନେ ନିଜ ବାଜେଖର୍ଚ୍ଚ କାଟିବାକୁ ଆଦେଶର ଅପେକ୍ଷା କରନ୍ତେ ନାହିଁ । ଏଭଳି ବିଗୁଡ଼ କର୍ମଚାରୀ-ମାନଙ୍କର ନ ଆସିବାର କାରଣ, ଉପରର ଢଙ୍ଗ ଅଲଗା । ଆଧୁନିକ ଚିନ୍ତିତଙ୍କର ପରାମର୍ଶ ବି ଅଲଗା । ଅଭାବ ବଢ଼ାଇ ଯାଉଥିବା, ତା'କୁ ପୂରଣ କରିବା ଉଦ୍ଦେଶ୍ୟରେ ଆୟ ବଢ଼ାଇବାକୁ ଭଲ ମନ୍ଦ ସବୁ ପ୍ରକାର ଉଦ୍ୟମ କରୁଥିବା, ନିତାନ୍ତ ନ ପାରିବା ବେଳକୁ ଦଣ୍ଡକାରଣ୍ୟ ପଳାଇବା ! ନ ହେଲେ ଘୋର ମନସ୍ତାପ ଓ ଅସନ୍ତୋଷରେ ଜୀବନ ବିତେଇବା । ଆଜିକାଲି ଅଧିକାଂଶ ଚାକରିଆଙ୍କର ଗତି ଏଇଆ । ଏକଥା ବସି ଶୁଣି ବିଚାର କରିବ ତ କର ।

## ଗଣତାନ୍ତ୍ରିକ ମନୋବୃତ୍ତିର ଅଭାବ

ମୁଁ ଉପରେ ଯାହା ସବୁ କହିଗଲି ତା'ର ବିରୁଦ୍ଧରେ ଗୋଟାଏ ପ୍ରଧାନ ଯୁକ୍ତି—'ବର୍ତ୍ତମାନ ଯେଉଁ ଢଙ୍ଗର ସରକାର ଚାଲିଛି, ସେଥିରେ ଅଧିକରୁ ଅଧିକ କାର୍ଯ୍ୟ ସରକାରର ମୁଣ୍ଡ ଉପରକୁ ଆସୁଛି, ଆସିବା ମଧ୍ୟ ଉଚିତ । ଖାଲି ଗତାନୁଗତିକ ଶାନ୍ତିରକ୍ଷା ନୁହେଁ, ସବୁ ପ୍ରକାର ଉନ୍ନୟନ କାର୍ଯ ବର୍ତ୍ତମାନ ଶାସନର ଅନ୍ତର୍ଭୁକ୍ତ । ତେଣୁ ଏ ସବୁ କାର୍ଯ୍ୟ ତୁଲାଇବା ପାଇଁ ଚାକିରିଆ ନ ବାହାରିଲେ ଚଳିବ କିମିତି ? ଚାକିରିଆଙ୍କର ସଂଖ୍ୟା ବଢ଼ାଇବାକୁ ପଡ଼ିବ ହିଁ ପଡ଼ିବ ।' ଏ ଯୁକ୍ତି ଠିକ୍ ବୋଲି ସ୍ୱୀକାର କରିବାକୁ ହୁଏ ଗୋଟିଏ ସର୍ତ୍ତରେ ।

ସବୁ ଉନ୍ନୟନ ଯୋଜନା 'ଗଣତନ୍ତ୍ର' ସରକାରର । ଆଗ ଗଣତନ୍ତ୍ର-ସରକାର ରହିଲେ ଯାଇ ଏସବୁ ଚଳିବ ଓ ଲୋକଙ୍କର ମଙ୍ଗଳକର ହେବ । ସରକାର ଗଣତାନ୍ତ୍ରିକ ନ ହେଲେ ଯୋଜନା ତୌରସମ୍ଭବେ କଳ୍ପନା କରି ହେବ ନାହିଁ କି କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ଗଣତନ୍ତ୍ରର ବ୍ୟାଖ୍ୟାନ କରିବା ଅନୁଭବମାନ-ସଙ୍ଗସ୍ତ୍ର ମୋ ପକ୍ଷେ ଭୁମ ପ୍ରତି ଧୃଷ୍ଟତା ହେବ ବୋଲି ମନେ କରେ । ଗଣତନ୍ତ୍ରର ଅସଲ ପରୀକ୍ଷା 'ଗଣ'ର ଚେତନା । ଲୋକେ ନିଜର ମଙ୍ଗଳ ପ୍ରତି ସଚେତ ହେବେ, ସରକାର ଯାହା କରୁଛି ସେଥିରେ ପୂର୍ଣ୍ଣ-ପ୍ରାଣରେ ସହଯୋଗ କରିବେ, ନିଜର ସରକାରକୁ ଲୋକସେବାରେ ପ୍ରୋତ୍ସାହିତ କରିବେ । ତାହା ନହେଲେ ଲୋକମଙ୍ଗଳ ଲୋକଙ୍କ ଉପରେ ଉପରୁ ଲଦା ହୋଇ ପରି ହେବ । ଲଦିବାର ମୂଳକଥା ହେଉଛି—ଯେ ଲଦେ ସେ ଲଦନ ସହିବା ଜୀବର ସାମର୍ଥ୍ୟ କଳନା ନ କରି ନିଜର ପ୍ରୟୋଜନ କଳନା କରେ । ଫଳରେ ଲଦନ ସହିବା

ଲୋକ ସବୁବେଳେ ଗୁଜୁଗୁଜୁ, କୁହୁକୁହୁ ହେବ ହିଁ ହେବ । ପୁଣି ସେ ପେଟ ପିଠି ଦେଖାଇଲା ବେଳକୁ, ଲଦବାକାଲା ଆନ୍ଦୋଳନ ଲଦବ । ସତକୁ ସତ ଲଦନ ଅସହ୍ୟ ହେବାରେ କୋହିଁଆ ଯେଉଁ ମରଣଚିତ୍କାର କରିବ, ତାହା ଶୁଣି ଅପରପକ୍ଷ ମନେ କରିବ, ଠକ ବେଲି କରୁଛି । ଶେଷରେ ମଙ୍ଗଳ କରିବା ନାମରେ ସର୍ବନାଶ !

"ଆମ ଯୋଜନା ଅସଲ ଯୋଜନା । ଲୋକଙ୍କ ପୂର୍ଣ୍ଣପ୍ରାଣ ସହଯୋଗ ଅଭାବରେ ଏହା ଫଳବନ୍ତ ହେଉ ନାହିଁ" ବୋଲି ଶାସକମୁଖ୍ୟମାନେ ଚିତ୍କାର କଲା ବେଳେ କ'ଣ ମନେ କରୁଛନ୍ତି କେଜାଣି, ଲୋକେ ମନେ କରୁଛନ୍ତି, ବୈଦେଶିକ କୂଟନୀତି-ବିଶାରଦମାନେ ତାଙ୍କ ଦେଶକୁ ବାର୍ତ୍ତା ପଠାଉ ଥିବେ ଯେ 'ଭାରତ ସରକାର ଭାରତୀୟ ଲୋକଙ୍କ ଆସ୍ଥା ଓ ସହଯୋଗ ହରାଇବାର ବାଟ ନଜେ କରୁଛି' । କ୍ରମେ କ୍ରମେ ସରକାରରୁ ଲୋକଙ୍କ ଆସ୍ଥା ଯେତିକ କମୁଛି ସରକାର ସେତିକ ଜୋର୍‌ରେ ଚିତ୍କାର କରୁଛନ୍ତି ଯେ ତାଙ୍କ ନିଜ କର୍ମଚାରୀମାନେ ଦୁର୍ନୀତି-ପରାୟଣ, ତାଙ୍କ ଲୋକେ ଉଦ୍ୟମହୀନ ଓ କୁସଂସ୍କାରଗ୍ରସ୍ତ । ପ୍ରତିକାର ସ୍ୱରୂପ, ବୁଢ଼ାମାନଙ୍କୁ ବସାଇ ବର୍ଣ୍ଣପରିଚୟ କରା ହେଉଛି । ଆଶା ଦିଆ ହେଉଛି, ଦେଶର ଲୋକେ ସାକ୍ଷର ହୋଇଗଲେ ନିଜର ଭଲ ମନ୍ଦ ସବୁ ବୁଝିପିବେ । ଗଣତନ୍ତ୍ରଦେଶରେ ସରକାର ଏପରି ଆଭିମୁଖ୍ୟ ଧରନ୍ତି ନାହିଁ । ଏହା ରାଜୁଡ଼ା ଢଙ୍ଗ । ଏ ଢଙ୍ଗରେ ଚଳୁଥିବା ସରକାରର ପ୍ରଜା ହେଲେ ତ ମଲା, ଯେ କର୍ମଚାରୀ ହେବ ତାହାର ନିତ୍ୟ ମରଣ । ଏହି ପରିସ୍ଥିତିରେ କର୍ତ୍ତବ୍ୟ ନିରୂପଣ କର ।

ଦେଶର ଓ ଦଶର ମଙ୍ଗଳ ଯେଉଁମାନେ ଚାହାନ୍ତି, ସେମାନଙ୍କର ପ୍ରଥମ କର୍ତ୍ତବ୍ୟ ଏ ବିକାରର ଚିକିତ୍ସା କରିବା । ତାହା

ହୋଇ୍ ପାରିବ ଯେବେ ଲୋକସେବକମାନେ ଲୋକଙ୍କୁ ବେତ ଧରି ଅ, ଆ ପଢ଼ାଇବାକୁ ବସିବା ପରିବର୍ତ୍ତେ ତାଙ୍କ ଭିତରେ ରହି ତାଙ୍କ ସଙ୍ଗେ ଚଳି ତାଙ୍କ ଆଶା ଆକାଂକ୍ଷାକୁ ବୁଝିବେ ଓ ତାହା'ର ବିକାଶ ଅପ୍ରତ୍ୟକ୍ଷ ଭାବରେ କରିବାକୁ ଚେଷ୍ଟା କରିବେ । ତା' କଣ ସରକାରି ଚାକିରିଆ କରିବେ ନା ଏବେ ଚାଲୁଥିବା ସରକାରରେ ସେପରି କରିହେବ । ଆଜିର ସରକାର ମନରେ ସାହେବ, ପୋଷାକରେ ସାହେବ ଓ ଚାଲି ଚଳଣରେ ନବାବ । ଦେଶର ସଂସ୍କୃତିରେ ଯାଙ୍କର ବିଶ୍ୱାସ ନାହିଁ ; ଟଙ୍କା, ପାଠ ଓ ସାବାସି ପାଇଁ ଇଂଲଣ୍ଡ, ଆମେରିକା ଧାଇଁ ଧାଇଁ ତାଙ୍କ ଅନୁକରଣରେ ତାଙ୍କର ଲୁଗାପଟା ପିନ୍ଧୁଛନ୍ତି, ଓ କିରିଜିଆଙ୍କ ଦସ୍ତୁର ବେମାପ ଟର୍ଚ୍ଚ ରୋକି ପାରୁ ନାହାନ୍ତି ।

ସରକାରି ଦପ୍ତରଖାନାରେ ଯାଙ୍କୁ ରୋକି ହେବ ନାହିଁ । ଅବୁଝାମଣା ରଜାଙ୍କ ମନ୍ତ୍ରୀଙ୍କୁ ବି ମୁହଁରେ ପାଲଚୁଣ୍ଣା ମାରି ରହିବାକୁ ହୁଏ, ତଳିତଳିଆଙ୍କ କଥା ପଚରୁଛି କିଏ ?

ଲେଖୁ ଲେଖୁ ଗୁଡ଼ାଏ ଲେଖିଗଲି । କେଜାଣି ଧ୍ୟାନ ଦେଇ ଏପର୍ଯ୍ୟନ୍ତ ପଢ଼ି ନ ଥିବ ସେଥି ସକାଶେ ଏକା ପଦକେ ଏଣିକି କହୁଛି ଯେ—ଚାକିରି କଲେ ଗୁଜରାଣ ମେଣ୍ଟିପାରେ କିନ୍ତୁ ମନର ତୃପ୍ତି ଆସିବ ନାହିଁ । ଗଣତାନ୍ତ୍ରିକ ମନୋବୃତ୍ତି ନ ଥିବା ଶାସକ ସ୍ୱାଧୀନ ମତ ସହିବେ ନାହିଁ କି ଗୁଣର ଆଦର କରିବେ ନାହିଁ । ସେ ଲୋଡ଼ିବେ ସ୍ତାବକ ଓ 'ଯୋ-ହୁକୁମ' ଲୋକ । ଏଣେ ଲୋକଙ୍କ ଭିତରେ କାମ କରିବାକୁ ଦେଶର କୃତବିଦ୍ୟ ଓ ଯୁଗୋପଯୋଗୀ ଦୃଷ୍ଟିଭଙ୍ଗି ଥିବା ଲୋକ ଦରକାର । ତୁମେ ଏପାଖ ହେବ କି ସେପାଖ ହେବ ନିଜେ ବାଛି ନିଅ ।

## ପ୍ରଧାନ ଆପତ୍ତି—ଖାଇବା କଣ ?

ତୁମର ସମବୟସୀ କେତେକଙ୍କଠାରୁ ଶୁଣିଛୁ, "ଆପଣ କ'ଣ ଚାହାନ୍ତି, ଉଚ୍ଚଶିକ୍ଷା ପାଇସାରି ଆମେ ଭୂଦାନକର୍ମୀ ହୋଇ ସର୍ବୋଦୟ ପାତ୍ର ଉପରେ ନିର୍ଭର କରି ଚଳିବୁ ?" ବିଚିତ୍ର ବୁଝାମଣା ! ଦିନେ ବିରକ୍ତିରେ ଜଣକୁ କହି ଦେଇଥିଲି, "ମୁଁ ଗୃହସ୍ଥ । କୌଣସି ଗୃହସ୍ଥ ଅନ୍ୟର ମୁଠିଚାଉଳରେ କୁଟୁମ୍ବ ପୋଷିବାକୁ ପସନ୍ଦ କରେ ନାହିଁ ।" ଏ ଦେଶରେ ସେ ପରଂପରା ନାହିଁ । ସାଧୁ ସନ୍ନ୍ୟାସୀ ଯେଉଁମାନେ ଧନ ଅର୍ଜିବାର ଓ ସାଇତିବାର ପ୍ରବୃତ୍ତି ଛାଡ଼ି ଦେଇଛନ୍ତି ସେମାନେ ଭିକ୍ଷ ଉପରେ ଭରସା ରଖନ୍ତି, ତାଙ୍କୁ ମଧ୍ୟ ମିଳେ । ଗୃହସ୍ଥ ଭିକ୍ଷ-ମାଗିଲେ ଲୋକେ ତା' ପିଲାକବିଲାଙ୍କୁ ଚାହିଁବେ । ସେ ସଫା ଶାଢ଼ୀ ଖଣ୍ଡେ ପିନ୍ଧିଲେ, ଭିକ୍ଷାପାତ୍ର ଖଡ଼ ଖଡ଼ । ମୁଁ କାହାର ସମାଲୋଚନା କରୁ ନାହିଁ । ମୋର ଏତିକିମାତ୍ର କହିବାର କଥା, ସ୍ୱାବଲମ୍ବୀ ହେବାକୁ ପଡ଼ିବ । ସରକାରର ଅନୁଗ୍ରହକୁ ପ୍ରତ୍ୟାଖ୍ୟାନ କରିବା ସଙ୍ଗେ ସଙ୍ଗେ ଜନତା ଆଗରେ ଭିକ୍ଷାପାତ୍ର ଧରି ଠିଆ ହେବାକୁ ଡରିବାକୁ ହେବ । ଭିକ୍ଷୁକର ବସ୍ତୁର ବୁଦ୍ଧି ଉପରେ ଘରୁଆ ଲୋକେ ଆସ୍ଥା ରଖନ୍ତି ନାହିଁ ।

ଯେଉଁମାନେ ଲୋକଙ୍କ ଭିତରେ ରହିବେ ସେମାନେ ନିଜ ଖାଇବା ନିଜେ ଅର୍ଜିବେ । ସେପରି କରିବା ଦ୍ୱାରା ଲୋକଙ୍କୁ ନିଜ କାର୍ଯ୍ୟରେ ପ୍ରୋତ୍ସାହିତ କରି ପାରିବେ ଓ ତାହା ଯେଉଁ ପରି-ମାଣରେ କରି ପାରିବେ ସେହି ପରିମାଣରେ ନିଜ ସ୍ଥିତିରେ ଶାନ୍ତି ଓ ସନ୍ତୋଷ ପାଇପାରିବେ । ଲୋକମଙ୍ଗଳ ପାଇଁ, ଲୋକଙ୍କୁ ଶିକ୍ଷାଦେବା ପାଇଁ ଚାକରିଆ ନିଯୁକ୍ତ କରିବା ଦ୍ୱାରା ଲୋକଙ୍କର ମଙ୍ଗଳ କରିବା ବା ଲୋକଙ୍କୁ ଶିକ୍ଷା ଦେବା କିପରି ଅସଂଭବ ତାହା ମୁଁ ଅଙ୍ଗେ

ନହେଇ ଜାଣିଛି । ତୁମେ ବି କିଛି ଦିନ ସେଥିପ୍ରତି ଦୃଷ୍ଟି ଦେଲେ ଜାଣି ପାରିବ । ଆଜି ସବୁ ଯୋଜନା ଓ ସବୁ ସରକାରି ଉଦ୍ୟମ ଆଖିମୁଜା କରାଯାଉଛି ବୋଲି ଏହା ଦେଖା ଯାଉନାହିଁ । ଚାକିରିଆ ନିଜ ଲାଭାଲାଭ କଥା ନିଶ୍ଚୟ ଆଗ ବିଚାରିବ, ଚାକିରିର ସ୍ଥାୟିତ୍ୱ ଓ ନିରାପତ୍ତା ଯେଉଁ ପରିମାଣରେ ଦୃଢ଼ୀଭୂତ ହେବ ସେହି ପରିମାଣରେ ତାହାର କର୍ମପ୍ରବୃତ୍ତି ଲୋପ ପାଇବ । ଚାକିରିଆ ଭଲ ଦରମା ପାଇଲେ ଭଲ କାମ କରିବ ଓ ଚାକିରି ନିରାପଦ ହେଲେ ସେ କାମରେ ବେଶୀ ମନ ଦେବ ବୋଲି ଆଜିକାଲି ଯେଉଁ ଧାରଣା ବଦ୍ଧମୂଳ ହୋଇ ଗଲାଣି, ତାହା ଚାକିରିଆଙ୍କ ସୃଷ୍ଟି, ମାଲିକର ନୁହେ ।

ଚାକିରିଆ-ପ୍ରଧାନ ରାଷ୍ଟ୍ରରେ ଏ ଧାରଣା ସଂକ୍ରାମକ ବ୍ୟାଧିପରି ବେସରକାରୀ ରାଜନୈତିକ ସଂସ୍ଥାମାନଙ୍କୁ ମଧ୍ୟ ଗ୍ରାସ କରିବା ବିଚିତ୍ର ନୁହେ । ଏବେ କଂଗ୍ରେସ ଗାଁ ଗହଳରେ ନିଜର ପ୍ରଭାବ ବୃଦ୍ଧି କରିବା ସକାଶେ କର୍ମୀଙ୍କ ପାଇଁ ଦରମା ବ୍ୟବସ୍ଥା କରୁଛନ୍ତି । ସର୍ବୋଦୟ-କର୍ତ୍ତାମାନେ ମଧ୍ୟ ଗାଁ ଗହଳରେ କର୍ମୀ ରଖିବେ ବୋଲି, ବ୍ୟାପକ ଭାବେ ସର୍ବୋଦୟ ପାତ୍ର ବସାଇବାକୁ ଆରମ୍ଭ କରି ଦେଲେଣି । କର୍ମୀମାନେ କ'ଣ କାମ କରିବେ, ତାଙ୍କ କାମଦ୍ୱାରା ଲୋକଙ୍କର କି ମଙ୍ଗଳ କେତେ ପରିମାଣରେ ହେବ ତାହାର କଳନା କରିବାର ବହୁ ଆଗରୁ, ଦରମା କେତେ ହେବ, ଭତ୍ତା କେତେ ହେବ ବିଚାର ଚାଲୁଛି ; ସର୍ବୋଦୟପନ୍ଥୀ ହିସାବ କରୁଛନ୍ତି, ନିର୍ଦ୍ଦିଷ୍ଟ ଅଞ୍ଚଳରେ କେତେ ପାତ୍ର ବସି ପାରିବ, କେତେ ଚାଉଳ ଆଦାୟ ହେବ ଓ ଜଣେ କର୍ମୀ କେତେ ପାଇଲେ ତାର ଅଭାବ ପୂରଣ ହେବ । ସରକାରୀ ଦପ୍ତରରେ ନୂଆ କର୍ମପନ୍ଥାର କଳ୍ପନା ହେଲେ ଖର୍ଚ୍ଚ ଫର୍ଦ୍ଦର ପ୍ରଥମରେ ରହେ କର୍ମଚାରୀଙ୍କର ଦରମା, ଭତ୍ତା ଓ ରାସ୍ତା ଖର୍ଚ୍ଚ ପ୍ରଭୃତି । ସରକାରୀ ଖର୍ଚ୍ଚର ଢଙ୍ଗ ଇମିତି ଯେ, ସରକାରୀ

ଗୋଶାଳାଟିଏ କରିବାକୁ ହେଲେ, ଆଗ ତୋଳାହୁଏ କର୍ତ୍ତୃ କର୍ମଚାରୀଙ୍କର ବାସଭବନ ; ତା'ପରେ ସେ ନିଯୁକ୍ତ ହୁଅନ୍ତି ; ତା'ପରେ ଗଉଡ଼ ; ଗଉଡ଼ ରହିବା ପରେ ହୁଏ ଗୁହାଳ ; ତା'ପରେ କିଣାହୁଅନ୍ତି ଗାଈ ; ଗାଈ ଆସି ବନ୍ଧାହେବା ପରେ ବିଚାର ହୁଏ ତାଙ୍କ ଖୁରାକ ପାଇଁ ଘାସ ଲଗାଇବାକୁ । ଏହି ଗତି ଜନସାଧାରଣଙ୍କୁ ଯେତେ ବିସଦୃଶ ବୋଧହେଉ ପଛେ, ସରକାରୀ ପଣ୍ଡିତଙ୍କ ଦୃଷ୍ଟିରେ ଏହାହିଁ କାର୍ଯ୍ୟର ଉତ୍କୃଷ୍ଟ ସରଣୀ । ସରକାରୀ ଗତିକୁ ଆଗରେ ରଖି ଯେଉଁମାନେ ରାଜନୀତି କରୁଛନ୍ତି ତାଙ୍କୁ ମଧ୍ୟ ଏହାହିଁ ସ୍ୱାଭାବିକ ମନେ ହେଉଛି ।

ଲୋକେ କିନ୍ତୁ ଲେଉଟି ବାଟରେ ଚଳନ୍ତି । ବଳଦ କିଣା ହୋଇ ଦି ଦିନ ମେଲରେ ବନ୍ଧା ହେଲେ ତାଙ୍କ ପାଇଁ ଗୁହାଳଆ ହୁଏ, କିନ୍ତୁ 'ବଳଦ କିଣା ହେବାର ବହୁତ ଆଗରୁ ନଙ୍ଗଳପାଳ ଗଢା ମରା ହୋଇ ରଖା ହୋଇଥାଏ । ତାଙ୍କ ଜୀବିକାରେ ସେ ଅତି-ନିଶ୍ଚୟତା ଲୋଡ଼ନ୍ତି ନାହିଁ, କାରଣ ସଂସାରରେ ପ୍ରତ୍ୟେକ ଜିନିଷ ଅଳ୍ପବହୁତେ ଅନିଶ୍ଚିତ । ସେ ଅନିଶ୍ଚିତତାରେ ଡରି ଯାନ୍ତି ନାହିଁ, ବର୍ଷେ ଫସଲ ପୋଡ଼ିଗଲେ ନିରାଶ ନ ହୋଇ ପୁଣି ଆରବର୍ଷପାଇଁ ବିହନ ଖୋଜିବାରେ ଲାଗିଯାନ୍ତି । ସେମାନଙ୍କ ଜୀବନ ଦର୍ଶନ—ଆଜିର ମଣିଷ କାଲିକି ପ୍ରେତ । କେହି ତମ୍ବା-ମୁଣ୍ଡି ବାନ୍ଧି ଆସି ନାହିଁ, 'ଯବ୍ ତକ୍ ଶାସ୍ ତବ୍ ତକ୍ ଆଶ୍' । ଲୋକସାଧାରଣ ପ୍ରତିବେଶୀଠାରୁ ଅତିବେଶୀ ଧନୀ ଓ ମାନୀ ହେବାକୁ ମଧ୍ୟ ଲୋଡ଼ନ୍ତି ନାହିଁ—ଭୟ, କେଜାଣି ପ୍ରତିବେଶୀର ନିଶ୍ୱାସରେ ନିଜ ପିଲାଙ୍କର ଅମଙ୍ଗଳ ହେବ !

ଏଇ 'ମାନ' ଧରି ଲୋକଙ୍କ ଭିତରେ ଚଳିବାକୁ କହିଲା ବେଳେ କେହି କେହି ମନେ କରି ପାରନ୍ତି—ଏଇ କ'ଣ ଜୀବନର ଆଦର୍ଶ ! ଏପରି ଜୀବନ ତ ପଶୁର ଜୀବନ ! ଏଥିକୁ ମୋର ଏତିକି-

ଖାଏ ଜବାବ ଯେ, ଦେଶରେ ଶତକଡ଼ା ୯୦ ଜଣ ଯଦି ପଶୁ ତେବେ ଆମର 'ମନୁଷ୍ୟ' ହେବାରେ ଲାଭ କଣ ?

ଆମ ଲୋକେ ଯେ ପଶୁପରି ନ ଥାନ୍ତି ତାହା ତାଙ୍କ ଭିତରେ ରହିଲେ ଜାଣି ପାରିବ । ଆଗ ଏତିକି ତ ବୋଧହୁଏ ଜାଣ ଯେ, ମଫସଲର ସାଧାରଣ ଗୃହସ୍ଥ ସହରିଆଙ୍କ ଅପେକ୍ଷା ଫଳ ଗୁଡ଼ାଳ ମୁଗ ପୁଞ୍ଜିଏ ପାଆନ୍ତି ; ସଜ ପରିବା ଖାଆନ୍ତି ; ଅଳ୍ପ ଉଦ୍ୟମରେ ଭଲ ଦୁଧ ଦହି ଟିକିଏ ଘରେ କରି ପାରନ୍ତି ; ସହରିଆଙ୍କଠାରୁ ଜୀବନ ସଂଘର୍ଷ ତାଙ୍କର କମ୍ ; ତାଙ୍କ ଭିତରୁ ଯେତେ ଲୋକ ୭୦।୮୦ ବର୍ଷଯାଏଁ କାର୍ଯ୍ୟକ୍ଷମ ହୋଇ ବଞ୍ଚନ୍ତି, ଶିକ୍ଷିତଙ୍କ ଭିତରେ ସେତେ ପାଇବ ନାହିଁ । ଅନ୍ୟ କୌଣସି କାରଣ ନଥିଲେ ବି ଏଇଥି ପାଇଁ ତ ମଫସଲରେ ରହିବାର କଥା ।

ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବାକୁ ବେପାର ବଣିଜ କରି ଧନ ଅର୍ଜିବାର ସଦୁପାୟ ଯେ ମଫସଲରେ ନାହିଁ ତା' ନୁହେଁ । ମୁଁ ତ ମନେକରେ ଏଥି ସକାଶେ ଆମ ମଫସଲରେ ବିସ୍ତର କ୍ଷେତ୍ର ପଡ଼ିଛି । ଆମ ଲୋକେ ଯେ କ୍ରମେ କ୍ରମେ ବେଶୀ ଦରିଦ୍ର ହୋଇ-ଯାଉଛନ୍ତି ତା'ର କାରଣ ସୁଯୋଗର ଅଭାବ ନୁହେ । ତାହାର କାରଣ, ମଫସଲର ପାରିବାର ଲୋକେ ସହରକୁ ଚାଲି ଯାଉଛନ୍ତି, ପରିଶ୍ରମହୀନ ଜୀବନ ଯାପନ କରିବାକୁ । ପୁଣି କାଠ ହାଣିବାକୁ କୁରହାଡ଼ିରେ କାଠ ବେଣ୍ଟ ଲଗାଇଲା ପରି ନିଜର ପୁଅ ପୁତୁରା ସହରିବାବୁ ହୋଇ ସେଇମାନଙ୍କୁ ଶୋଷୁଛନ୍ତି । ଏ ସବୁ କଥା ଦେଖା ହେଲେ ବିସ୍ତରଭାବେ କହିବି ; ବୁଝାଇଦେବି, ମଫସଲରେ ଗାଈ ପୁଞ୍ଜିଏ ପାଳିଲେ, ଜମି ବମାଣ ବଗିଚା କଲେ, ତମ ସବଡେପୁଟିଙ୍କ-ଠାରୁ ବେଶ୍ ସୁଖରେ ଚଳିହେବ ।

ଦେଶର ଖାଦ୍ୟ ଉତ୍ପାଦନ କମ୍ ହେଲ ବୋଲି ସରକାର-କର୍ତ୍ତାମାନେ ଲମ୍ବ ଲମ୍ବ ବକ୍ତୃତା ଝାଡ଼ୁଛନ୍ତି । ପ୍ରଚୁର ହେଉଛି, ଜମିଜମା ଆଇନ୍ କରିଦେଲେ, ସମବାୟ ସମିତି ବସାଇ-ଦେଲେ ବା କଳଲଙ୍ଗଳ ଚଳାଇଦେଲେ ଦେଶର ଉତ୍ପାଦନ ବଢ଼ିଯିବ । ଏସବୁ 'ନ ଦେଖିଲ ଓଜ ଛ' ଫର୍ଦ୍ଦା' ; ମୁଁ ମନେକରେ, ଓ ମୋ ସଙ୍ଗେ ବହୁ ମଫସଲିଆ ପୁରୁଖା ଲୋକ ଏକମତ, ଯଦି ବର୍ତ୍ତମାନ ଶିକ୍ଷାର ଓ ତାହାର ପରିଣତି ଚାକିରିର ମୋହ କଟାଇ ଶିକ୍ଷିତ ଲୋକଙ୍କୁ ବହୁସଂଖ୍ୟାରେ ମଫସଲରେ ରହିବାକୁ ଦିଆଯା'ନ୍ତା ତାହାହେଲେ କୃତ୍ରିମ ସାର ପରିବର୍ତ୍ତେ, ଜୈବିକ ସାର ଭୂମିରେ ଦେଇପାରି ହୁଅନ୍ତା । ବୋଧହୁଏ ଏହି ଲକ୍ଷ୍ୟରେ ଏ ଦେଶର ପାରଂପରିକ ରୀତି ଥିଲା, ସରକାର କର୍ମଚାରୀଙ୍କୁ ଜାଗିରି ଓ ହେତା ଦେଇ ଭୂମିରେ ବାନ୍ଧିରଖିବା । ତୁମେ ତ ଜାଣ, ମୁଁ ଥରକୁ ଥର ପ୍ରସ୍ତାବ ଦେଇଛି, ପାଠ ପଢ଼ି ସାରି ଯେଉଁମାନେ ଅନ୍ତତଃ ପାଞ୍ଚବର୍ଷ ଗାଁ ଗହଳରେ ପ୍ରିୟ ଓ ନ୍ୟାଯ୍ୟ ବୃତ୍ତି କରି ଜୀବିକା ଅର୍ଜନ କରିଛନ୍ତି କେବଳ ସେପରି ଲୋକଙ୍କୁ ସରକାରି ଚାକିରି ପାଇଁ ଉପଯୁକ୍ତ ବିବେଚନା କରାଯାଉ । ଆଜି ସରକାରଙ୍କୁ ଏହା ସୁକର ବୋଧ ହେଉ ନାହିଁ ; କାଲି ସ୍କୁଲ କଲେଜରୁ ବହୁ ସଂଖ୍ୟାରେ ଯୁବ ଉବୁରିଲେ ଏହିପରି କିଛି ବାଧ୍ୟ ହୋଇ କରିବାକୁ ହେବ ।

ବହୁତ ଗୁଡ଼ାଏ ଲେଖିଗଲି । ପୂର୍ବରୁ କହିଛି, ମୁଁ ତୁମକୁ 'ଯ୍ଯା କର' 'ତା'କର' ବୋଲି ବାଧ୍ୟବାଧକତା କରିବାକୁ ଚାହେଁ ନାହିଁ । ମୋ'ଚିଠିଟି ପଢ଼ି ଏ ବିଷୟ ନିବିଷ୍ଟ ଭାବେ ଚିନ୍ତାକର, ନିଜ ସୁହୃଦ୍‌ମାନଙ୍କ ସଙ୍ଗେ ବିଚାର, ତାପରେ ନିଜର ଯେପରି ରୁଚି ସେପରି କର ।

# ଗୃହିଣୀ ଗୃହମୁଚ୍ୟତେ

ଆୟୁଷ୍ମନ୍—,

ବହୁଦିନ ହେଲା ତୁମଠାରୁ ଚିଠି ନ ପାଇବାର କାରଣ ଆଜି ଜାଣିପାରିଲି । ଆଜି ତୁମର ବନ୍ଧୁ ଓ ମୋର ପୁତ୍ର-ପ୍ରତିମ—ଙ୍କଠାରୁ ଖଣ୍ଡିଏ ଚିଠି ପାଇଲି । ତୁମେ ବର୍ତ୍ତମାନ କିପରି ବିକ୍ଷିପ୍ତ ମନରେ ଅଛ, ତାହା ସେ ଚିଠି ଖଣ୍ଡି ପଢ଼ି ଜାଣି ପାରୁଛି । ବିଚାରିଥିଲି, ତୁମେ ଶୀଘ୍ର ଗାଁକୁ ଆସିଲେ ତୁମ ସଙ୍ଗେ ବହୁତଗୁଡ଼ିଏ କଥା ଆଲୋଚନା କରି ତୁମର ଚିନ୍ତା ଦୂର କରିବାକୁ ଚେଷ୍ଟା କରନ୍ତି । ତୁମ ମା'ଙ୍କ ଯୋଗୁଁ ସେ ପ୍ରସ୍ତାବ ଛାଡ଼ି ଏ ଦୀର୍ଘ ପତ୍ରଖଣ୍ଡି ଲେଖୁଛି ।

ତୁମେ ତ ଜାଣ, ତୁମ ମା' ମୋର ବସ୍ତୁର ବୁଦ୍ଧି ଉପରେ ଅନେକ ସମୟରେ ଚଳି ଚଳନ୍ତି । ମୁଁ ତୁମକୁ ଗାଁକୁ ଆସିବାକୁ ଲେଖିଲା ବେଳେ, ସେ ମୋତେ ମନେ ପକାଇ ଦେଲେ ଯେ ଯୁବକ-ମାନେ ସେମାନଙ୍କ ବିବାହ ବିଷୟରେ ବାପାଙ୍କ ସଙ୍ଗେ ଆଲୋଚନା କରିବାକୁ ସଂକୋଚ କରନ୍ତି । ଏହାର କାରଣ ମନସ୍ତାତ୍ତ୍ୱିକମାନେ ବିଶ୍ଳେଷଣ କରି କହିବେ । ଫ୍ରଏଡ୍‌ଙ୍କ ପରି ନିରୁତା କାମ-ବାଞ୍ଛା ତ ପିତା ପୁତ୍ରଙ୍କର ଏ ବିଷୟରେ ସ୍ୱଭାବଜ ପ୍ରତିଦ୍ୱନ୍ଦ୍ୱିତା ଥାଏ ବୋଲି କହନ୍ତି । ଆମର ପୂର୍ବାଚାର୍ଯ୍ୟମାନେ କହିଛନ୍ତି, ସାମାଜିକ ପ୍ରାଣୀ ମନୁଷ୍ୟର ମନ ନିଜର ସମାଜର ସୁରକ୍ଷା ଓ ଭବିଷ୍ୟତ୍ ବଂଶଧରଙ୍କ ହିତ ଚିନ୍ତାର ସଂସ୍କାରରେ ଏପରି ଓତଃପ୍ରୋତ ହୋଇଥାଏ ଯେ, କାମପ୍ରବୃତ୍ତି ଅଙ୍କୁରିତ ହେବା ସଙ୍ଗେ ସଙ୍ଗେ ବିବେଚନାର ଭିତରେ

ଗଳାରୁ ମରଯାଏ । କାମପ୍ରବୃତ୍ତିର ଏହି ଗଳାମରୁଡ଼ର ବହୁଳ ଦୃଷ୍ଟାନ୍ତ ଆମ ପୁରାଣମାନଙ୍କରେ ରହିଛି । ଏହି ତତ୍ତ୍ୱର ଉଦାହରଣ ଦେବାରେ ପୁରାଣକାର ବ୍ରହ୍ମା ବିଷ୍ଣୁଙ୍କୁ ମଧ୍ୟ ଛାଡ଼ି ନାହାନ୍ତି । ବ୍ରହ୍ମା ନିଜ କନ୍ୟାପ୍ରତି ଏପରି କାମାନ୍ଧ ହୋଇଗଲେ ଯେ ମହାଦେବଙ୍କଠାରୁ ଚୁପୁଡ଼ି ଖାଇବାରେ ତାଙ୍କର ମୁଣ୍ଡ ରହିଲା । ଶ୍ରୀକୃଷ୍ଣଙ୍କର ନିଜ ପୁଅ ପ୍ରଦ୍ୟୁମ୍ନଙ୍କୁ ଇନ୍ତୁଡ଼ିଶାଳରୁ ଜଣେ ଚୋରେଇ ନେଇଥିଲା ଯେ ସେ ଯୌବନରେ ଘରକୁ ଫେରିଲେ । ତାଙ୍କୁ ଦେଖି ତାଙ୍କ ବିମାତାମାନେ ପ୍ରଥମ-ଦୃଷ୍ଟିରେ ସ୍ୱାମୀ ବୋଲି ସଙ୍କୁଚିତ ହୋଇ ଯାଇଥିଲେ । ସାଙ୍ଗେ ସାଙ୍ଗେ ବାତ୍ସଲ୍ୟ ଆସିଲା ; ସେମାନେ 'ପୁଅ'କୁ ବନ୍ଦାପନା କରି ସ୍ୱାଗତ କଲେ । ଏହିପରି କେତେ ଓ ଏହାଠାରୁ ଅଧିକ ବିଚିତ୍ର ଦୃଷ୍ଟାନ୍ତମାନ ରହିଛି—ପଢ଼ିଲେ ଜାଣିବ ।

ସେ କଥା ଥାଉ । ବର୍ତ୍ତମାନ ତୁମ ବନ୍ଧୁଙ୍କ ପତ୍ର-ଲିଖିତ ବିଷୟର ଓ ତୁମ ମା'ଙ୍କ ସୂଚାଇଥିବା ମତାମତର ଆଲୋଚନା କରିବି । ମୋ ଚିଠି ପଢ଼ି ଗମ୍ଭୀର ଭାବରେ ଚିନ୍ତା କରି, ଯେପରି ଅଭିରୁଚି ସେଇପରି କଲେ ମୋର ସନ୍ତୋଷ ବୋଲି ମୂଳରୁ କହି ଦେଉଛି । ତୁମକୁ ପର ବୋଲି ଭାବୁଥିବାରୁ ଯେ ଏପରି ଦେହରୁ ଛଡ଼ାଇ କଥା କହୁଛି—ଏହା ତୁମେ ଭାବିବ ନାହିଁ ବୋଲି ମୁଁ ଜାଣେ । ତୁମେ ନିଜ ପୁଅ ହୋଇଥିଲେ ଏହାଠାରୁ ଅଲଗା କିଛି କହନ୍ତି ନାହିଁ । ମୋର ପୁଅ ହେବା ଭଳି ବୟସର ସମସ୍ତଙ୍କ ପ୍ରତି ଏଇ ଏକ କଥା । ତୁମକୁ ଏକାଧିକ ବାର ତ କହିଛି, ଯେଉଁମାନେ ଜନ୍ମାନ୍ତର-ବାଦରେ ବିଶ୍ୱାସ କରନ୍ତି, ସେମାନେ ନିଜ ପୁଅ ଓ ପର ପୁଅରେ ପାର୍ଥକ୍ୟ ଦେଖନ୍ତି ନାହିଁ ; କାରଣ, କିଏ ଜାଣେ ଆଜି ଯାହାକୁ ନିଜ ପୁଅ ବୋଲି ଆପଣାର କରୁଥାଇଁ ସେ ହୁଏତ ଆର ଜନ୍ମରେ ନିଜ ଶତ୍ରୁର ପୁଅ ଥିଲା ଓ ଏ ଜନ୍ମର ପର ପୁଅ ଥିଲା

ନିଜର ସ୍ନେହର ପୁଅ ? ଯୁଁ। ମଧ୍ୟ ବୁଝାଇ ଦେଇଛି ଯେ ସୃଷ୍ଟିର ତତ୍ତ୍ୱ ବୈଜ୍ଞାନିକ ପ୍ରଣାଳୀରେ ବୁଝିବାକୁ ହେଲେ ଜନ୍ମାନ୍ତର ବାଦକୁ ଛୁଇଁ ହେବ ନାହିଁ, ଛୁଇଁଲେ, ସବୁ ଗଣ୍ଡଗୋଳ ହୋଇଯିବ ।

## ବିଧବା ବିବାହ

ହଁ, ତୁମ ବନ୍ଧୁ ଲେଖିଛନ୍ତି, ତୁମର ମନ—ବିଧବା-ବିବାହ କରିବ । କୌଣସି ବାଳ-ବିଧବାର ଦୁର୍ଦ୍ଦଶାରେ ବିଗଳିତ ହୋଇ ତୁମର ମନ ଏଇ ଧାଡ଼ି ଧରିଛି । ଅନ୍ୟର ଦୁଃଖରେ କାତର ହେବା ସୁସ୍ଥ ମନର ଲକ୍ଷଣ । ତେଣୁ ମୁଁ ତୁମକୁ ସର୍ବପ୍ରଥମେ ସାଧୁବାଦ ଜଣାଉଛି । କିନ୍ତୁ କରୁଣା ବା ମମତାର ପ୍ରଥମ ଢେଉରେ ଭାସିଗଲେ ନାକ କାନରେ ଖାଲି ବାଲି ଚୁର୍ଣ୍ଣି ହୋଇଯିବାର ସମ୍ଭାବନା ଖୁବ୍ ବେଶୀ । ପ୍ରଥମ ଦୁଇ ଗୋଟିଏ ଢେଉକୁ କାଟି ଭିତରକୁ ଗଲେ ଯାଇ ଲୋକେ ସମୁଦ୍ର ସ୍ନାନର ସୁଖ ଭୋଗ କରନ୍ତି । ସଂସାରର ସବୁ ବିଷୟରେ ଏଇ ଏକ କଥା । ବିଧବା-ବିବାହ କଥାଟା ଆଗେ ଆଗେ ଯେତେ ସ୍ପୃହଣୀୟ ମନେ ହୁଏ, ଟିକିଏ ଧ୍ୟାନ ଦେଇ ଚିନ୍ତାକଲେ ସେପରି ମନେ ହୁଏ କି ନାହିଁ ବିଚାର କରିଯାଉ ।

## ଏକଦେଶଦର୍ଶୀ ସଂସ୍କାର

ପ୍ରଥମ କଥା—ଆମ ଦେଶର ଜନଗଣନାରୁ ଦେଖୁଥିବ, ମୋଟ ପୁରୁଷଙ୍କ ସଂଖ୍ୟାଠାରୁ ସ୍ତ୍ରୀମାନଙ୍କ ସଂଖ୍ୟା ଟିକିଏ ବେଶୀ । ଆମ ଓଡ଼ିଶାରେ ତ ଏହି ପାର୍ଥକ୍ୟ ଅଧିକ ସୁସ୍ପଷ୍ଟ । ତୁମପରି ନବ ଯବାନ ମାନେ ବିଧବା-ବିବାହ କଲେ, କେତେକ ଅନୁଢ଼ା ଯୁବତୀ ଏକା-ବେଳକେ ବିଭା ନ ହୋଇ ବୁଢ଼ୀ ହୋଇ ମରିବାର ସମ୍ଭାବନା ନିଶ୍ଚୟ ଅଧିକ ହେବ । ତେଣୁ ଜଣେ ବିଧବାର ଭଙ୍ଗା ସଂସାର ଗଢ଼ିବାକୁ

ଯିବା ଫଳରେ, ଆଉ ଜଣେ ଯୁବତୀଙ୍କୁ ସଂସାରର ଦାଣ୍ଡ ଦୁଆରେ ଜଳି ଦେବାର ଆଶଙ୍କା ତ ଅଛି !

ସ୍ତ୍ରୀମାନଙ୍କର ସ୍ୱାଭାବିକ ସଂଖ୍ୟାଧିକ୍ୟର ବିଚାରରେ ଏ ଦେଶରେ ଏକାଧିକ ପତ୍ନୀ ଗ୍ରହଣର ବ୍ୟବସ୍ଥା ଥିଲା । ଯୁଗ ଧର୍ମରେ ଏକପତ୍ନୀ-ବ୍ରତ ସ୍ୱୀକୃତ ହେବା କାଳରେ ବିଧବା ବିବାହ ସମସ୍ୟାକୁ ଆହୁରି ଜଟିଳ କରିବ ବୋଲି ମୁଁ ମନେ କରୁଛି ।

ବିଧବା ବିବାହର ସମର୍ଥକମାନେ ଏକଦିଗଦର୍ଶୀ ହୋଇ ମନେ କରନ୍ତି, ହରାଇଥିବା ସ୍ୱାମୀସୁଖ ପୁଣି ଫେରି ପାଇଲେ ସ୍ତ୍ରୀର ମାନସିକ ଶାନ୍ତି ପୁନଃ ପ୍ରତିଷ୍ଠିତ ହୋଇଯିବ । ସମ୍ଭୋଗ କାମନାର ସାମୟିକ ଶାନ୍ତି ଆଣିପାରେ । କିନ୍ତୁ ଅନେକ ସମୟରେ ସାମୟିକ କାମନାର ପରିତୃପ୍ତି, ସ୍ଥାୟୀ ଅଶାନ୍ତିର କାରଣ ହୋଇଥାଏ । ଏହା ନିଜ ଅଭିଜ୍ଞତାରେ ବୁଝିଥିବି । ବିଧବାଟି ଯଦି ସଦାଚାରିଣୀ ହୋଇଥାଏ, ତେବେ ସେ ତ ଏକାନ୍ତ ଭାବରେ ନିଜର ପୂର୍ବ ପତିକୁ ଭଜିଥିବ । ସଙ୍ଗଲାଭ କରିଥିଲେ ତ କଥାଇ ନାହିଁ, ନ କରିଥିଲେ ମନରେ ତାହାର ଧ୍ୟାନ କରିଥିବ । ପୁନର୍ବିବାହର ପ୍ରଥମ ଝଲକ ଚାଲିଯିବା ପରେ, ପୂର୍ବର ସେଇ ସ୍ମୃତି ନୂତନ ପତି ଓ ତା' ମଧ୍ୟରେ ଅନ୍ତରାୟ ହୋଇ ଠିଆ ହେବ କି ନାହିଁ ବିଚାର କର । ଯେଉଁମାନେ ମନର ବିଶେଷ କର୍ଷଣ କରି ନାହାନ୍ତି ସେମାନଙ୍କ ପ୍ରତି ଏକଥା ପ୍ରଯୁଜ୍ୟ ନ ହୋଇପାରେ, କିନ୍ତୁ ପୁରୁଷ ସ୍ତ୍ରୀ ମଧ୍ୟରୁ ଜଣେ ଉଚ୍ଚଶିକ୍ଷିତା ହୋଇଥିଲେ, ଏହି ପୂର୍ବ ସ୍ମୃତିର ଆଘାତ ବଡ଼ ଉତ୍କଟ ହେବ ଇ ହେବ । ଏଇପରି କେତୋଟି ଦୃଷ୍ଟାନ୍ତ ମୁଁ ନିଜେ ଦେଖିଛି ।

ଶିକ୍ଷା ଦୀକ୍ଷା ଥାଉ ବା ନ ଥାଉ, ସାଧାରଣ ଲୋକ ସବୁବେଳେ ନୂଆ ଜିନିଷ, ନୂଆ ଅଭିଜ୍ଞତା ଅର୍ଜିବାକୁ ଚାହେଁ । ଅନ୍ୟର ବ୍ୟବହୃତ

ଲୁଗାପଟା, ବସ୍ତ୍ରପତ୍ର, ସାଇକେଲ ମଟର ଲୋକେ ନିତାନ୍ତ ବାଧ୍ୟ ନ ହେଲେ ବ୍ୟବହାର କରିବାକୁ ଲୋଡ଼ନ୍ତି ନାହିଁ । ସ୍ତ୍ରୀ ଉନ୍ନତ ସବୁଠାରୁ ବହୁମୂଲ୍ୟ ! ନିଜର ରୁଚି, ଆକାଂକ୍ଷା ଓ ଅଭିଳାଷ ଅନ୍ୟର ସଙ୍ଗିନୀ ବା ଅନ୍ୟ ନିମନ୍ତେ ଅଭିପ୍ରେତା ସ୍ତ୍ରୀରେ ପୂର୍ଣ୍ଣ ସନ୍ତୋଷ ଲାଭ କରିବାକୁ ହେଲେ ନିଜର ତ୍ୟାଗବୃତ୍ତି, ସାହସ ଓ ସହନଶୀଳତା ଅତି ଉଚ୍ଚକୋଟୀର ହେବା ଦରକାର । ଏହା ତୁମେ ନିଶ୍ଚୟ ବୁଝି ପାରିବ ବୋଲି ମୋର ଦୃଢ଼ ବିଶ୍ୱାସ । ତୁମେ କୌଣସି ପ୍ରଲୋଭନରେ ପଡ଼ି ଏ ବିଗୃହରେ ମାତିଛ ବୋଲି ମୁଁ ସ୍ୱୀକାର କରିପାରୁ ନାହିଁ । ମୋର ମନେ ହେଉଛି, କୌଣସି ଆନ୍ତରିକ ବା ବାହ୍ୟ ଆବେଗରେ ତୁମେ ବିଚଳିତ ହୋଇ ଯାଇଛ । ବିବାହ କ୍ଷଣିକ ଆବେଗର ବିଷୟ ନୁହେ । ହାତଗଣ୍ଠି ପଡ଼ିଲେ ସରିଲା, କିନ୍ତୁ ସେଇ ମୁହୂର୍ତ୍ତର ପରିଣାମ ଜୀବନ ତମାମ ଭୋଗ କରିବାକୁ ପଡ଼େ ।

## ସମାଜକୁ ଧରି ସଂସ୍କାର କର

ଆମ ସମାଜରେ ବିବାହ ବନ୍ଧନ ଅବିଚ୍ଛେଦ୍ୟ ସିନା, କିନ୍ତୁ ଦେଶର ଅଧିକାଂଶ ଲୋକଙ୍କ ଭିତରେ ବିଧବା-ବିବାହ ଚଳିବାରେ କୌଣସି ବାଧା ନାହିଁ । ବ୍ରାହ୍ମଣ, କ୍ଷତ୍ରିୟ, କରଣ, ଖଣ୍ଡାୟତ ପରି କେତୋଟି ସଂପ୍ରଦାୟରେ ବିଧବା ବିବାହ ସଦାଚାର-ସମ୍ମତ ନୁହେଁ, କିନ୍ତୁ ଏମାନଙ୍କ ସଂଖ୍ୟା ମୋଟ ଜନ ସଂଖ୍ୟାର ୪ ଭାଗରୁ ବି ଭାଗେ ନୁହେ । ଦେଶର ଶତକଡ଼ା ୭୫ ଭାଗ ଲୋକଙ୍କ ପାଇଁ ଏହା ନିର୍ଦ୍ଦୋଷ ଥିବା ସତ୍ତ୍ୱେ କାର୍ଯ୍ୟରେ ଏମାନଙ୍କ ଭିତରେ ଶହକେ ୫ ଜଣ ବି ବିଧବା ବିବାହ କରିଥିବାର ଦେଖିବ ନାହିଁ । ତାହାର କାରଣ, ଗୃହସଂସାର ଦୁଇ ଜଣ ଯୁବକ ଯୁବତୀ ନୂଆ ହୋଇ ଆଦରିବାରେ ଯେଉଁ ଆନନ୍ଦ ତାହା ଅନ୍ୟତ୍ର ଦୁର୍ଲଭ ।

ସବୁଠାରୁ ବଡ଼ କଥା, ବିବାହ ସିନା ଜଣେ ପୁରୁଷର ଜଣେ ସ୍ତ୍ରୀସଙ୍ଗେ, କିନ୍ତୁ ଏହି ବିବାହର ପ୍ରଭାବ ପଡ଼େ ସମସ୍ତ ସମାଜ ଉପରେ ଅନ୍ତତଃ ନିଜର ସମଗ୍ର ଗୋଷ୍ଠୀ ଉପରେ । ଏହି ସମାଜ ବା ଗୋଷ୍ଠୀର ପ୍ରଭାବ ମଧ୍ୟ ପଡ଼େ ଗୋଟି ଗୋଟି ହୋଇ ପ୍ରତି ଦମ୍ପତି ଉପରେ । ନିଜର ପ୍ରତିବେଶୀର ଆଖିଠାର, ଆଖି ମିଟିକା ଓ ଇଙ୍ଗିତର ଆଘାତ ସବୁବେଳେ ପାଇ ପାଇ ସମାଜକୁ ଛାଡ଼ିଥିବା ପୁରୁଷ ସ୍ତ୍ରୀ ଖାଲି ଯେ ଜର୍ଜରିତ ହୋଇ ଯାଆନ୍ତି ତାହା ନୁହେଁ, ସେମାନଙ୍କ ସନ୍ତାନସନ୍ତତିଙ୍କ ଉପରେ ନିଜର କାର୍ଯ୍ୟ ଅଭିଶାପ ପରି ଚିରକାଳକୁ ରହିଯାଏ ।

ସମାଜର ପାରଂପରିକ ବିଶ୍ୱାସ ଓ ରୀତିକୁ ଛାଡ଼ି ଯେଉଁମାନେ ସଂସ୍କାର କରିବାକୁ ବସନ୍ତି ସେମାନେ ଓ ସେମାନଙ୍କର ଉତ୍ତରପୁରୁଷମାନେ କିପରି ଚିରକାଳ ପାଇଁ ଗୋଠଖଣ୍ଡିଆ ହୋଇ ରହିଯାଆନ୍ତି ତାହା ଗତ ଶତାବ୍ଦୀରେ ହୋଇଥିବା ବ୍ରାହ୍ମମାନଙ୍କର ପରିବାର ପ୍ରତି ଦୃଷ୍ଟି ଦେଲେ ଜାଣି ପାରିବ । ଯେଉଁମାନେ ଏକାବେଳକେ ନିଜର ଭାଇ, ବନ୍ଧୁ, କୁଟୁମ୍ବ, ସମାଜ ଓ ଧର୍ମ ଛାଡ଼ି ଅନ୍ୟ ସମାଜ ଭିତରେ ପଶି ଯାଉଛନ୍ତି ସେମାନଙ୍କ କଥା ସ୍ୱତନ୍ତ୍ର । ସେମାନେ ଦମ୍ଭ ଛାତିତଳୁ ଅଦମ୍ଭ ଛାତିତଳକୁ ହୁଏତ ଚାଲି ଯାଉଛନ୍ତି, କିନ୍ତୁ ଯେଉଁମାନେ ସଂସ୍କାର କରିବା ନାମରେ ନିଜ ସମାଜକୁ ନ ଛାଡ଼ି ତା'ରି ଭିତରେ ଉତ୍କଟ ବ୍ୟକ୍ତିସ୍ୱାତନ୍ତ୍ର୍ୟ ଖୋଜୁଛନ୍ତି ସେମାନେ ଆଗ୍ନେୟଗିରିର ମୁହଁରେ ଯାଇ ପଶୁଛନ୍ତି ବୋଲି ମନେ ହେଉଛି । ତୁମେ ତ ଦେଖୁଥିବ, ଶହେ ବର୍ଷ ପୂର୍ବେ ଯେଉଁ ବ୍ରାହ୍ମସମାଜ ଭାରତରେ ଏଡ଼େ ବଳବତ୍ତର ହୋଇଥିଲା ତାହା ଏବେ ଏକାବେଳକେ ନିଶ୍ଚିହ୍ନ ବୋଲି କହିଲେ ଚଳେ । ଆଜି ନୂଆ ବ୍ରାହ୍ମ ତ ଆଦୌ ବାହାରୁ ନାହାନ୍ତି, ଯେଉଁମାନେ ପୁରୁଣା ବ୍ରାହ୍ମ ସେମାନେ ନିଜର କାକୁତିରେ

ବା ହିନ୍ଦୁସମାଜର ସର୍ବଗ୍ରାସୀ ନିର୍ବିକାରିତା ଯୋଗୁଁ ପୁଣି ସେଥିକୁ ବାହୁଡ଼ି ଆସୁଛନ୍ତି । ବିରାଟ ବ୍ୟକ୍ତିମାନଙ୍କର ଏ ଦଶା ହୋଇଥିବା ସ୍ଥଳେ ତୁମେ ଓ ତୁମର ପୁନର୍ବିବାହ ସମାଜର ଧକ୍କା ସମ୍ଭାଳି ତିଷ୍ଠିପାରିବ ବୋଲି ମନେ ହେଉନାହିଁ ।

ଏ କାଳକୁ ବଡ଼ ହୋଇ ଦେଖାଯାଉଛି ଜନସଂଖ୍ୟା ସମସ୍ୟା । ଲୋକସଂଖ୍ୟା ବଢ଼ି ଯାଉଛି ବୋଲି ନିଜର ପତ୍ନୀମାନଙ୍କୁ ନାନା ଉପାୟରେ ବାଞ୍ଝ କରିବାକୁ ଚେଷ୍ଟା ହେଉଛି । ଏତେବେଳେ ସମାଜ ଯେଉଁମାନଙ୍କୁ ବନ୍ଧ୍ୟାପରି ରଖି ଦେଇଛି ସେମାନଙ୍କୁ ପୁଣି ବିବାହ ବନ୍ଧନରେ ବାନ୍ଧିବା ଅସାମାଜିକ କାର୍ଯ୍ୟ ବୋଲି କୁହାଯାଇ ପାରେ ।

ଏଇପରି ଯେଉଁ ଦିଗରୁ ଦେଖ, ବିଧବାବିବାହ ସମର୍ଥନ-ଯୋଗ୍ୟ ବୋଲି ମନେ ହେଉନାହିଁ । ନିରୀହ ସ୍ତ୍ରୀ ଲୋକଟିଏ ସଂସାର-ସୁଖରୁ ବଞ୍ଚିତ ହୋଇ ଯାଉଛି ବୋଲି ମନରେ ଯେଉଁ ଅନୁକମ୍ପା ଆସୁଛି ତାହାର ପ୍ରତିକାର, ସମାଜ-ଦୃଷ୍ଟିରୁ, ବିଧବାର ପୁନର୍ବିବାହ ନୁହେଁ । ଆମ ସମାଜରେ ବିଧବାକୁ ଯେଉଁ ଶ୍ରଦ୍ଧା ଓ ସମ୍ମାନ ପୂର୍ବେ ଦେଖା ହୋଇ ଆସୁଥିଲା ତାହାକୁ ପୁଣି ଉଜ୍ଜୀବିତ କର । ସମାଜର କଲ୍ୟାଣ ଦୃଷ୍ଟିରେ ସେ ସଂସାରସୁଖରୁ ଛିନ୍ନ ହୋଇ ଯାଇଛି ବୋଲି ତା'କୁ ମାନ-ଦିଅ । ସେ ମଧ୍ୟ ନିଜର ମହତ୍ତ୍ୱ ବଢ଼ାଇ ଲୋକ ଶିକ୍ଷୟିତ୍ରୀ ହେଉ ଓ ସମାଜକୁ ବ୍ରହ୍ମଚର୍ଯ୍ୟ ପାଳନରେ ପ୍ରେରଣା ଦେଉ । ମୋତେ ଏ ପ୍ରସଙ୍ଗରେ ଏହା ଶ୍ରେୟ ଓ ପ୍ରେୟ ବୋଲି ମନେ ହେଉଛି । ତୁମର ବନ୍ଧୁ ମହଲରେ ଏ ସମସ୍ୟାର ଗମ୍ଭୀର ଆଲୋଚନା କରି ଫଳ ମୋତେ ଜଣାଇଲେ ଭଲ ହୁଅନ୍ତା ।

## ଭାଗ୍ୟବାଦର ସମୀକ୍ଷା

ତୁମ ମା'ଙ୍କୁ ଯାହା କହିଛ ତାହାର ଆଲୋଚନା କରିବା ପୂର୍ବରୁ ଏ ବିଷୟରେ ତାଙ୍କର ଗୋଟିଏ କଥା ଲେଖିବାକୁ ସେ ଜିଦ୍‌ଧରି ବସିଛନ୍ତି । "ଯେଉଁମାନେ ବିଧବା ହୋଇଛନ୍ତି ସେମାନଙ୍କର ବିଧବା କୋଷ୍ଠି – ତାଙ୍କୁ ବିଭାହେବା ଅଶୁଭ" ଏଇ ତୁମ ମା'ଙ୍କର ଅକାଟ୍ୟ ( ? ) ଯୁକ୍ତି । ମାତ୍ର ମୋ ବିଚାରରେ ଏ ଯୁକ୍ତି ଆଦୌ ଅକାଟ୍ୟ ନୁହେଁ । କେବଳ ଏହାର ବଳ ମୋ ଉପରେ । ମୁଁ ବିରୁଦ୍ଧରେ କିଛି କହିଲେ, ଦିନେ ପର୍ଯ୍ୟନ୍ତ ଶାନ୍ତିରେ ରହି ପାରିବି ନାହିଁ । ମୁଁ ତ ପିଲଗୁଡ଼ାଙ୍କର ମୁହଁ ବିଗାଡ଼ି ଦେଇଛି ବୋଲି ମଝିରେ ମଝିରେ ମୋ'ର ବିଦ୍ୟା, ବିଚାର ଓ ନିପୁଣତାର ଶ୍ରାଦ୍ଧ ହୁଏ । ତେବେ ନିଜର ମତ ତୁମଠାରୁ ଲୁଚାଇ ନ ପାରିବାରୁ ବାଧହୋଇ ଲେଖୁଛି ଯେ ଜଣେ ସ୍ତ୍ରୀର ଥରେ ବିଧବା ହେବାର କର୍ମରେ ଥିଲା ବୋଲି, ପାଞ୍ଚଥର ଯାଏଁ ସେଇ କର୍ମ ତା'କୁ ଗୋଡ଼ାଇବ ଏହା ଯୁକ୍ତିକୁ ପାଉନାହିଁ । କର୍ମଫଳ ଭୋଗ କଲେ, ଦୁର୍ଦ୍ଦଶାର ପରିପାକ ହୋଇଯାଏ ବୋଲି ଶାସ୍ତ୍ରରେ ଅଛି । ଆଖିକୁ ବି ଦିଶୁଛି, ଅନେକ ବିଧବା ପୁନର୍ବିବାହ କରି ଅହ୍ୟ ଡେଙ୍ଗୁରା ବଜାଇ ଚାଲି ଯାଉଛନ୍ତି । ଏ 'ମାଇକିନିଆ-ଯୁକ୍ତି' ସପକ୍ଷରେ ଏତିକିମାତ୍ର କୁହାଯାଇପାରେ ଯେ ସେମାନଙ୍କର ସଂଖ୍ୟା ମୋଟ ଉପରେ ଅଧେରୁ ବେଶୀ । ଏତିକି ଗୁଡ଼ାଏ ଲୋକ ତୁମ କାର୍ଯ୍ୟକୁ ଅହରହ ଆଗରେ ଓ ପଛରେ ସିଁପୂଥିଲେ କାହୁଁ କାହୁଁ ଅମଙ୍ଗଳ ଆସି ପହଞ୍ଚିବ । ଅନ୍ତତଃ ନିଜ ମାନସିକ ଶାନ୍ତିର ତ କ୍ଷୟ ହେବ । ମନର ଶାନ୍ତି କ୍ଷୟ ହେଲେ ଆୟୁକ୍ଷୟ ହୁଏ । ଏ ମଧ୍ୟ ଗଭୀର ଚିନ୍ତାର ବିଷୟ ।

## ବିବାହର ଦାୟିତ୍ୱ—

ମା'ଙ୍କୁ ତୁମେ ଯୋଡ଼ିଏ କଥା ସୂଚାଇଛ ବୋଲି ଶୁଣିଲି—(୧) ତୁମେ ଦେଖି ବିଭା ହେବ, (୨) ରୋଜଗାର କରିବା ପୂର୍ବରୁ ବିଭା ହେବ ନାହିଁ । ଏଥିରୁ ଗୋଟିକରେ ମୁଁ ତୁମ ସଙ୍ଗେ ଏକମତ, ଅନ୍ୟଟି ମୋ ମନକୁ ଆଦୌ ପାଉ ନାହିଁ । ଦେଖି କରି ବିଭା ହେବାକୁ ମୁଁ ସର୍ବାନ୍ତଃକରଣରେ ସଂପୂର୍ଣ୍ଣ ସ୍ୱୀକାର କରୁଛି । ବିବାହ ଜୀବନ-ସମ୍ବନ୍ଧ । ଆଖିରେ ଅନ୍ଧପୁଟୁଳି ବାନ୍ଧି ଜୀବନଯାକ ପାଇଁ ଜଣକୁ ଆଦର ଦିବା ମୂର୍ଖତାର ଚରମ ସୀମା ବୋଲି ମୋର ମତ । ଯେଉଁ ସମୟରେ ଯୁବକମାନେ ପିତାମାତା ପ୍ରମୁଖ ଗୁରୁଜନଙ୍କ ଉପରେ ଦେଖିବା କାମଟା ଛାଡ଼ି ଦେଉଥିଲେ, ସେ ବେଳେ ହୁଏତ ଯୁବକମାନଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲି ଯେ ଗୁରୁଜନ ତାଙ୍କର ସ୍ୱାର୍ଥକୁ ମନରେ ରଖି ବୋହୂ ଦେଖିବେ । ପିତାମାତାଙ୍କ ଦୋଷରୁ ହେଉ, ଅଥବା ପିଲାଙ୍କର ପରଧର୍ମି-ପକ୍ଷପାତିତା ଯୋଗୁଁରୁ ହେଉ ସେ ଦିନ ଯାଇଛି । ପିଲାମାନେ ମନେ କରୁଛନ୍ତି, ଗୁରୁଜନଙ୍କ ହାତରେ ସେମାନଙ୍କ ସ୍ୱାର୍ଥ ନିରାପଦ ନୁହେ । ବୋହୂ ପୁଅ ମନକୁ ପାଇବ କି ନାହିଁ ଏ ବିଷୟରେ ପିତାମାତାଙ୍କର ବି ଆଜିକାଲି ଭାରି ଭୟ । ତେଣୁ ତୁମେ ତୁମର ଭାବୀ ପତ୍ନୀକୁ ନିଜେ ଦେଖି ନବାକୁ ଆଦୌ ଅପସନ୍ଦ କରାଯାଇ ନ ପାରେ ।

ଦୁଇ ପୁରୁଷ ଭିତରେ ଯେତେବେଳେ ପୂର୍ଣ୍ଣ ସମଝାସି ଥିଲା ସେତେବେଳେ ପିତା ବର-କନ୍ୟା ପ୍ରସଙ୍ଗରେ ଦିବାପୂର୍ବରୁ ମନେ ରଖୁଥିଲେ ଯେ—ପିଲାମାନେ ପରସ୍ପରର ରୂପ ପ୍ରତି ଆକୃଷ୍ଟ ହୁଅନ୍ତି । ମା ଓ ଶାଶୁ, ବୋହୂ ଓ ଜ୍ୱାଇଁ ଘରର ସମ୍ପତ୍ତିକୁ ଆଖିରେ ରଖି-ଥାନ୍ତି । ପୁଅର ବାପ ବିଶ୍ବରେ ବୋହୂଟିର ସଂସ୍କାର ଏପରି ଥିବ ଯେ

ସେ ତାଙ୍କ ଘରେ ଘରର ପିଲପରି ଗୁଣରି ହୋଇ ବୋହୂପଣିଆ କରିବ ; ଶଶୁର ବିଷୟରେ ଜ୍ୱାଇଁ, ପାଠଶାଠ ବିଦ୍ୟାକାଣ୍ଡରେ ଏପରି ପ୍ରବୀଣ ହୋଇଥିବେ ଯେ ସେ ତାଙ୍କ ଝିଅକୁ ସହଜରେ ପୋଷି ପାରିବେ ଓ ତାଙ୍କୁ ଝିଅଟି ଦେଇଥିବାରୁ ନିଜର ବି ମର୍ଯ୍ୟାଦା ବଢ଼ିବ। ସମସ୍ତଙ୍କର ଗୁରୁଦାୟିତ୍ୱ ମୁଣ୍ଡାଇ ମୁରବିମାନେ ଘରବର ଦେଖି ଯାଉଥିଲେ। ମୁରବିଙ୍କ ଦାୟିତ୍ୱଜ୍ଞାନ ବିଷୟରେ ପିଲଙ୍କର ପୂର୍ଣ୍ଣ ଆସ୍ଥା ନ ଥିବା ସ୍ଥଳେ, ଏତେ ଦାୟିତ୍ୱ ମୁଣ୍ଡାଇବା ତାଙ୍କ ପକ୍ଷରେ ବାତୁଳତା ନୁହେ କି ? ଏ ଯୁଗରେ ସବୁ ବିଷୟରେ ଯେଉଁା ଦାୟିତ୍ୱ ସେ ମୁଣ୍ଡାଇବା ସର୍ବଜନସମ୍ମତ ହୋଇ ସାରିଲଣି। ତେଣୁ ତୁମ ଦାୟିତ୍ୱ ତୁମେ ମୁଣ୍ଡାଇବାର ମୁଁ ସମ୍ପୂର୍ଣ୍ଣ ପକ୍ଷପାତୀ ବୋଲି ପୁନରୁକ୍ତି କରୁଛି। କେବଳ ଏତିକି ଆଶା, ସେ ଦାୟିତ୍ୱ ତୁମେ ଚଉଆଖିଆ ହୋଇ ସମ୍ପାଦନ କରିବ।

## ଦାୟିତ୍ୱ ଦୁଇ ପୁରୁଷର—

କିନ୍ତୁ ନିଜ ଦାୟିତ୍ୱରୁ ମୁଁ ଓ ତୁମ ମା' ମୁକ୍ତ ହେବୁ କିପରି ? ଦେଖିବା ମାନେ କ'ଣ ତୁମେ ବୁଝୁଛ, ସାହେବଙ୍କ ଦେଶରେ ଯେପରି ବରକନ୍ୟା ନିଜେ ଆଦର୍‌ଆଦର ହୋଇଯାନ୍ତି ଓ ନିଜର ବିବାହ ସିଦ୍ଧାନ୍ତକୁ ଖାଲି ବାପ ମା'ଙ୍କୁ ଓ୍ୱାକିବ୍ କରି ଦିଅନ୍ତି ! ତାଙ୍କ ଦେଶକୁ ସେ ଭଲ। ତାଙ୍କର ବିବାହର ସରିଲେ ଖାଲି ଯେ 'ବେଦୀମୁହଁ ଯୋଡ଼' ତାହା ନୁହେ, ବାପ ମା'ଙ୍କ ଘର ମଧ୍ୟ ପରଘର ହୋଇଯାଏ। ପିଲମାନେ ହାତକୁ ହାତ ଛନ୍ଦା ହୋଇଗଲେ, ପକ୍ଷୀଙ୍କ ପରି ବାପ ମା'ଙ୍କ ବସାରୁ ଉଡ଼ିଯାଇ ନିଜ ବସା ନିଜେ ବାନ୍ଧନ୍ତି। ଆମ ଦେଶରେ ସେ ଅବସ୍ଥା ଆସିବାକୁ ବହୁତ ଡେରି। ଏକାବେଳକେ ନ ଆସି ବି ପାରେ।

ଯେଉଁମାନେ ନିଜର ବାପ-ମା ଘରଦ୍ୱାର ପର୍ଯ୍ୟନ୍ତ ଛାଡ଼ି ଚାଲିଯାନ୍ତି ସେମାନେ ଗ୍ରାମ, ସମାଜ ଓ ରାଜ୍ୟର ସବୁ ଲୋକଙ୍କୁ ଆପଣାର କରି ଶାନ୍ତିମୟ ସମାଜ ଗଢ଼ିବେ ଏହା ଚିନ୍ତା କରି ହେଉ ନାହିଁ । ଅଥଚ ସେଇ ଦେଶରେ ପ୍ରଚାର ହେଉଛି, ସମଗ୍ର ପୃଥିବୀ ଗୋଟିଏ ପରିବାର ପରି ଚଳିବେ । ସେପରି ଚଳିବାକୁ ଶିକ୍ଷା ନିଜ ଘର ଭିତରୁ ଆରମ୍ଭ ହେବାର ଚାହିଁ । ଯେଉଁଦିନ ପର୍ଯ୍ୟନ୍ତ 'ଯେତେ ଦମ୍ପତି, ସେତେ ଚୁଲି'—ଏଇ ନୀତିର ପ୍ରଚଳନ ଥିବ ସେତେଦିନ ବ୍ୟକ୍ତି ବ୍ୟକ୍ତି, ଜାତି ଜାତିର ସଂଘର୍ଷ ଚାଲିଥିବ ଓ ସମାଜ ଧର୍ମଛଡ଼ା ହୋଇଯିବ । ସାଧାରଣ ଜୀବନରୁ ଧର୍ମ ଅଲଗା ହୋଇ ଦେଉଳ, ଗିର୍ଜା ଓ ମସଜିଦ୍‌ରେ ଆବଦ୍ଧ ହୋଇ ରହିବ । ସମାଜର ଆଦର୍ଶ ହେବ—'ଆରେ ଏ, ଯେତେବେଳେ ଯେ' । ଗିର୍ଜାରେ ବିଶ୍ୱମୈତ୍ରୀର ପ୍ରଚାର କରୁଥିବ, ସେଠାରୁ ଗୋଡ଼ କାଢ଼ିଲେ ଆଣବିକ ବୋମା ଧରି ବିଶ୍ୱକୁ ଜାଳି ପୋଡ଼ି ଦେବାପାଇଁ ମନ-ପବନ ଯାନରେ ଧାଉଁଥିବ । ଆଜି ପାଶ୍ଚାତ୍ୟ ସଭ୍ୟତାର ଏହି ପରିଣତି ହେବାର ଦେଖୁଛ ତ ?

## ଐକ୍ୟକ ଦାୟିତ୍ୱର ବିପଦ—

ପାଶ୍ଚାତ୍ୟ ଦେଶରେ ଆଜ ଏଇ ଅବସ୍ଥା ଆସି ପହଞ୍ଚିଯିବାରୁ ସେ ଦେଶର ପଣ୍ଡିତମାନେ ମତ ଦେଲେଣି ଯେ, ପାଶ୍ଚାତ୍ୟ ସଭ୍ୟତା ବୋଲି ଯାହାକୁ କୁହାଯାଉଛି ତାହାର କାଳ ଆସି ପୂରିଗଲାଣି । ତାଙ୍କଠାରୁ ଆମେ ଆଉ ଚଳଣି ଶିଖିବା ପରିବର୍ତ୍ତେ, ସେମାନେ ଆମର ଚଳଣି ଯଥାଯଥଭାବେ ଜାଣିଲେ ଆମ ଚଳଣି ନେବେ । ବର୍ତ୍ତମାନ ଭାରତର ଦୁର୍ଭାଗ୍ୟ, ବିଦେଶରେ ଯାଇ ଯେଉଁମାନେ ନିଜକୁ ଭାରତୀୟ ବୋଲି ଚିହ୍ନାଇ ହେଉଛନ୍ତି ସେମାନେ ନିଜ ଦେଶ ବିଷୟରେ ସଂପୂର୍ଣ୍ଣ ଅଜ୍ଞ । ନବ୍ୟ ସଭ୍ୟଙ୍କ ଭିତରେ ସବୁଠାରୁ

ବଡ଼ ପଣ୍ଡିତ ଜବାହାରଲାଲ ପୃଥିବୀର ଇତିହାସ ଲେଖି ସାରିବା-ପରେ 'ଭାରତର ଆବିଷ୍କାର' ପୁସ୍ତକ ଲେଖିଲେ । ଏ ଭଳି ବିଚାର-ମୂଢ଼ତା ସ୍ୱାଧୀନ ଭାରତରେ ଆଉ ବେଶୀ ଦିନ ଚଳିବ ନାହିଁ । ଯୁକ୍ତିଯୁକ୍ତ ବିଚାରରେ ଯଦି ଆମ ଚଳଣି ପସନ୍ଦ ହୁଏ, ତେବେ ଘରର ପୁଅ ବାହାର ଚାକଚକ୍ୟରେ ନ ଭୁଲି ନିଜ ଘରକୁ ନିଜେ ଅବଶ୍ୟ ଫେରିବ ବୋଲି ମୋର ଦୃଢ଼ ଧାରଣା । ପାଶ୍ଚାତ୍ୟ ପଣ୍ଡିତମାନେ ଆଧୁନିକ ସଭ୍ୟତାର ଅପର୍ଯ୍ୟାପ୍ତତାରେ ବିରକ୍ତ ହୋଇ ଯେଉଁ ପ୍ରତିକାର ଲୋଡ଼ୁଛନ୍ତି ତାହା ଆମରି ଚଳଣିରେ ଅଛି । ତେଣୁ କହିଲି, ସେମାନଙ୍କ ଢଙ୍ଗ ଆମେ ଆଦରି ନିବାର ବେଳ ଆଉ ନାହିଁ । ଏତେବେଳେ ନିଜ ସଂସ୍କୃତିର ପର୍ଯ୍ୟାଲୋଚନା କଲେ ସନ୍ତୋଷ ପାଇବ ।

ପାଶ୍ଚାତ୍ୟ ଦେଶରେ ଘର ଭାଙ୍ଗିବାର, ବିସ୍ତର ଛାଡ଼ପତ୍ର ଚଳିବାର ପ୍ରଧାନ କାରଣ, ଯୁବକ ଯୁବତୀ ନିଜ ନିଜ ବିବାହ ନିଜେ ଯୋଗାଡ଼ କରୁଛନ୍ତି । କେତେକ ବିଚାରବନ୍ତ ଯୁବକ ଯୁବତୀ ଥାଇ ପାରନ୍ତି, ଯେଉଁମାନେ ପରସ୍ପରକୁ ଚଞ୍ଚଆଖିଆ ହୋଇ ବାଛି ପାରିବେ । କିନ୍ତୁ ଅଧିକାଂଶଙ୍କୁ ମାନ, ଧନ ଓ ରୂପର ଆକର୍ଷଣ ପ୍ରଭାବିତ କରେ । ଦୈହିକ ଆକର୍ଷଣ ଯୁବକଯୁବତୀର ସବୁଠାରୁ ବଡ଼ ଆକର୍ଷଣ । ଏଥିଯୋଗୁଁ ଆଗକୁ ପଛକୁ ବିଚାରି ତୁମେ ନିଜେ ଦେଖି ନିଜର ସ୍ତ୍ରୀ ବାଛିବା କେତେଦୂର ସମ୍ଭବ ବିଚାର କର ।

ମୋର ଦୃଢ଼ ବିଶ୍ୱାସ, ପତ୍ନୀ ନିର୍ବାଚନରେ ପିତାମାତାଙ୍କ ସାହଚର୍ଯ୍ୟର ଯେତିକି ଯେତିକି ହ୍ରାସ ହେବ, ଛାଡ଼-ପତ୍ରର ସଂଖ୍ୟା ସେତିକି ବଢ଼ିବ । ପାଶ୍ଚାତ୍ୟ-ସଂସ୍କୃତିପ୍ରଭାବିତ ଭାରତୀୟମାନେ ଛାଡ଼ପତ୍ରକୁ ସ୍ତ୍ରୀ-ସ୍ୱାଧୀନତାର ପ୍ରତୀକ ବୋଲି ମନେ କରନ୍ତି । ପାଶ୍ଚାତ୍ୟ-ସଭ୍ୟତା-ଗ୍ରସ୍ତ ପଣ୍ଡିତ ଜବାହାରଲାଲଙ୍କ ଜିଦ୍‌ରେ ହିନ୍ଦୁ

ସମାଜରେ ଗ୍ରହପତ୍ର ପ୍ରଥା ଚଳାଇବାକୁ ଆଇନ୍ ହୋଇଛି । ସ୍ତ୍ରୀମାନଙ୍କୁ ପିତା ଓ ସ୍ୱାମୀଙ୍କଠାରୁ ସଂପତ୍ତି ପାଇବାର ବ୍ୟବସ୍ଥା କରା ହୋଇଛି । ଏହାକୁ ମୁଁ ଅବମୃଶ୍ୟକାରିତାର ଦୃଷ୍ଟାନ୍ତ ବୋଲି ମନେକରେ । ଏବେ ଖବରକାଗଜରେ ପଢ଼ିଲି, କେବଳ କଲିକତା ସହରରେ ଏହି ଆଇନ୍‌ର ସୁବିଧା ନେଇ ୩ ହଜାର ଗ୍ରହପତ୍ର ଦରଖାସ୍ତ ହୋଇଛି । କିନ୍ତୁ ମୋର ଦୃଢ଼ ଆଶା, ହିନ୍ଦୁ ସମାଜ ଶାସକର ଦୌରାତ୍ମ୍ୟକୁ ପୂର୍ବରେ ଯେପରି ଅବଜ୍ଞା କରି ନିଜର ପରଂପରା ଧରି ଚଳି ଆସିଛି, ଏ କ୍ଷେତ୍ରରେ ମଧ୍ୟ ସେଇପରି ହେବ । ଏହି ତଥାକଥିତ ସଂସ୍କାର ପାଣିରେ ମଇଳା ଭାସିଲା ପରି, ସମାଜର ଉପରେ ଉପରେ ଭାସିବା ଫଳରେ ଯଥାକାଳରେ ବାହାରକୁ କାଢ଼ିଦିଆ ବା ଦଳପରି ବାହାରେ ଫୋପଡ଼ା ହୋଇ ପଡ଼ିବ । ତା’ ଯଦି ନ ହୁଏ ତେବେ ସମାଜ ବନ୍ଧଗଣ୍ଡିଆ ପରି ଦୂଷିତ ହୋଇଯିବ ।

କେଉଁ ଦୂର ଅତୀତରେ ‘ମନୁସ୍ମୃତି’ ଚଳିବା ଦିନୁଁ, ଆମ ସମାଜରେ ନିଷେଧ ଅଛି—ସ୍ତ୍ରୀ ପୁରୁଷ ବିବାହପରେ, ପରସ୍ପରକୁ ଛଡ଼ାଛଡ଼ି କରି ପାରିବେ ନାହିଁ । ସ୍ତ୍ରୀ ବନ୍ଧ୍ୟାହେଉ ବା ରୋଗଗ୍ରସ୍ତ ହେଉ ବା ବ୍ୟଭିଚାରିଣୀ ହେଉ ସେ ସ୍ୱାମୀର ପୋଷ୍ୟା ; ତା’କୁ ଗ୍ରହ ଦିଆଯାଇ ନ ପାରେ । ବନ୍ଧ୍ୟାତ୍ୱ ବା ଅନ୍ୟାନ୍ୟ ରୋଗ ସଂପୂର୍ଣ୍ଣଭାବେ ମନୁଷ୍ୟର ଆୟତ୍ତାଧୀନ ନ ଥିବାରୁ ଭାଗ୍ୟକୁ ଆଦରି ତାହା ଲୋକେ ସହିଯାନ୍ତି । ସେପରି ନ କରି, ବିଳାତ ଆମେରିକା ପରି, ସ୍ୱାମୀ ବା ସ୍ତ୍ରୀର ଝାଳ ଗନ୍ଧେଇଲେ କି ଘୁଂଘୁଡ଼ି ଶବ୍ଦ ହେଲେ ଯଦି ଅପର ପକ୍ଷ ଗ୍ରହପତ୍ର-ଦରଖାସ୍ତ କରେ ତେବେ ସମାଜର ସ୍ଥିତି କିପରି ହେବ ବିଚାର କରାଯାଉ ।

ଆମେରିକାର ସମାଜରେ ଏହି ସାମାଜିକ ଅବ୍ୟବସ୍ଥାର ଦୃଢ଼ ସଂକେତ ଦିଶିଲାଣି । ସେଠାରେ ପରିବାରର ସ୍ଥିତି ଏକାବେଳକେ

ଚହଲି ଗଲଣି । ବିବାହପରେ ପୁଅ ତ ବାପ ମା'ଙ୍କୁ ଛାଡ଼ି ଯାଉଥିଲା, ଭାଇଙ୍କ ସାଙ୍ଗରେ ରହିବା ପ୍ରଶ୍ନ ତ ଉଠେ ନାହିଁ । ଏବେ ସ୍ୱାମୀ ସ୍ତ୍ରୀଙ୍କ ସହାବସ୍ଥାନ ବି ବିପନ୍ନ । ଅଧାବୟସରେ ସେମାନେ ଛଡ଼ାଛଡ଼ି ହୋଇ ତ ନିଜେ ଯାହା ସନ୍ତପନ୍ତ ହେଉଛନ୍ତି, ପୂର୍ବରୁ ସେମାନଙ୍କର ହୋଇଥିବା ପିଲାପିଲିଙ୍କ ଦୁର୍ଦ୍ଦଶା ସବୁଠାରୁ ଅଧିକ ହେଉଛି । ପିତା-ମାତାଙ୍କ ଯୋଗୁଁ ସେମାନଙ୍କ ଜୀବନ ଅଭିଶପ୍ତ ହେଉଛି । ସେମାନେ ସଂସାର ପ୍ରତି ମମତାଶୂନ୍ୟ ହୋଇ ଯାଉଛନ୍ତି ଓ ଏପରି ହେଉ ହେଉ ଜେଲଖାନା ଓ ମୃତ୍ୟୁଦଣ୍ଡ ପର୍ଯ୍ୟନ୍ତ, ତାଙ୍କ ଭିତରୁ କେତେକ ଆଗେଇ ଯାଉଛନ୍ତି । ଏହାଦେଖି ତସତନ ପଣ୍ଡିତମାନେ ବିଚାରୁଛନ୍ତି, ଯୁବକର ପ୍ରଥମ ଯୌବନରେ ସେ ବିବାହବନ୍ଧନ ଗ୍ରହଣ କଲେ ଛାଡ଼ପତ୍ରର ଉତ୍ପାତ କମନ୍ତା ଓ ତାହାର ବିଷମୟ ଫଳରୁ ସମାଜ ଉଦ୍ଧାର ପାଆନ୍ତା ।

ଖାଲି ଏତିକରେ ସମସ୍ୟାର ସମାଧାନ ସମ୍ଭବ ନୁହେ । ସ୍ୱାର୍ଥ-ସର୍ବସ୍ୱ ମନୋବୃତ୍ତିର ଯେତିକି ଦମନ ହେବ ସେଇ ଅନୁପାତରେ ସାମାଜିକ ସ୍ଥିତି ସୁଦୃଢ଼ ହେବ । ନିଜର ସୁଖ ଓ ସୁବିଧା ପାଇଁ ବାପ ମା ଓ ଭାଇଭଉଣୀଙ୍କୁ ଛାଡ଼ିବାରୁ ଆରମ୍ଭ କଲେ ପିଲାମାଇପଙ୍କଠାରୁ ନିଜ ସୁଖ ସୁବିଧାକୁ ସ୍ୱତନ୍ତ୍ର କରି ଦେଖିବା ବଳେ ବଳେ ଆସିଯିବ । ନିଜର ଆତ୍ମୀୟଙ୍କ ପାଇଁ ନିଜର ସୁଖସୁବିଧା ଛାଡ଼ିବା ପରିବାରର ମୂଳତତ୍ତ୍ୱ ଓ ନିଜ ପରିବାରର ସ୍ୱାର୍ଥକୁ ପ୍ରତିବେଶୀର ଅନୁକୂଳ କରିପାରିଲେ ଯାଇ ସମାଜ ସମାଜ ହୋଇ ରହିବ । ମୋର ବିଚାରରେ ପିତାମାତା ଓ କୁଳକୁଟୁମ୍ବଙ୍କୁ ଚାହିଁ ନିଜର ସ୍ତ୍ରୀ ନିର୍ବାଚନ କରିବା ଯୁବକର ସମାଜ ପ୍ରତି ସର୍ବପ୍ରଧାନ କର୍ତ୍ତବ୍ୟ । ମୋର ଓ ତୁମ ମା'ଙ୍କର ସହଯୋଗରେ ଏ କର୍ତ୍ତବ୍ୟ ସାଧନ ସହଜ ବୋଲି ମୁଁ ଭାବୁଛି । ଭଲ କରି ବିଚାର କରିବ ।

## ଗୃହିଣୀ ଗୃହମୁଚ୍ୟତେ—

ତୁମେ ନିଜର ଜୀବନନିର୍ବାହର ବ୍ୟବସ୍ଥା କରିସାରିଲେ ଯାଇ ବିବାହ କରିବ ବୋଲି ଯେଉଁ ଦୁଆ ଧରିଛ ତାହା 'ପରପ୍ରତ୍ୟୟନେୟ' ବୁଦ୍ଧି ବୋଲି ମୁଁ ବିଚାରିବାକୁ ବାଧ୍ୟ ହୋଇଛି । କଞ୍ଚା ଓଡ଼ିଆରେ ଏହାକୁ କୁହାଯିବ 'ଦେଖାଶିଖା ବୃତ୍ତି' । ପାଶ୍ଚାତ୍ୟ ଦେଶମାନଙ୍କରେ ଏଇପରି ଚଳୁଛନ୍ତି—ଏତିକ ବ୍ୟତୀତ ଅନ୍ୟ କୌଣସି ଯୁକ୍ତି ତୁମେ ନିଜ ସପକ୍ଷରେ ଦେଇ ପାରିବ ବୋଲି ମୋର ମନେ ହୁଏ ନାହିଁ ।

ଘଣ୍ଟା, କଲମ, ସାଇକଲ୍, ମଟର ପରି ସ୍ତ୍ରୀ ଭୋଗ୍ୟବସ୍ତୁ ନୁହେଁ ଯେ ତୁମେ ଅର୍ଜନ-କ୍ଷମ ହେଲେ ଯାଇ ଗୋଟିଏ ସଂଗ୍ରହ କରିବ । ସ୍ତ୍ରୀ-ସୁଖ ଭୋଗ୍ୟ, କିନ୍ତୁ ସ୍ତ୍ରୀ ପୁରୁଷର ସହଧର୍ମିଣୀ, ସହଚରୀ ଓ ସହକର୍ମିଣୀ । ପୁରାଣମାନଙ୍କରେ ଅଛି, 'ଗୃହିଣୀ ଗୃହମୁଚ୍ୟତେ'— 'ଯେଉଁ ଘରେ ସୁଗୃହିଣୀ ନାହିଁ ସେ ଗୃହ ଅରଣ୍ୟ ପରି ।' ବରଂ ଜଙ୍ଗଲରେ ବୈରାଗୀ ହୋଇ ରହିବା ଶ୍ରେୟସ୍କର, ସୁଗୃହିଣୀ-ହୀନ ଗୃହରେ ବାସ କରିବା ଦୁଷ୍କର । ମନୁଷ୍ୟର ଧର୍ମ, ଅର୍ଥ, କାମ ସମସ୍ତର ସମ୍ପାଦନ ସ୍ତ୍ରୀର ସାହଚର୍ଯ୍ୟରେ କରିବାକୁ ହୁଏ । ଏହା ସବୁ ଯୁଗରେ ଓ ସବୁ କ୍ଷେତ୍ରରେ ସମସ୍ତଙ୍କ ପକ୍ଷରେ କିପରି ସତ୍ୟ ତାହା ଟିକିଏ ବିଚାରିଲେ ଜଣାପଡ଼ିବ ।

ପୁରାଣ କଥାକୁ ଛାଡ଼ି ନିଜେ ବୈଜ୍ଞାନିକ ରୀତିରେ ବିଚାର କରାଯାଉ । ପାଠ ପଢ଼ି ସାରି ଜୀବିକା ଅର୍ଜନର ସୁଗମ ପନ୍ଥା ଅବଲମ୍ବନ କରିବାର ମଧ୍ୟବର୍ତ୍ତୀ କାଳ ମନୁଷ୍ୟ-ଜୀବନରେ ସବୁଠାରୁ ଭିଡ଼ ସମୟ ବୋଲି ମୁଁ ଅନୁଭବ କରିଛି ; ମୋର ସମବୟସୀ-ମାନଙ୍କଠାରୁ ସେଇଆ ଶୁଣିଛି । ସେତିକିବେଳେ ଜୀବନଟା ବଡ଼ ଫାଙ୍କା ଜଣାଯାଏ । ବାପ ମା, ଭାଇ ଭଉଣୀଙ୍କଠାରୁ ସେତିକିବେଳେ

ମନ ଛୁଞ୍ଚ ଯାଇ ଆତ୍ମ-କେନ୍ଦ୍ରକ ହୋଇଯାଏ । ନାନା ଆଡ଼େ ଉଦ୍ୟମ କରି ତୁରନ୍ତ ଫଳ ନ ମିଳିବାରୁ ମନରେ ହତାଶା ଆସିଯାଏ—ସବୁବେଳେ ମନ ପୋଡ଼ିଗଲା ପରି ଲାଗେ । ପୋଡ଼ାମନରେ ଉଦ୍ୟମ ସବୁ ଅଧିକରୁ ଅଧିକ ନିଷ୍ଫଳ ହୁଏ । ଏଇ ଅବସ୍ଥାରେ ମଣିଷ ବହୁ ଦୁରଭ୍ୟାସ ଓ ଦୁଷ୍ପ୍ରବୃତ୍ତିର ବଶମ୍ବଦ ହୋଇଯାଏ । ଏତିକିବେଳେ ନିଜର ଦୁଶ୍ଚିନ୍ତା ଦୂର କରିବା ପାଇଁ, କ୍ଳେଶର ଅପନୋଦନ ପାଇଁ ପତ୍ନୀର ପ୍ରୟୋଜନ ସବୁଠାରୁ ବେଶୀ ବୋଲି ଖାଲି ମୁଁ ମନେକରେ ନାହିଁ, ପୂର୍ବାଚାର୍ଯ୍ୟମାନେ ସେଇଆ କହି ଆସିଛନ୍ତି । ବ୍ରହ୍ମବୈବର୍ତ୍ତ ପୁରାଣରେ ଅଛି:—

ଭାର୍ଯ୍ୟାମୂଳଂ ସଦା ହର୍ଷଂ ଭାର୍ଯ୍ୟାମୂଳଂ ଚ ମଙ୍ଗଳମ୍
ଭାର୍ଯ୍ୟାମୂଳସ୍ତୁ ସଂସାରେ ଭାର୍ଯ୍ୟାମୂଳଂ ଚ ସୌରତମ୍ ।
ଯଥା ରଥଶ୍ଚ ରଥିନାଂ ଗୃହିଣାଂ ଚ ତଥା ଗୃହମ୍
ସାରଥିସ୍ତୁ ଯଥା ତେଷାଂ ଗୃହସ୍ଥାନାଂ ତଥା ପ୍ରିୟା ॥

'ପୁରୁଷର ସ୍ତ୍ରୀ ମାନସିକ ଶାନ୍ତି-ଦାୟିକା ; ଭାର୍ଯ୍ୟା ସମସ୍ତ ଉନ୍ନତିର ନିଦାନ ; ସଂସାରଯାତ୍ରା ତା ବ୍ୟତୀତ ସମ୍ଭବ ନୁହେଁ ; ଭାର୍ଯ୍ୟାଠାରେ ନିଜର ଆସକ୍ତି ଏକନିଷ୍ଠ ହେଲେ କାମ-ଶାନ୍ତି ହେବା ସଙ୍ଗେ ସଙ୍ଗେ ମନରେ ପ୍ରସନ୍ନତା ଆସେ । ଯୋଦ୍ଧାର ରଥ ଯେପରି କାର୍ଯ୍ୟସାଧକ, ଗୃହୀର ସେହିପରି ଗୃହ ; ସେ ଗୃହର ସାରଥୀ ସ୍ତ୍ରୀ, ଯେପରି ରଥରେ ସାରଥି ।'

ଜନ୍ମ ରାଶିନକ୍ଷତ୍ର ଓ କୋଷ୍ଠିରେ ଯେଉଁମାନେ ବିଶେଷ ବିଶ୍ୱାସ କରନ୍ତି, ସେମାନେ ତ କହନ୍ତି ନିଜର ଜାତକର ରିଷ୍ଟାଦି, ସ୍ତ୍ରୀର ବଳବତ୍ତର ଜାତକ ଯୋଗୁଁ ଅନେକ ସମୟରେ ଏଡ଼ି ହୋଇଯାଏ । ଫଳିତ ଜ୍ୟୋତିଷର ନିର୍ଦ୍ଦୋଷତାରେ ମୋର ଏ ପର୍ଯ୍ୟନ୍ତ

ପ୍ରତ୍ୟୟ ଆସି ନାହିଁ, କିନ୍ତୁ ମଣିଷର ସ୍ୱାଭାବିକ ବୁଦ୍ଧିକୁ ଏଥିରେ ଅନ୍ତର୍ନିହିତ ସତ୍ୟ ପରିସ୍ଫୁଟ । ଜଣକର ସ୍ନେହ ସହାନୁଭୂତି ଓ ପ୍ରୋତ୍ସାହରେ ଅପରର କର୍ମକ୍ଷମତା ଓ ସାହସ ବଢ଼ିବା ନିଃସନ୍ଦେହ ।

ତା'ପରେ ଦୁଇଜଣଙ୍କ ସହଯୋଗରେ ଯେଉଁ ସଂସାର ଗଢ଼ି ଉଠିବ ସେଥିରେ ଉଭୟେ ସମାନ ଅଂଶୀଦାର ହୋଇ ରହିବାର ମୂଲ୍ୟ କେତେ ବିଚାର କର । ତୁମେ ସ୍ୱାଧୀନ ଭାବରେ ଗଢ଼ିଥିବା ସଂସାରରେ ତୁମ ସ୍ତ୍ରୀର ସ୍ୱଚ୍ଛନ୍ଦ ବିକାଶ ଆଦୌ ସମ୍ଭବ ନୁହେ ।

## ବଧୂ—ପତ୍ନୀ—ଗୃହିଣୀ ଓ ମା

ଯେଉଁ ଦେଶରେ ବିବାହପରେ ସ୍ୱାମୀ ସ୍ତ୍ରୀ ଯାଇ ସ୍ୱତନ୍ତ୍ର ଗୃହସ୍ଥାଳୀ କରନ୍ତି, ସେଇମାନଙ୍କ ଆଦର୍ଶରେ ଆମ ଦେଶର ଶିକ୍ଷିତ ଯୁବକମାନେ ନିଜର ଗୃହସ୍ଥାଳୀ କରିବାକୁ ସମର୍ଥ ହେଲେ ଯାଇ ବିବାହ କରିବାକୁ ଇଚ୍ଛା କରୁଛନ୍ତି । ଏହା ଦ୍ୱାରା କିପରି ପରିବାରର ଗଣ୍ଡି ଛୋଟ ହୋଇଯାଏ, ମନୁଷ୍ୟ ଆତ୍ମ-ସର୍ବସ୍ୱ ହୋଇଯାନ୍ତି, ତାହା ପାଶ୍ଚାତ୍ୟ ପଣ୍ଡିତମାନେ ଅନୁଧ୍ୟାନ କରିବାକୁ ଆରମ୍ଭ କଲେଣି । ତାଙ୍କ କଥା ଛାଡ଼ । ଆମ ଦେଶର ପରଂପରା ସ୍ୱତନ୍ତ୍ର । ଆମ ଦେଶରେ କନ୍ୟା ବିବାହ କରି ପିତାଳୟରୁ ଶ୍ୱଶୁରାଳୟକୁ ଆସେ । ସେ ନିଜ ସ୍ୱାମୀର ସ୍ତ୍ରୀ ହୋଇ ନ ଆସି, ସ୍ୱାମୀଗୃହକୁ ବୋହୂ ହୋଇ ଆସେ । ସମାଜ-ରକ୍ଷାରେ ଏଇ କଥାର କେତେ ମହତ୍ତ୍ୱ ତାହା ବୁଝାଇବାକୁ ଧର୍ମ ବା ମତବାଦର ଆଶ୍ରୟ ନ ନେଇ ମୁଁ କେତୋଟି ସାଧାରଣ କଥାର ଉଲ୍ଲେଖ କରୁଛି । ଶଶୁର ଘରକୁ ଆସିଲା ବେଳେ ବୋହୂ ଶଶୁର ଘରକୁ 'ପର' । ଗୋଟିଏ ରକମ ଚାଲିଚଳନ ଛାଡ଼ି ସେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ବେଷ୍ଟନୀରେ ଆସି ପଡ଼ିଯାଏ । ତା' ସ୍ୱାମୀର ସ୍ୱଭାବ ଚରିତ୍ର, ତା' ନଣନ୍ଦକୁ ଯେତିକି ଜଣା ତହିଁରୁ କାଣିଚାଏ ବି ସେ ଜାଣି ନ ଥାଏ । ସବୁ ତା'କୁ ଆଙ୍ଗୁଆଙ୍ଗୁଆ ଲାଗେ । ଏଇପରି ଅବସ୍ଥାରେ ସେ ଯଦି

ସ୍ୱତନ୍ତ୍ରା ହୋଇ ନିଜ ସ୍ୱାମୀକୁ ଧରି ରହେ, ତେବେ କାମପରବଶ ସ୍ୱାମୀ ତା'ରି ପ୍ରେମରେ ନିଜର ଘରଦ୍ୱାର, ପିତାମାତାଙ୍କୁ ଭୁଲିବା ସଙ୍ଗେ ସଙ୍ଗେ ନିଜର ଭଲମନ୍ଦକୁ ବି ଭୁଲିଯାଏ । ପ୍ରଥମ-ପ୍ରେମର ଜୁଆର ଭାଙ୍ଗିଯିବା ପରେ ସେ କକ୍ଷଚ୍ୟୁତ ହେଲା ପରି ଅନୁଭବ କରେ । ପ୍ରତି ଗ୍ରୋଟି ଗ୍ରୋଟି କଥାରେ ସ୍ତ୍ରୀ ସଙ୍ଗେ ମତଭେଦ ଓ କଳିତକରାଳ ହୁଏ—ଏଇ ପରିସ୍ଥିତିରେ ସେ ଏ କୁଳର ହୁଏ ନାହିଁ କି ସେ କୁଳର ହୁଏ ନାହିଁ । ଗୃହସ୍ଥ ପକ୍ଷରେ ଅତି ଅନୁକୂଳ ପରିସ୍ଥିତି । ଲୋକାଚାରକୁ ମାନି ବା ଲୋକାପବାଦକୁ ଡରି ଗୃହପକ୍ଷ ନ ହୋଇ ପାରିଲେ, ସ୍ତ୍ରୀ ଅଳଂକାର ନ ହୋଇ ଜୀବନର ଦୁର୍ବିସହ ଭାର ହୋଇ ପଡ଼େ । ଏଇ ପରିସ୍ଥିତିରୁ ଉଦ୍ଧାର ହେବାକୁ ଆମର ବ୍ୟବସ୍ଥା ଅଛି, କନ୍ୟା ପ୍ରଥମେ ଘରକୁ ବୋହୂ ହୋଇ ଆସିବ ।

ବୋହୂ ହୋଇ ସେ ଘରକୁ ଆସେ । ନିଜ ନଣନ୍ଦମାନଙ୍କ ସଙ୍ଗେ ମିଶି ସେଇମାନଙ୍କଠାରୁ ସ୍ୱାମୀଙ୍କର ଦୋଷଗୁଣ ବୁଝେ । ନଣନ୍ଦ ଓ ଦିଅରମାନଙ୍କ ସଙ୍ଗେ ରହସ୍ୟ କରି ଘର ଚଳାଇବାରେ ସ୍ୱାମୀର ସହାୟ ହୁଏ । ଏହି ପ୍ରଣାଳୀରେ ସେ ଶଶୁର ଓ ଶାଶୁଙ୍କର ବିଶ୍ୱାସଭାଜନ ହୋଇ ପରିଶେଷରେ ହୋଇଯାଏ ଗୃହିଣୀ—ମାଲିକାଣୀ । ସେମାନଙ୍କର ଶିକ୍ଷା ଓ ସନ୍ତୋଷରେ ସେ ନିଜ ପତିଙ୍କର ସହଧର୍ମିଣୀ ଓ ସହକର୍ମିଣୀ ହେବାକୁ ଶିଖେ । ଏତିକି ହୋଇ ସାରିଲା ପରେ ସେ ଶଶୁର ଘରର ପରଂପରା ରକ୍ଷା କରିବାକୁ ସମର୍ଥ ହୁଏ ଓ ନିଜ ପିଲାଙ୍କୁ ଶଶୁର ଓ ଜେଜେ ଶଶୁରଙ୍କର ଉପଯୁକ୍ତ ଦାୟାଦ କରି ଗଢ଼ିବାକୁ ଲାଗିଯାଏ । ଆମ ଦେଶର ସଂସ୍କୃତି ଏଇ ରୀତିରେ ରହି ଆସିଛି । ତୁମେ ବୟସରେ ଓ ଅଭିଜ୍ଞତାରେ ଯେତିକି ଯେତିକି ବଢ଼ିବ, ଏ ରୀତିର ଯାଥାର୍ଥ୍ୟ ସେତିକି ସେତିକି ଅନୁଭବ କରିବ ବୋଲି ମୁଁ ନିର୍ଭର ଭାବେ କହିପାରେ ।

ପ୍ରଥମ ଯୌବନରେ ଯୁବକ ନିଜର ପରମ୍ପରା ଓ ବେଷ୍ଟନୀ-ଏକ କଥାରେ ନିଜ ସଂସ୍କୃତି ବିରୁଦ୍ଧରେ ବିଦ୍ରୋହୀ ହୋଇ ଉଠେ । ବୈଦେଶିକ ପ୍ରଭାବ ପଡ଼ି ଆମ ଦେଶର ଯୁବକମାନଙ୍କର ଏ ବିଦ୍ରୋହର ମାତ୍ରା କିଞ୍ଚିତ୍ ଅଧିକ । ମୁଁ ତ ପୁଣି ଦିନେ ଯୁବକ ଥିଲି । ମୋର ମନରେ ବି ଏଇ ବିଦ୍ରୋହ ଭାବ ଜାଗ୍ରତ ହୋଇଥିଲା । ଗୁରୁଜନମାନେ ଅଭିସନ୍ଧି ଭାବେ ତିଆରିବାକୁ ଯାଇ ମୋ ମନର ବିଦ୍ରୋହ ଭାବକୁ ତାଉ ଦେଉଥିଲେ ବୋଲି ମନେ ପଡୁଛି । ସେମାନେ ନିଜ ସଂସ୍କୃତିର ସମ୍ପତ୍ତି ଓ ଅଳଙ୍କାର ବୋଲି ଯାହା ସବୁ ଚିହ୍ନାଇଲେ ସେ ସବୁ ମୋତେ ଅଭିଶାପ ଓ ହାତକଡ଼ି ବେଡ଼ି ପରି ଦିଶିଲା । କ୍ରମେ ନିଜର ଅଭିଜ୍ଞତା ଓ ଅନୁଭୂତି ଯେତିକି ବଢ଼ୁଛି ମୁଁ ସେତିକି ବୁଝୁଛି ଯେ ମଣିଷ ବୟସର କୌଣସି ସ୍ତରରେ ଯେତେ ଉଚ୍ଛୃଙ୍ଖଳ ହେଲେ ବି ନିଜର ବେଷ୍ଟନୀ ଭିତରେ ହିଁ ବଢ଼ିବାର ସୁଯୋଗ ପାଏ । ପ୍ରତ୍ୟେକ ଦେଶର ଜଳବାୟୁର ପ୍ରଭାବରେ ଐତିହ୍ୟ ସୃଷ୍ଟି ହୁଏ—ଏହି ଐତିହ୍ୟର ବାହ୍ୟ ପ୍ରକାଶର ରୀତିର ନାମ ସଂସ୍କୃତି । ନିଜ ସଂସ୍କୃତିକୁ ଧରି ମନୁଷ୍ୟର ଅଭିବ୍ୟକ୍ତି ଓ ବିକାଶ ସହଜ ଓ ସୁନ୍ଦର । କ୍ରମେ ଯୁଗର ପରିବର୍ତ୍ତନରେ ଏହି ସଂସ୍କୃତିର କାଳୋପଯୋଗୀ ପରିବର୍ତ୍ତନ ଓ ପରିବର୍ଦ୍ଧନ ଉଚିତ ହେଲେ ହେଁ, ନିଜ ସଂସ୍କୃତିର ଅନୁବର୍ତ୍ତୀମାନେ ହିଁ ତାହାର ପରିବର୍ତ୍ତନ କରାଇବାରେ ଅଧିକାରୀ । ଏହି ସତ୍ୟଟି ଯେତେ ଶୀଘ୍ର ଅବଧାରଣ କରିବ, ଜଳ ବୁଦ୍‌ବୁଦ ପରି ଏ ଜୀବନରେ ସେତିକି ପୂର୍ଣ୍ଣତା ପାଇବାର ଅବକାଶ ମିଳିବ ।

ପାଶ୍ଚାତ୍ୟ ପ୍ରଭାବରେ ଆମ ସମାଜର ପରମ୍ପରା ଦୋହଲି ଯାଇଥିବା ଯୋଗୁଁ ମୁଁ ଉପରେ ଯେଉଁ ବିଷୟର ଅବତାରଣା କଲି ତାହା ଦୁରବଲଭ୍ୟ ଆଦର୍ଶବାଦ ପରି କେତେକଙ୍କର ମନେ ହୋଇ-ପାରେ । ଜଣେ ବନ୍ଧୁ ସେ ଦିନ ମୋତେ ବୁଝାଇବାକୁ ଆରମ୍ଭ କରୁ-

ଥିଲେ ଯେ, 'ଯୁବକଯୁବତୀଙ୍କର ସ୍ୱଚ୍ଛନ୍ଦ ବିକାଶ ନିମନ୍ତେ ପିତାମାତା ଓ ଶାଶୁଶ୍ୱଶୁରଙ୍କଠାରୁ ସେମାନେ ସ୍ୱତନ୍ତ୍ର ହୋଇ ରହିବା ଉଚିତ । ଗୁରୁଜନମାନେ ପିଲାଙ୍କର ଦୋଷାଦୋଷ ପ୍ରତି ଅସହିଷ୍ଣୁ ହୋଇ ପଡ଼ନ୍ତି । ଶାଶୁନଣନ୍ଦଙ୍କ ଗଞ୍ଜଣାରେ ବୋହୂ ହନ୍ତସନ୍ତ ହୋଇ ଅନେକ ସମୟରେ ଆତ୍ମହତ୍ୟାରେ ଶାନ୍ତି ଲୋଡ଼େ ।' ଏ କଥାରେ ସତ୍ୟ ନାହିଁ ବୋଲି ମୁଁ କହୁନାହିଁ । କିନ୍ତୁ ଶହେ ପରିବାରରେ ଗୋଟାଏ ଦୁଇଟାର ଦୃଷ୍ଟାନ୍ତକୁ ସାର୍ବଜନୀନ କରି ଥୋଇବା ବୈଜ୍ଞାନିକ ଚିତ୍ତବୃତ୍ତିର ପରିଚୟସୂଚକ ନୁହେଁ । ମୁଁ ଜାଣେ, ତୁମର ମନ ମୂଳରୁ ସତ୍ୟାନୁସନ୍ଧିତ୍ସୁ । ତୁମେ ତ ଜାଣ, ତୁମ ମା ତୁମର ମଙ୍ଗଳ ପାଇଁ କିପରି ସବୁବେଳେ ଚିନ୍ତିତ । ତାହାର ଲକ୍ଷ୍ୟ ଲାଗିଛି, ସେ ଇହଲୀଳା ସାଙ୍ଗ କରିବା ପୂର୍ବରୁ କିପରି ତୁମର ପତ୍ନୀଙ୍କୁ ତୁମର ଉପଯୁକ୍ତା କରି ଗଢ଼ିପିବ । ତାହାର ଅଭିଳାଷ ଚରିତାର୍ଥ କରିବା ପାଇଁ ସେ ନିଷ୍ଠାରେ ଆମ ଇଷ୍ଟଦେବଙ୍କୁ ଡାକୁଛି । ତା'ର ନିଷ୍ଠା, ମୋ ପରାମର୍ଶ ଓ ତୁମ ବିଶ୍ୱାସ ମିଶି ସେ ଅଭିଳାଷର ପୂରଣ ହେଲେ ମୁଁ ସର୍ବାନ୍ତଃକରଣେ ପ୍ରୀତ ହେବ ।"

—o—

# କୁଳସ୍ୟ ତାରକଃ ପୁତ୍ରଃ

**କଲ୍ୟାଣୀୟେଷୁ,**

ତୁମ ପୁଅର ଏକୋଇଶିଆ ଉତ୍ସବ ଫଳରେ ମୋର ଶାରୀରିକ ଅସାମର୍ଥ୍ୟ ଯୋଗୁଁ ତୁମକୁ ଧନ୍ୟବାଦ ଦେଇ ପାରୁନାହିଁ, କ୍ଷମା କରିବ । ତୁମ ପିଠାପଣା, ଭୋଜିଭାତର ଆଡ଼ମ୍ବର ଦେଖି ମୋର ମନ ୨୭ ବର୍ଷ ପଛକୁ ଫେରିଗଲା । ମୋର ପ୍ରଥମ ସନ୍ତାନଟି ଜାତ ହୋଇଥାଏ । ତା'କୁ ପୂରା ଛଅମାସ ହୋଇ ନ ଥାଏ । ମୁଁ ତା ପାଇଁ କଲିକତାରୁ ଗୁଡ଼ାଏ ଖେଳନା ଓ ପ୍ୟାଣ୍ଟ୍ କୁରୁତା ଧରି ଆସିବା ବେଳେ ମୋର ଜଣେ ଗୁରୁଜନ ସେ ସବୁ ଜିନିଷ ଦେଖି ଟିପ୍ପଣୀ କଲେ, "କିଓ, ସୃଷ୍ଟି ଆରମ୍ଭ ବେଳୁ ଆଉ କାହାର ବୋଧହୁଏ କେବେ ପିଲା ଜନ୍ମ ହୋଇ ନ ଥିଲେ । ତୁମର ନୂଆ ହୋଇ ଏ ପିଲାଟି ହୋଇଛୁ ପରା !" ମୋତେ ଟିକିଏ ଲାଜ ମାଡ଼ିଥିଲା, କିନ୍ତୁ ମନେ ମନେ ଖୁବ୍ ବେଶୀ ବିରକ୍ତ ହେଲି । ହଠାତ୍ ମନରେ ହେଲା, ଭଦ୍ରବ୍ୟକ୍ତି ମୋର ସୌଭାଗ୍ୟରେ ଈର୍ଷା କରୁଛନ୍ତି ବୋଧହୁଏ ! ପରେ ଟିକିଏ ପ୍ରକୃତିସ୍ଥ ହେଲା ପରେ ବୁଝିଲି, ତାଙ୍କର ମୋ'ପ୍ରତି ଈର୍ଷା ହେବାର ପ୍ରଶ୍ନ ଉଠି ନ ପାରେ । ତାଙ୍କର ସେତେବେଳକୁ ପାଞ୍ଚଟି ପିଲା-ମରି ପାଞ୍ଚଟି ଥାଆନ୍ତି ; ସବୁଗୁଡ଼ିକ ମୋ ପିଲାଟି ଠାରୁ ଦେଖିବାକୁ ଖୁବ୍ ସୁନ୍ଦର । ସେ ପୁଣି ନିଜେ ନିରବଚ୍ଛିନ୍ନ ଭାବେ ମୋ' ପ୍ରତି ଶ୍ରଦ୍ଧା ଦେଖାଇ ଆସିଥାନ୍ତି । ବହୁଦିନ ପରେ ବୁଝିଲି, ସେ ମୋତେ ଗୋଟିଏ ଚେତାବନି ଦେଇଥିଲେ ।

ପ୍ରଥମ ସନ୍ତାନଟି ପିତାମାତାଙ୍କୁ, ବିଶେଷତଃ ପିତାଙ୍କୁ ବଡ଼ ଅପୂର୍ବ ବୋଧହୁଏ । ମୋର ନିଜଠାରୁ ମୋରିପରି ଗୋଟିଏ ଜୀବର ସୃଷ୍ଟି—ପୃଥିବୀର ସମସ୍ତ ବୈଚିତ୍ର୍ୟ ଉପରେ ପରମ ବୈଚିତ୍ର୍ୟ ! କୋଟିନିଧି ପାଇଲା ପରି ଲାଗେ । ସବୁଠାରୁ ବେଶୀ ବଡ଼ ଲାଗିବାର କଥା ମା'ଙ୍କୁ । ମା' ମନକୁ କଣ ଲାଗୁଥିବ ତା' ତ ଆମକୁ ଅଜଣା । ମା' ତା' ମନର ଭାବ ମନରେ ଚାପି ଦିଏ—ଭୟରେ । କେଜାଣି ମୋ ପିଲା ଉପରେ ଆଖି ହୋଇଯିବ ପରା ! ମାଇପଙ୍କ ଭିତରେ କଥା ଅଛି, 'ମା' ସବୁଠାରୁ ବଡ଼ ଡାହାଣୀ' । ସେ ନିଜ ଆଖିକୁ ଡରେ, ଅପରର ଆଖିକୁ ତ ଡରିବା ସ୍ୱାଭାବିକ । ପିଲା ଦାଣ୍ଡକୁ ବାହାରିଲା ବେଳେ ସେ ମୁଣ୍ଡରେ ଗୋବର ଟିକିଏ ମାରି ଦିଏ, ଗୁଣ୍ଡରେ ଛେପ ପକାଇ-ଦେବାର ଅଭିନୟ କରେ । ସନ୍ତାନ-ଉତ୍ପାଦନ କଷ୍ଟରେ ତ ପିତାର ଭାଗ ନାହିଁ । ସେ ନିଜ ପିଲାକୁ ପିଲାବେଳେ ଭାରି ବଡ଼ କରି ଦେଖେ । ଖାଲି ମନରେ ଯେ ଗର୍ବ ଅନୁଭବ କରେ ତାହା ନୁହେ, ଦାଣ୍ଡରେ ସେ ଗର୍ବକୁ ପ୍ରକାଶ କରିବାରେ କମ୍ ସଂକୋଚ କରେ ।

ମୁଁ ନିଜ ଅଭିଜ୍ଞତାରେ ଦେଖିଛି, ବାଲ୍ୟାବସ୍ଥାରେ ପୁଅର ବଡ଼େଇ କରୁଥିବା ଅନେକ ପିତା, ପୁଅଙ୍କ ଯୌବନର ଗତିଗତି ଦେଖି ମୁଣ୍ଡରେ ହାତ ଦେଇ ବସନ୍ତି । ପୁଅଙ୍କ ସଙ୍ଗେ ସଙ୍ଗେ ହାତାହାତି ବି ହୋଇ ଯାଏ, ମାଲିମକଦ୍ଦମା, ଭିନେ ହେବା ତ ତା' ତୁଳନାରେ ଅତି ସାମାନ୍ୟ । ଜଣେ ସନ୍ତପ୍ତ ପିତାଙ୍କୁ ମୁଁ ଏବେ ପୁରାଣ ଶୁଣାଇ କିଞ୍ଚିତ୍ ଆଶ୍ୱସ୍ତ କରିଥିଲି ।

ପଦ୍ମପୁରାଣର ଭୂମିଖଣ୍ଡର ଏକାଦଶ ଅଧ୍ୟାୟଠାରୁ ବିଂଶ ଅଧ୍ୟାୟରେ ପୁତ୍ରମାନଙ୍କର ପାଳନା ଓ ପ୍ରକୃତି ବିଷୟରେ ଅନେକ-ଗୁଡ଼ିଏ ସୁନ୍ଦର କଥା ଅଛି । ସେଇଥିରୁ ଶୁଣାଇଲି—ମନୁଷ୍ୟର ଚାରି

ପ୍ରକାର ସନ୍ତାନ ଉତ୍ପନ୍ନ ହୁଅନ୍ତି । ପୂର୍ବ ଜନ୍ମରେ ଆମ ପାଖେ ଜଣେ ବିଶ୍ୱାସରେ କିଛି ସଂପତ୍ତି ରଖିଥିଲେ । ଆମେ ଲୋଭରେ ତାହା ଫେରସ୍ତ କଲେ ନାହିଁ । ବିଚରା ନିଜ ସଂପତ୍ତିକୁ ଝୁରି ଝୁରି ମଲା । ସେ ନିଜର ସ୍ୱତ୍ୱ ଫେରସ୍ତ ପାଇବାକୁ ଆମର ପୁଅ ହୋଇ ଜନ୍ମ ହୁଏ । ସେହିପରି ଋଣ ଦେଇ ପରିଶୋଧ ପାଇ ନ ଥିବା ବ୍ୟକ୍ତି ପରଜନ୍ମରେ ପୁଅ ହୋଇ ସୁଧ ମୂଳ କଳନ୍ତରରେ ନିଜ ଧନ ଆଦାୟ କରି ନିଏ । ତୃତୀୟ ଶ୍ରେଣୀ ନିଜର ଶତ୍ରୁ । ଆର ଜନ୍ମରେ ଶତ୍ରୁତା ସାଧନ କରିବାର ସୁଯୋଗ ନ ପାଇ ଏ ଜନ୍ମରେ ପୁଅ ହୋଇ ଜନ୍ମ ହୁଅନ୍ତି—ସୁବିଧାରେ ଶତ୍ରୁତା କରିବାକୁ । ଚତୁର୍ଥ, ପୂର୍ବ ଜନ୍ମର ମିତ୍ର । ସେ ଜନ୍ମରେ ଆମଠାରୁ ଏତେ ଉପକାର ପାଇଥାନ୍ତି ଯେ ତାହା ଫେରାଇବାକୁ ବ୍ୟାକୁଳ ହୋଇ ଏ ଜନ୍ମରେ ପୁଅ ହୋଇ ଜନ୍ମ ନିଅନ୍ତି ।

ବଡ଼ ସୁନ୍ଦର ଭାବରେ ଏହି ଚାରି ଶ୍ରେଣୀ ପୁତ୍ରଙ୍କର ଆଚରଣ ପୁରାଣାକାର ବର୍ଣ୍ଣନା କରିଛନ୍ତି । ତହିଁରୁ କିଞ୍ଚିତ୍ ଏଠାରେ ଉଦ୍ଧାର କରିବାକୁ ମନ ହେଉଛି :—

(୧)—ବିଶ୍ୱାସରେ ସଂପତ୍ତି ଦେଇଥିବା ବ୍ୟକ୍ତି ଅର୍ଥାତ୍ ନ୍ୟାସ-ସ୍ୱାମୀ, ନ୍ୟାସାପହାରକର ଗୁଣବାନ୍ ଓ ରୂପବାନ୍ ପୁତ୍ର ହୋଇ ଜନ୍ମ ପାଏ । ତାହାର ସଦ୍‌ଗୁଣ ଓ ଭକ୍ତିରେ ପିତା ମୁଗ୍ଧ ହୋଇ-ଯାଏ । ନିଜର ସୁଖ ଓ ଭୋଗକୁ ଜଳାଞ୍ଜଳି ଦେଇ ପିତା ସେହି ପୁତ୍ର ପାଇଁ ସବୁ ଖର୍ଚ୍ଚ କରେ । ଧନ ସଂପତ୍ତିକୁ ତୁଚ୍ଛ କରି ସଂପୂର୍ଣ୍ଣରୂପେ ପୁତ୍ର-ଗତପ୍ରାଣ ହୋଇଯାଏ । ଖୁଆଇବା, ଲୁଗାପଟା, ପଢ଼ା ଓ ବିବାହାଦି ଖର୍ଚ୍ଚରେ ନ୍ୟାସସ୍ୱାମୀ ନିଜର ସଂପତ୍ତି ଆଦାୟ କରିନିଏ ଓ ଠିକ୍ ଯେତେବେଳେ ପିତାର ସେ ନଯୂନପିତୁଳ ଭଳି ହୋଇଯାଏ ସେତିକି ବେଳେ ଅଳ୍ପାୟୁ ପୁତ୍ରର ମର୍ତ୍ତ୍ୟଲୀଳା ସରିଯାଏ । ପୂର୍ବ ଜନ୍ମରେ

ସଂପତ୍ତି ହରାଇ ନ୍ୟାସସ୍ୱାମୀ ଯେଉଁ ଯାତନା ପାଇଥିଲ, ତାହା ବହୁ ଗୁଣରେ ପାଏ ନ୍ୟାସାପହାରକ, ଏ ଜନ୍ମର ପିତା । ପିତାର ବ୍ୟାକୁଳ କ୍ରନ୍ଦନରେ ପୁତ୍ରର ପ୍ରେତ ହସି ହସି କହେ—"ମୋତେ ଯେଉଁ କଷ୍ଟ ଦେଇଥିଲ ତାହା ବର୍ତ୍ତମାନ ବୁଝି ପାରୁଛ ତ ?"

(୨) ଋଣ ଦେଇଥିବା ମହାଜନର ଢଙ୍ଗ ନିଆରା । ସେ ଖାତକର ପୁଅ ହୋଇ ବଡ଼ ଅଦୌଡ଼ି କରି ନିଜର ସ୍ୱତ୍ୱ ଆଦାୟ କରିନିଏ । ତା'ର ସବୁବେଳେ ଭଲ ଲୁଗା ଦରକାର, ଭଲ ଖାଇବା ଜିନିସ ଦରକାର—ଖାଇବାରେ ଟିକିଏ ଅସୁବିଧା ହେଲେ ମା'କୁ ଭାରି କଡ଼ା କଥା ଶୁଣାଇଦିଏ—ଭଲ ଲୁଗା ପିନ୍ଧିବାକୁ ନ ପାଇଲେ ରୁସେ, ବାପକୁ ହୁଙ୍କେ । ଘରୁ ପଇସା ଗ୍ରେରାଇ ନିଏ, ଜୁଆ ଖେଳରେ ମାତେ—ବାପ ଆକଟ କଲେ ଦୁଗୁଣେଇ ହୋଇ ଅଦୌଡ଼ି କରେ । ନିଜର ସୌଖିନରେ ପଇସା ଉଡ଼ାଏ, ବାପମାଙ୍କ ଦୁଃଖ ତା' ଆଖିକୁ ଦିଶେ ନାହିଁ, ଠିକ୍ ଦୁଃଖୀ ଋଣକର୍ତ୍ତାର ନିଷ୍ଠୁର ମହାଜନ ପରି । ବାପ ମା ମରି ପଡ଼ିଥିଲେ ବି ଏପରି ପୁତ୍ରର ମନରେ ଦୟା ପଶେ ନାହିଁ ।

(୩) ଶତ୍ରୁର ଢଙ୍ଗ ଏଇ ମହାଜନ ପରି, ମାତ୍ର ଟିକିଏ ବେଶୀ । ସେ ଅତି ପିଲାଦିନେ ବାପମାଙ୍କୁ ଖେଳରେ ମାରୁମାରୁ ବଳ ପାଇଲେ ନିସ୍ଥୁକ ଛେଚେ । ସବୁବେଳେ ବାପମାଙ୍କ ଉପରେ ବିରବିରି ହେଉଥାଏ । ବାପମାଙ୍କୁ ଯେତେ ମାଇଲେ ବି, ମନରେ ଯେତେ କଷ୍ଟ ଦେଲେ ବି ସେ ସନ୍ତୁଷ୍ଟ ହୁଏ ନାହିଁ । ଶେଷରେ ସନ୍ତପିତ ପିତାମାତା ମଲେ ଯାଇ ସେ ନିଷ୍କଣ୍ଟକ ହୁଏ ।

(୪) ମିତ୍ର ପୁତ୍ର ହୋଇ ଜନ୍ମ ହେଲା ଦିନୁଁ ପିତାମାତାଙ୍କର ସନ୍ତୋଷବିଧାୟକ ହୁଏ । ପିଲାଦିନେ ସେ ନିଜର ନାଚକୁଦ ଆଦି ନିର୍ଦ୍ଦୋଷ ଆମୋଦରେ ମନ ହରଣ କରେ । ବୟସ ଯେତିକି ବଢ଼ୁଥାଏ ସେ

ପିତାମାତାଙ୍କର ସେତିକି ପ୍ରିୟକାରୀ ହୁଏ। କିଜର ଶ୍ରଦ୍ଧାଭକ୍ତିରେ ପିତାମାତାଙ୍କ ସନ୍ତୋଷବିଧାନ କରେ ଓ ଯଥାସାଧ୍ୟ ସେମାନଙ୍କର ପୋଷଣ କରେ। ପିତାମାତାଙ୍କର ଅନ୍ତେ ସେ ଏପରି କାର୍ଯ୍ୟକରେ ଯାହା ଫଳରେ ଲୋକେ ତାହାର ପିତାମାତାଙ୍କ ସ୍ମୃତିପୂଜା କରନ୍ତି।

ମୋର ଯେଉଁ ବନ୍ଧୁଙ୍କୁ ଏ ପୁରାଣ ଶୁଣାଇଲି ସେ ପୂର୍ବେ ଥିଲେ ପୁରାଣମାନଙ୍କର ଏକନମ୍ବର ନିନ୍ଦୁକ। ଗୁଡ଼ାଏ ପାଷଣ୍ଡ ଦେଶୀ ଗଞ୍ଜେଇ ଘୋଟି ପିଇ ବା ଚଳମରେ ଟାଣି ଏଥିରୁ ଗୁଡ଼ାଏ ଲେଖି ଯାଇ, ମଣିଷଙ୍କୁ ନିଷ୍କ୍ରିୟ ଭାଗ୍ୟବାଦୀ କରି ଦେଉଛନ୍ତି ବୋଲି ସେ ପୂର୍ବରୁ ବହୁବାର ମୋତେ କହିଥିଲେ। ଏଥର କହିଲେ, "ବାଃ, ମୋ' ପରି ଲୋକଙ୍କ ମନସ୍ତତ୍ତ୍ୱ କି ସୁନ୍ଦରଭାବେ ବର୍ଣ୍ଣିତ ହୋଇଛି ଏଠାରେ। ମୁଁ ମନେ ମନେ ଠିକ୍ ଏଇଆ ଭାବୁଥିଲି ଭାଇ—ମୋ ପାରୁ ପର୍ଯ୍ୟନ୍ତେ ମୁଁ ପିଲାଟାକୁ ମଣିଷ କରିବାରେ ଲାଗିଛି। ତା'ରି ପାଇଁ ମୁଁ ଏ ବୟସରେ ବି ଦିନକୁ ଦଶ ବାର ଘଣ୍ଟା ପରିଶ୍ରମ କରୁଛି। କିନ୍ତୁ ତା'କୁ ଦେଖ। ଆଜି ଅମୁକ ପାଇଁ ପଇସା ଦିଅ, ନ ଦେଲେ ଧମକ ! ପଇସା ନାହିଁ ବୋଲି ବାକ୍ସ ଫିଟାଇ ଦେଖାଇଲି ଯେ ପଛରୁ ମୋତେ ଗୋଇଠାଟେ ପକାଇ ଦେଲା। ମୁଁ ତା'ର ଆର ଜନ୍ମରେ ଧାରିତା ଥିଲି, ବା ସେ ମୋର ଥିଲା ଶତ୍ରୁ, ଏକଥା ଧ୍ରୁବ ସତ୍ୟ।"

ମୋର ବନ୍ଧୁଙ୍କ ପରି ଦୁର୍ଗତିରେ ପଡ଼ିଥିବା ବ୍ୟକ୍ତିଙ୍କୁ ଟିକିଏ ଶାନ୍ତ କରିବାକୁ ପୁରାଣର ଏ ବର୍ଣ୍ଣନା। ମଣିଷକୁ ମୂଳରୁ ଭାଗ୍ୟବାଦୀ କରିବା ଆମ ଧର୍ମଶାସ୍ତ୍ରମାନଙ୍କର ଶିକ୍ଷା ବା ଲକ୍ଷ୍ୟ ନୁହେ। ଏହା ମୁଁ ତୁମକୁ ବହୁବାର କହିଛି। ପ୍ରତ୍ୟେକ କାର୍ଯ୍ୟ ଭଲଭାବେ କରିବାକୁ ସବୁମନ୍ତେ ଉଦ୍ୟମ କରିବ, ଅଧ୍ୟବସାୟ ଛାଡ଼ିବ ନାହିଁ। ଫଳରେ କିନ୍ତୁ ଯଦି ଓଲଟା ହେଲା ତେବେ ଦୈବ ବୋଲି ସାନ୍ତ୍ୱନା ଗ୍ରହଣ କରିବ—ନୈରାଶ୍ୟକୁ ଦୂର କରି ଆହୁରି ଉଦ୍ୟମ କରିବା ପୁଣି ଏ ସାନ୍ତ୍ୱନାର ଲକ୍ଷ୍ୟ। ଶତ୍ରୁକୁ ବି ମିତ୍ର କରାଯାଇପାରେ !

'କିଂ ଦୂରଂ ବ୍ୟବସାୟିନାମ୍'—ଉଦ୍ୟମୀ ଲୋକଙ୍କର ଅସାଧ୍ୟ ପୃଥିବୀରେ କ'ଣ ଅଛି ?

ଫଳ ଉପରେ ଆଶା ନ ରଖି ପୂର୍ଣ୍ଣ ଉତ୍ସାହରେ କର୍ତ୍ତବ୍ୟ କରିପିବାକୁ ଏଇ ଶିକ୍ଷା ଓ ଚିନ୍ତାଧାରା ପ୍ରେରଣା ଦିଏ କି ନାହିଁ, ବିଚାର କର ।

## ବାପକୁ ଚାହିଁ ପୁଅ—

ଉପରୋକ୍ତ ପୁରାଣ ଉଦାହରଣଟି ଦେବାର ଉଦ୍ଦେଶ୍ୟ, ଆଜି ଯେ ତୁମର ପୁଅ ହୋଇ ଆସିଛନ୍ତି ତାଙ୍କର ଭବିଷ୍ୟତ୍ ତୁମକୁ ଜଣା ନାହିଁ, ମୋତେ ବି ଜଣା ନାହିଁ । ଆମେ ଯେତେ ଯାହା କଲେ ବି ଆମ ମନକୁ ଚାହିଁ ଫଳ ଫଳିବ ବୋଲି କୁହାଯାଇ ନ ପାରେ । ପିତୃ-ମାତୃହୀନ ଦୁଃସ୍ଥ, ଜୀବନରେ ଖୁବ୍ ବଡ଼ ହେବାର ଦେଖା ଅଛି ; ପିତାଙ୍କ,ଚେଷ୍ଟା ଓ ଖର୍ଚ୍ଚ ସତ୍ତ୍ୱେ ପୁଣି ପୁଅ ବାଳୁଙ୍ଗା ହେବାର୍ ବି ଦେଖା ଅଛି । କିନ୍ତୁ ତୁମ ପୁଅ ବାଳୁଙ୍ଗା ହେଲେ, ସେ ଅପଦାର୍ଥ ବା ତୁମ ପୂର୍ବଶତ୍ରୁ ବୋଲି ତ କେହି କହିବେ ନାହିଁ—ହଠାତ୍ କହିବେ, "ଅମୁକ ଆଉ ଭଲ ଲୋକ କ'ଣ ମ ? ଏଡ଼େ ଭଲ ବାପର ଏଡ଼େ କୁଳାଙ୍ଗାର ପୁଅ ହେଲା କିମିତି ?" କିଏ ତୁମ ସ୍ତ୍ରୀର ସଚ୍ଚରିତ୍ରରେ ସନ୍ଦେହ କରିବ, ଆଉ କିଏ କହିବ, ତୁମ ନିଜ ଭଲପଣିଆଟା ଲୋକ ଦେଖାଣିଆ ଛଳନା ମାତ୍ର । ଏଭଳି ଟୁଣିବାରେ ଲୋକେ ସ୍ୱୟଂ ଭଗବାନଙ୍କୁ ବି ଛାଡ଼ନ୍ତି ନାହିଁ । ଭଗବାନ୍ ଶ୍ରୀକୃଷ୍ଣଙ୍କ ପୁଅନାତିମାନେ ଏପରି ବାଳୁଙ୍ଗା ହେଲେ ଯେ ସେମାନେ ସମୂଳେ ନାଶ ହେଲେ । କୃଷ୍ଣଚରିତର ବିଶ୍ଳେଷଣ କରି ଜଣେ ବିଶିଷ୍ଟ ଲୋକ କୃଷ୍ଣଙ୍କ ନିଜ ଆଚରଣ ଓ ଶକ୍ତିକୁ ଏ ବିପର୍ଯ୍ୟୟର ମୂଳ କାରଣ ବୋଲି ବ୍ୟାଖ୍ୟାନ କରୁଥିବାର ଶୁଣିଛି । ଶ୍ରୀକୃଷ୍ଣ ପ୍ରାଗୈତିହାସିକ ଯୁଗର ; ତାଙ୍କର ନିନ୍ଦା ପ୍ରଶଂସାରେ କାହାର ମର୍ମକୁ ଆଘାତ ଲାଗିବ ନାହିଁ । କିନ୍ତୁ ଏ ଚିନ୍ତା

ଏପରି ସର୍ବବାଦିସମ୍ମତ ହୋଇ ଯାଇଛି ଯେ ଜଣେ ବାବୁ ଆଧୁନିକ ଭାରତର ଜନ୍ମଦାତା ମହାତ୍ମା ଗାନ୍ଧିଙ୍କୁ ଏଇପରି ଦୋଷ ନିଃସଙ୍କୋଚରେ ଦେଇଥିଲେ । ତାଙ୍କର ଯୁକ୍ତି, ମହାତ୍ମା ଗାନ୍ଧିଙ୍କ ପରି ଏଡ଼େ ବଡ଼ ଲୋକଙ୍କର ସବୁଗୁଡ଼ିକ ପୁଅ ତାଙ୍କ ନିଜ ମାନଦଣ୍ଡରେ ବାଜୁଙ୍ଗା ହେଲେ କିମିତି ? ଲୋକେ ବିଶ୍ୱାସ କରନ୍ତି - 'ବାପ ଜାଣି ପୁଅ, ଘର ଜାଣି ରୁଅ ।' ଆମ ଓଡ଼ିଶୀ ହିନ୍ଦିରେ କହନ୍ତି—"ଯିସ୍‌କା ବାପ୍ ଚଢ଼େ ଘୋଡ଼ା, ଉସ୍‌କା ବେଟା ଥୋଡ଼ା ଥୋଡ଼ା ।" ପୁଅର ଭଲ ମନ୍ଦ ଦେଖିଲେ ବୋପାର ପୁଅ ବୋଲି କୁହାଯାଏ । ଇଂରେଜିରେ ଅଛି, କାଠ ଗଣ୍ଡିର ଫାଡ଼ାରେ ସେହି କାଠର ଗୁଣ ଓତଃପ୍ରୋତ ହୋଇ ଥାଏ । ମାତା ପିତାର ଦୋଷଗୁଣ ଜନ୍ମସଂସ୍କାରରେ ପୁଅ ପାଏ ବୋଲି ଆଧୁନିକ ବୈଜ୍ଞାନିକ ସ୍ୱୀକାର ନ କଲେ ବି ଏତିକି ସ୍ୱୀକାର କରନ୍ତି ଯେ, ପିଲା ବୟସରେ ପିତାମାତାଙ୍କଠାରୁ ପୁଅ ଯେପରି ଶିଖେ ବଡ଼ ଦିନକୁ ସେହିପରି ହୁଏ ।

ସଂସ୍କୃତରେ ଏଇକଥା ବଡ଼ ସୁନ୍ଦର ଭାବରେ ଉଦାହୃତ ହୋଇଛି—"ପୁତ୍ରେ ଯଶସି ତୋୟେ ଚ ବିଶୁଦ୍ଧାନାଂ ବିଶୁଦ୍ଧତା ।" ପୁତ୍ର, ଯଶ ଓ ଜଳର ବିଶୁଦ୍ଧତା ସେ ସବୁର ଉତ୍ସରୁ ନିର୍ଣ୍ଣୀତ ହୁଏ । ଭଲ ଝରର ପାଣି ଭଲ ; ଭଲ ଉଦ୍ଦେଶ୍ୟରେ କରା ଯାଇଥିବା କାର୍ଯ୍ୟର ଫଳ ଭଲ, ଯଶ ସ୍ଥାୟୀ ; ଭଲ ବାପର ପୁଅ ଭଲ । ମୋଟ କଥା, ତୁମେ ପିଲାଦିନୁଁ ପୁଅକୁ ଯେପରି ଗଢ଼ିବ ଶେଷରେ ସେ ସେଇପରି ହେବାର ସଂଭାବନା ଅଛି । ନିଶ୍ଚୟ ସେଇପରି ହେବ ବୋଲି କୁହାଯାଇ ନ ପାରେ । ଆମ୍ବଗଛରେ ଆମ୍ବଡ଼ା ନ ଫଳି ଆମ୍ବ ନିଶ୍ଚୟ ଫଳିବ—କିନ୍ତୁ ଅବସ୍ଥା ପ୍ରଭାବରେ ଗୋଟାଏ ଗୋଟାଏ କେଞ୍ଜେଇଡ଼, ଗର୍ଜନଫଟା, କୋଇଲପାରୁଡ଼ା ହୋଇ ଯିବାର ଆଶଙ୍କା ସର୍ବଦା ରହିଛି ।

ଆମ ଧର୍ମର ତତ୍ତ୍ୱ ଉପନିଷଦ୍‌ମାନଙ୍କରେ ପ୍ରମାଣିତ ହୋଇଛି । ସେ ସବୁର ସାର ଶ୍ରୀମଦ୍ ଭଗବଦ୍‌ଗୀତାରେ ସଂଗୃହୀତ ହୋଇଛି । ଏ ବିଷୟରେ ଗୀତାର ଦେଢ଼ଗୋଟି ଶ୍ଲୋକ ଉଦ୍ଧାର କରିବି :—

( ୧୮ଶ ଅଧ୍ୟାୟ, ୧୩।୧୪ ଶ୍ଲୋକ )

ସାଂଖ୍ୟେ କୃତାନ୍ତେ ପ୍ରୋକ୍ତାନି ସିଦ୍ଧୟେ ସର୍ବକର୍ମଣାମ୍
ଅଧିଷ୍ଠାନଂ ତଥା କର୍ତ୍ତା କରଣଂ ଚ ପୃଥଗ୍‌ବିଧମ୍
ବିବିଧାଶ୍ଚ ପୃଥକ୍ ଚେଷ୍ଟା ଦୈବଞ୍ଚୈବାତ୍ର ପଞ୍ଚମମ୍ ।୧୪।

ଅର୍ଥାତ୍—ସୃଷ୍ଟିର ପରମତତ୍ତ୍ୱନିର୍ଣ୍ଣୟକାରୀ ସାଂଖ୍ୟ ଓ ବେଦବିହିତ ଧର୍ମକର୍ମାଦିର ତତ୍ତ୍ୱ ପ୍ରତିପାଦକ ବେଦାନ୍ତରେ ପ୍ରତି କର୍ତ୍ତବ୍ୟ କାର୍ଯ୍ୟର ସିଦ୍ଧି ପାଇଁ ପାଞ୍ଚଟି କଥା ଦରକାର ବୋଲି କୁହା ହୋଇଛି । ପ୍ରଥମେ, ସିଦ୍ଧ୍ୟ ବିଷୟଟି ନିର୍ଦ୍ଦିଷ୍ଟ ହେବା ଦରକାର । ଥରକେ ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟ ଉପରେ ନଜର ନ ରଖି ବହୁତଗୁଡ଼ାଏ ବିଷୟରେ ବିକ୍ଷିପ୍ତ ଚିନ୍ତା କଲେ ଖଣ୍ଡକ ହେବ ନାହିଁ କି ପେଣ୍ଡକ ହେବ ନାହିଁ । ଦ୍ୱିତୀୟ ଉପାଦାନ, କର୍ତ୍ତା । ସେ ଶୁଦ୍ଧଚିତ୍ତ ହେବା ଦରକାର । ପୁଅ ବୋଲି ମୁଣ୍ଡ କାଟିବାକୁ ବସିଲେ ଲୋକେ ହସିବେ, ଦୈବ ବି ହସିବ । କାର୍ଯ୍ୟର ସାଧନ ପାଇଁ ଯେଉଁ ଉପାୟ ସବୁ ଯୁଗଯୁଗର ପରୀକ୍ଷାରେ ଉତ୍କୃଷ୍ଟ ବୋଲି ପ୍ରତିପାଦିତ ହୋଇଛି ତାହାର ଅବଲମ୍ବନ କରିବାକୁ ହେବ । ଗୋଟିଏ ଉଦାହରଣ ଦେବି । କର୍ମସାଧନ ପାଇଁ ଦୃଢ଼ସଂକଳ୍ପ ଦରକାର ; ନିଜର ବ୍ୟକ୍ତିତ୍ୱର ଦୃଢ଼ତା ସେଇଥିରୁ ଜଣାପଡ଼େ ଓ ଏହି ବ୍ୟକ୍ତିତ୍ୱର ପ୍ରଭାବ ଅପର ଲୋକ ଉପରେ ବିଶେଷ କାର୍ଯ୍ୟକାରୀ ହୁଏ ; ବ୍ରହ୍ମଚର୍ଯ୍ୟ ପାଳନରେ ବ୍ୟକ୍ତିତ୍ୱର ବିକାଶ ହୁଏ । ଏ ଗୋଟିଏ ମାର୍ଗ । ଏହି ରୀତିରେ ଚିନ୍ତା କଲେ କାର୍ଯ୍ୟ ସାଧନର ନାନା ଉପାୟ ଦିଶିବ । ଏ ସବୁ ଖଟାଇ ପୁଣି ଭିନେ ଭିନେ ରୀତିରେ ଅଧ୍ୟବସାୟ ଚଳାଇ

କୌଣସି ଉଦ୍ଦେଶ୍ୟ ବା କାର୍ଯ୍ୟସିଦ୍ଧି କରିବାକୁ ବସିଲେ ବି ବେଳେ ବେଳେ ଫଳ ହୁଏ ନାହିଁ । କାମ ଶେଷ ପର୍ଯ୍ୟନ୍ତ ପହଞ୍ଚି ନ ପାରି ମଝିରେ ଅଟକି ଯାଏ, ବା ହେଉ ହେଉ ଭଣ୍ଡୁର ହୋଇଯାଏ । କାହିଁକି ? ପୂର୍ବାଚାର୍ଯ୍ୟମାନେ ଏଇ ପ୍ରଶ୍ନର ଉତ୍ତର ସ୍ୱରୂପ ଦୈବ ବା ଭାଗ୍ୟକୁ ଆଣି ଥୁଅନ୍ତି । ଏହି ଭାଗ୍ୟ ପୂର୍ବ ଜନ୍ମର କର୍ମର ଫଳ ହୋଇପାରେ ; କୌଣସି ଏକ ଦୁରଭିଜ୍ଞେୟ ପ୍ରଧାନ ପୁରୁଷଙ୍କର ଅନୁଗ୍ରହ ନିଗ୍ରହ ହୋଇପାରେ , ବା ଅବସ୍ଥା ଚକ୍ରର କୌଣସି ଏକ ଅଜ୍ଞାତ ଗତି ହୋଇ ପାରେ । ଏ ପ୍ରତ୍ୟେକଟି ଅଜ୍ଞେୟ—ସାକାର ଈଶ୍ୱର ବା ନିରାକାର ବ୍ରହ୍ମ କହିଦେଲେ କଥାଟି ସହଜ ହୋଇ ଯିବାରୁ ଏ ସବୁର ଧାରଣା କରିବାକୁ ସହଜ ହୁଏ ନାହିଁ । ନାମ ଯାହାହେଉ ଆମ କାର୍ଯ୍ୟ ଉପରେ ଅଜ୍ଞାତ ଶକ୍ତିର ପ୍ରଭାବ ଅଛି ବୋଲି ମାନିବାକୁ ହେବ । କିନ୍ତୁ ନିଜର ସାଧ୍ୟାନୁସାରେ ଯଥାଶକ୍ତି ସର୍ବବିଧ ଉଦ୍ୟମ କରି ସାରିଲେ ଯାଇ ସୌଭାଗ୍ୟ ବା ମନ୍ଦ ଭାଗ୍ୟର ପ୍ରଶ୍ନ ଉଠିବ । ଉଦ୍ୟମ ଯେତିକି ଲାଗି ରହିବ, ଭାଗ୍ୟ-ପ୍ରଶ୍ନ ସେତିକି ପଛକୁ ହଟିବ ।

ସେତିକିବେଳେ ପ୍ରଥମରେ ପୁରାଣର ଯେଉଁ ତତ୍ତ୍ୱର ଉଲ୍ଲେଖ କରିଛି ତାହାର ଉପଯୋଗିତା ଆସିବ—ଆମ କର୍ମକୁ କମିତି ପୁଅ ଆମକୁ ମିଳିଛି କଳ୍ପନା କରି ମନକୁ ଶାନ୍ତ ବା ସଂଯତ କରିବାକୁ । ଟିକିଏ ତଳେଇ କରି ବିଚାରିଲେ ବୁଝିବ, ଯାହାର ମନର ବଳ ଓ ବିଚାରର ଶକ୍ତି ଯେତିକି ଅଧିକ, ପୁରାଣର ତତ୍ତ୍ୱ ତାହାର ସେତିକି ବଳମ୍ବରେ ଲୋଡ଼ା ପଡ଼ିବ । ତୁମପରି ମନସ୍ୱୀ ଲୋକଙ୍କ ପକ୍ଷରେ ଏହା ଏକାବେଳକେ ପ୍ରୟୋଜନ ହେବ ନାହିଁ ବୋଲି ମୁଁ କାମନା କରୁଛି । ଭାରତର ଭାଗ୍ୟବାଦ ମୂଳରେ ନିରବଚ୍ଛିନ୍ନ କର୍ମପ୍ରେରଣା ଲୁଚି ରହିଛି । ପରେ କେତେବେଳେ ସୁବିଧାହେଲେ ଅଧିକ ବୁଝାଇବାକୁ ଚେଷ୍ଟା କରିବି ।

## ପୁତ୍ରର ପରିଚୟ ଓ ପରିଚର୍ଯ୍ୟା—

ଏଥର ବିଚାର କରାଯାଉ ତୁମ ପୁଅ ତୁମର କିଏ ? ତା’ ପରେ ନିର୍ଣ୍ଣୀତ ହେବ ତା’ ପ୍ରତି ତୁମର ଦାୟିତ୍ୱ କ’ଣ ଓ କର୍ତ୍ତବ୍ୟ କେତେ ଦୂର । ଏ ବିଷୟରେ ଏ ଯୁଗର ଯୁବକ କାହିଁକି, ପ୍ରୌଢ଼ ମଧ୍ୟ ଖୁବ୍ କମ୍ ଚିନ୍ତା କରନ୍ତି । ତୁମେ ବୋଧହୁଏ ଜାଣ, ଏ ଯୁଗର ଜଣେ ବିଶିଷ୍ଟ ଲୋକ ତାଙ୍କ ପିତାଙ୍କ ବିଷୟରେ ( ଉଭୟେ ସ୍ୱର୍ଗତ ) ପ୍ରକାଶ୍ୟରେ କହୁଥିଲେ ଯେ, ‘ପିତାଙ୍କର ସେ କାମଜ ସନ୍ତାନ— ତାଙ୍କର ପିତାଙ୍କ ପ୍ରତି ତେଣୁ କୌଣସି ଦାୟିତ୍ୱ ବା କର୍ତ୍ତବ୍ୟର ପ୍ରଶ୍ନ ଉଠୁ ନାହିଁ ।’ ଏହା ଏଯୁଗର ଉପସର୍ଗ । କିନ୍ତୁ ତୁମ ପୁଅଟି ଜନ୍ମ ହେବାପରେ ତୁମେ ନିଜେ ଅନୁଭବ କରିବଣି ଯେ, ପୁତ୍ର ପିତାକୁ ଆଢ଼େଇ ଦେଲେ ବି ପିତା ପୁତ୍ର ବିଷୟରେ ଉଦାସୀନ ହେବା କ୍ୱଚିତ୍ ଦେଖାଯାଏ । ସମାଜର ପରଂପରାରେ, ଜନ୍ମ ମୁହୂର୍ତ୍ତରୁ ଯେଉଁ ବାତ୍ସଲ୍ୟର ବୃକ୍ଷ ଯାଦୁକରୀ ମାୟାରେ ବଢ଼ିଉଠେ, ତାହା ଉତ୍ତରୋତ୍ତର ପୁଷ୍ଟ ହୁଏ ଓ ଶାଖାପ୍ରଶାଖା ମେଲାଇ ପିତାର ହୃଦୟକୁ ଅଧିକାର କରିବସେ । ସ୍ୱଚ୍ଛଳ ଅବସ୍ଥାରେ ଥିବା ପିତା, ପୁଅପାଇଁ ସମ୍ପତ୍ତି ସାଇତେ । ଦରିଦ୍ର ଆଶାକରି ବସେ, ପୁଅ ବଡ଼ ହେଲେ ତା’କୁ ପୋଷିବ । ସାଧକ ବିଚାରେ ତା’ର ସାଧନାରେ ଯାହା ଅଭାବ ରହିଯିବ ତାହା ପୁଅ ଭରିଣା କରିବ । ତୁମେ ଏହିଁରୁ କେଉଁ ଶ୍ରେଣୀର, ଆଗ ଠିକଣା କରି ନିଅ । ତେବେ ଯାଇଁ ନିଜର ଯେଉଁ ପୁଅ ଏବେ ଜନ୍ମ ହୋଇଛି ତାହାକୁ ଠିକ୍ ଚିହ୍ନିପାରିବ ଓ ତଦନୁରୂପେ ନିଜର କର୍ତ୍ତବ୍ୟ ନିର୍ଦ୍ଧାରଣ କରିବ ଓ ତାହାର ପରିଚର୍ଯ୍ୟା (ପରିଚରଣ) କରିବ, ଅର୍ଥାତ୍ ତାକୁ କିପରି ପାଳିବ ତାହା ଠିକ୍ କରିପାରିବ ।

ଏ ଯେଉଁ ତିନିଶ୍ରେଣୀର ପିତାଙ୍କ କଥା କହିଲି ସେଥିରୁ ପ୍ରଥମ ଶ୍ରେଣୀଙ୍କର ମନ ବର୍ତ୍ତମାନ ଯୁଗରେ ଯାଇ ଜନ୍ମନିରୋଧଠାରେ

ଅଟକିଲଣି । ପୁଅ ପାଇଁ ନିଜେ ଯାହା ସମ୍ପତ୍ତି ସାଇତି ପାରିବେ ବା ନିଜର ଉଦ୍ୟମରେ ପୁଅ ପାଇଁ ଯେଉଁ ବୃତ୍ତି ଖୋଜି ପାରିବେ ତାହାରି କଳନା କରି ଏମାନେ ବସିରୁଛନ୍ତି, ନିଜର ଦୁଇ ତିନିଗୋଟି ଲେଖାଏଁ ସନ୍ତାନ ରହିଲେ ହୁଏତ ସେମାନଙ୍କର ସ୍ୱଚ୍ଛନ୍ଦ ବୃତ୍ତିର ବ୍ୟବସ୍ଥା ହୋଇ ପାରିବ । ପିତାଙ୍କ ଘରେ ପିଲାମାନେ ଯେଉଁ ଚଳଣି ବା 'ଜୀବନର ମାନ' ଉପଭୋଗ କରୁଛନ୍ତି ବା ଭବିଷ୍ୟତରେ ଉପଭୋଗ କରି ପାରିବେ ବୋଲି ଆଶା ହେଉଛି ତାହା ପୂରଣ ହୋଇ ପାରିବ । ଏମାନଙ୍କ ଦୃଷ୍ଟିକୋଣରେ ଦେଶ ବା ଜାତିର ମଙ୍ଗଳ ଚିନ୍ତା ଗୌଣ ହୋଇ ରହିଛି ; ପ୍ରଧାନ ଧ୍ୟେୟ, ମୋ ପୁଅ କିପରି ସୁଖରେ ରହିବ, ପୁଅ ଝିଅଙ୍କ ବାହୁଲ୍ୟ ଯୋଗୁଁ ନିଜର ଓ ନିଜ ପତ୍ନୀର ସଂଭୋଗ ଓ ବିଳାସରେ ବାଧା ନ ହେବ ।

ଦେଶର ଚିନ୍ତା ଏମାନେ ଏମାନଙ୍କ ନିଜ ମାପକାଠିରେ ମାପିଛନ୍ତି — ସେ ମାପକାଠିର ପରିଚୟ ଏବେ ପଣ୍ଡିତ ଜବାହାରଲାଲ ନେହେରୁ ଦେଇଛନ୍ତି, ଦିଲ୍ଲୀରେ ହେଉଥିବା ପ୍ରଦର୍ଶନୀ ଉଦ୍‌ଘାଟନ କରି । ତାହା ହେଉଛି—ଏ ଯୁଗରେ ଲୋକଙ୍କ ପାଇଁ ଯେଉଁ ଭୋଗ୍ୟବସ୍ତୁମାନଙ୍କର ଆବିଷ୍କାର ହୋଇଛି ତାହା ଭୋଗ କରିବା ଓ ଲୋକଙ୍କୁ ଭୋଗ କରାଇବା । କଥାଟିକୁ ଟିକିଏ ବିଶ୍ଳେଷଣ କଲେ ବୁଝାଯିବ, ଅନ୍ୟକୁ ଏ ସବୁ ଭୋଗ କରାଇବା ମୂଳରେ ଆନ୍ତରିକତା ନାହିଁ କି ବିଚାର-କୁଶଳତା ନାହିଁ । ବର୍ତ୍ତମାନ ପାଶ୍ଚାତ୍ୟ ଦେଶରେ ଏତେ ଭୋଗ୍ୟବସ୍ତୁର ଉଦ୍‌ଭାବନ ହେଲାଣି ଯେ, ସେ ଦେଶମାନ ପୃଥିବୀର ସମସ୍ତଙ୍କୁ ଶହ ଶହ ବର୍ଷ ଶୋଷଣ କରି ମଧ୍ୟ ଏ ଗୁଡ଼ିକ ନିଜ ଦେଶରେ ଯଥେଷ୍ଟ ଯୋଗାଇ ପାରୁ ନାହାନ୍ତି । ସେମାନଙ୍କର ଲୋକସଂଖ୍ୟା ଆମ ତୁଳନାରେ ଅତି ଅଳ୍ପ । ଏପରି ସ୍ଥଳେ ଭାରତର ୪୦ କୋଟି ଲୋକ ପାଶ୍ଚାତ୍ୟ ସଭ୍ୟତାର ଭୋଗ୍ୟବସ୍ତୁ ଏ ପୁରୁଷରେ ବା ଆସନ୍ତା ଦୁଇ ଚାରି ପୁରୁଷରେ ପାଇ-

ଯିବେ ବୋଲି ଆଶା କରିବା ବିଡ଼ମ୍ବନା ମାତ୍ର । ଖୁବ୍ ହେଲେ ଦେଶର ଯେଉଁମାନେ ପାରିବାର ଲୋକ—ଧନୀ ଓ ବୁଦ୍ଧିମାନ୍, ସେଇ-ମାନେ ଏ ସବୁ ଭୋଗ କରି ପାରନ୍ତି । ଉପର ସ୍ତରର ଲୋକଙ୍କର ଭୋଗ ବିଳାସ ଯେଉଁ ମାତ୍ରାରେ ବଢ଼ିବ, ପ୍ରାୟ ସେଇ ମାତ୍ରାରେ ତଳବାଲାଙ୍କର ଅଭାବ ବା ଅଭାବବୋଧ (ଅସନ୍ତୋଷ) ବଢ଼ିବ ।

ତେଣୁ ପ୍ରଥମ ଶ୍ରେଣୀର ଚିନ୍ତାଧାରା, ଓ ତହିଁରୁ ଉଦ୍ଭୂତ ଜନ୍ମନିୟନ୍ତ୍ରଣ, ଶିଳ୍ପ ପ୍ରସାର ଆଦି ଯୋଜନା ଲୋକଙ୍କର ଉପକାର କରି ନ ପାରେ । ଏହା କର୍ତ୍ତାମାନଙ୍କର ନିଜ ଉପକାରକୁ ଆସିବ ନା ଅପକାର କରିବ ତାହା ସ୍ୱତନ୍ତ୍ରଭାବେ ବିଚାର୍ଯ୍ୟ । ଦେଶରେ ଅତି ଅଳ୍ପସଂଖ୍ୟାରେ ଥିବା ନବାବ ବା ନବାବମନା ଲୋକଙ୍କର ବିଚାର ବର୍ତ୍ତମାନ ଏଠିକରେ ରଖି ବାକୀ ଯେଉଁ ଦୁଇଶ୍ରେଣୀର ଲୋକ ରହିଲେ ତାଙ୍କର କଥା ବିଚାର କରାଯାଉ ।

ଦରିଦ୍ର ଲୋକ ଜନ୍ମନିରୋଧରେ ନିଜର ସ୍ୱାର୍ଥ ଦେଖେ ନାହିଁ । ସେ ବହୁପୁତ୍ରର ଆକାଂକ୍ଷୀ । ତା'ର ଆଶା, ତା'ର ପୁତ୍ରକୁ ଯଥେଷ୍ଟ ସଂଖ୍ୟାରେ ଉତ୍ତରାଧିକାରୀ ରହିଲେ, ଉତ୍ତର ବୟସରେ ତାର ନିଜର ଭରଣପୋଷଣର ସମ୍ଭାବନା ଅଧିକ ହେବ । ଆମ ଲୋକେ ତାଙ୍କ ନିଜ ବିକୃତ ହିନ୍ଦିରେ କହନ୍ତି, 'ପାଞ୍ଚଜନକା ଲଠି, ଏକ ଜନକା ବୋଝ ।' ପାଞ୍ଚଗୋଟି ପିଲା ନିଜ ନିଜ ରୋଜଗାରରୁ ପଇସା ଦୁଇଟି ଲେଖାଏଁ ବଞ୍ଚାଇ ବାପମାଙ୍କ ପାଇଁ ଦେଲେ, ବାପ ମାଙ୍କର କୌଣସି-ମତେ ଉଦର ସଂସ୍ଥାନ ହୋଇପାରିବ । ବିକାଶବାଦୀଙ୍କୁ ଏହା ସୁଖ ନ ଲାଗି ପାରେ । କିନ୍ତୁ ଆମ ଦେଶର ପରିସ୍ଥିତିରେ ଏହାହିଁ ନିଘଟ ବାସ୍ତବ କଥା ।

ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଉଭୟେ ଉଦର ସଂସ୍ଥାନ, ବୈଷୟିକ ଅଭାବ ପୂରଣ ଓ ସୁଖ ଭୋଗରେ ନିଜର ମନକୁ ଆବଦ୍ଧ

କରି ରଖି ଥାଆନ୍ତି । ପ୍ରଥମ ଶ୍ରେଣୀ ବସ୍ତୁରନ୍ତ ଅଳ୍ପ ପିଲା ହେଲେ ସେମାନେ ସୁଖରେ ରହିବେ ; ଦ୍ୱିତୀୟ ଶ୍ରେଣୀ ବସ୍ତୁରନ୍ତ, ବେଶୀ ପିଲା ହେଲେ ବାପ ପୋଡ଼ି ହେବ । ତୃତୀୟ ଶ୍ରେଣୀ, ଲୋକ-ମଙ୍ଗଳ-କାମୀ ସାଧକର ମନୋବୃତ୍ତି ଅଲଗା । ସେ ବୁଝନ୍ତି, ବୈଷୟିକ ସୁଖ ଭୋଗରେ ମନର ଶାନ୍ତି ଆସି ନପାରେ । ବୈଷୟିକ ଭୋଗର ସମ୍ଭାର ପ୍ରତି ଦିନ ଏତେ କ୍ଷିପ୍ର ଗତିରେ ବଢ଼ିଯାଉଛି ଯେ ନିଜର ଭୋଗ୍ୟବସ୍ତୁ ସଂଗ୍ରହ କରୁ କରୁ ଜୀବନତମାମ ବିତି ଗଲେ ବି ମୃତ୍ୟୁ ଶଯ୍ୟାରେ ଯେ ଅଭାବକୁ ସେହି ଅଭାବ । ଉଦାହରଣ ସ୍ୱରୂପ ତୁମର ଖଣ୍ଡିଏ ମଟର ଦରକାର । ଆଜି ଖଣ୍ଡିଏ କିଣିଲ । ପାଞ୍ଚବର୍ଷ ପରେ ତୁମ ମଟରଟି ପୁରୁଣା ହୋଇଥାଉ ବା ନ ହୋଇ ଥାଉ, ସେତେବେଳକୁ ଶିଳ୍ପ ନୈପୁଣ୍ୟର ବିକାଶରେ, ଯେଉଁ ନୂଆ ମଟର-ରାଣୀ ବାହାରିଥିବ, ତା'ଆଗରେ ତୁମ ନିଜ ମଟରଟି ବୁଢ଼ୀ ପୋଇଲପରି ଦିଶୁଥିବ । ମନ ହେବ, ପୁରୁଣାଟି ବଦଳାଇ ଗୋଟିଏ ନୂଆ ମଟର କିଣିବା । ହୁଏତ ଖଣ୍ଡିଏ କିଣିଲ । ତାର ଦୁଇ ଚାରିବର୍ଷ ପରେ ପୁଣି ଯେଉଁ ନୂଆ ପ୍ରଜାପତିଆ ମଟର ବାହାରିବ ତାକୁ ଦେଖି ପୁଣି ତୁମ ମନ ସକସକ ହେବ । ସେତେବେଳକୁ ବାର୍ଦ୍ଧକ୍ୟର ପ୍ରଥମ ଘଣ୍ଟି ବାଜିଗଲାଣି । ଚାକରିଆଙ୍କ ପେନ୍‌ସନ୍ ନେବା ବେଳ ହୋଇଗଲାଣି । ପୂରା ଦରମା ଅଣ୍ଟୁ ନ ଥିଲା । ଅଧା ଦରମାରେ କିପରି ଚଳିବା, ସେହି ଚିନ୍ତା ମନକୁ ଅଭିଭୂତ କରିଛି । ପ୍ରଜାପତିଆ ମଟର କଥା ଏତେବେଳେ ବିଚାରୁଛି କିଏ ? ପୁରୁଣା ଯେଉଁ ମଟର ଖଣ୍ଡିକ ଅଛି ତାକୁ ବିକଳଭଙ୍ଗି ଶେଷରେ ତୋକପାଣି କରିବାକୁ ହୁଏ । ଜୀବନର ଆରମ୍ଭରେ ଯେଉଁ ଆକାଂକ୍ଷା ଜାଗ୍ରତ ହୋଇଥିଲା ତାହାକୁ ଅକ୍ଷୁଣ୍ଣ ରଖି ମୃତ୍ୟୁପଥର ଯାତ୍ରୀ ହେବାକୁ ପଡ଼େ । ପୂର୍ବାଚାର୍ଯ୍ୟମାନେ ଏହି ଅବସ୍ଥାକୁ ଲକ୍ଷ୍ୟକରି କହିଯାଇଛନ୍ତି :—

ନ ଜାତୁ କାମ କାମାନାଂ ଉପଭୋଗେନ ସାମ୍ୟତି ।
ହବିଷା କୃଷ୍ଣବର୍ତ୍ମେବ ଭୂୟ ଏବାଭିବର୍ଦ୍ଧତେ ॥

ନିଆଁରେ ଘିଅ ପକାଇଲେ ତାହା ଯେପରି ଶାନ୍ତ ନ ହୋଇ ଆହୁରି ଘିଅ ଲୋଡ଼େ, ସେହିପରି ବୈଦ୍ୟୁତିକ ଅଭାବର ଯେତିକି ପୂରଣ କରୁଥିବ ଅଭାବବୋଧ ସେତିକି ପରିମାଣରେ ବଢ଼ି ଚାଲିଥିବ । ମନୁଷ୍ୟ ନିଜର ଅଭାବ ପୂରଣ କରୁ କରୁ ଏପରି ନିସ୍ୱାନ୍ତ ହୋଇଯିବ ଯେ ଘର, ବନ୍ଧୁ, ପଡ଼ିଶା, ରାଜ୍ୟ ବା ଦେଶର ଚିନ୍ତା ତା'ମନରୁ ଏକାବେଳକେ ଦୂରରେ ରହିଯିବ ; ସେ ହୋଇଯିବ ନିପଟ ସ୍ୱାର୍ଥ-ସର୍ବସ୍ୱ । ଆମେରିକା ପରି ଯେଉଁ ଦେଶରେ ସମସ୍ତେ ଅଳ୍ପ ବହୁତେ ପାରିବାର ସେ ଦେଶରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ସ୍ୱାର୍ଥସର୍ବସ୍ୱ ରୀତି ଚଳି-ପାରେ । କିନ୍ତୁ ଆମଦେଶପରି ଯେଉଁଠି ବଳଦଗାଡ଼ି ଓ ଉଡ଼ାଜାହାଜ ସମତାଳରେ ଚାଲିଛି ସେଠାରେ ପାରିବାର ଲୋକ ସ୍ୱାର୍ଥସର୍ବସ୍ୱ ହୋଇଗଲେ ଅପାରିବାର ଲୋକେ ମଠର ତଳେ ଚାପାପଡ଼ି ଶେଷ ହୋଇଯିବେ । 'ବକାନାଂ ଦୀର୍ଘକଣ୍ଠତ୍ୱଂ ସଫରିଣାଂ ବିପତ୍ତୟେ' । ବଗଙ୍କ ଥଣ୍ଟ ଯେଡ଼ିକି ଲମ୍ବ ହେବ ମାଛଙ୍କର ସେତିକି ସର୍ବନାଶ । ବଗ ପୁଣି ମାଛ ଖାଇ ଖାଇ ସେଇ ମାଛମାନଙ୍କର ନିଶ୍ୱାସରେ ଆପେ କଙ୍କଡ଼ା ଗୋଡ଼ର ଜାବରେ ମରିଥିଲା । ତେଣୁ ଏ ଦେଶର ଲୋକେ ନିଜ ପିଲାଙ୍କୁ ଏପରି ବଢ଼ାଇବାକୁ ଚାହାନ୍ତି ଯେପରି ସେ ନିତାନ୍ତ ଅଭାବରେ ନ ପଡ଼ିଲେ ପଡ଼ିଆ ବାଡ଼ିରେ ଗୋଧନ ଚରାଇ ପାରିବ ଓ ନିଜେ ଦୁଃଖରେ ପଡ଼ିଥିଲେ ବି ଅନ୍ୟର ଦୁଃଖରେ ଆହା ବୋଲି କହି ପାରିବ । ମୋର ଏକାନ୍ତ ଆକାଂକ୍ଷା, ତୁମେ. ତୁମ ପୁଅକୁ ଏହି-ପରି ତାଲିମ୍ କରିବାକୁ ଇଚ୍ଛା କରିବ । ଏପରି ଇଚ୍ଛା ଥିଲେ ନିଜର ଯେତେ ଅଧିକ ପିଲା ହେବେ ସେତେ ଆନନ୍ଦ । ଶୋଷକମାନେ ସିନା ସମାଜଶତ୍ରୁ ବୋଲି ତାଙ୍କ ଉପରେ ମା'ର ଗର୍ଭ ରୁନ୍ଧିଦେବା,

ସେବକ ଯେତେ ଜନ୍ମ ହେବେ ହୁଅନ୍ତୁ । ମନୁଷ୍ୟର ଜ୍ଞାନ ଓ ଅଭିଜ୍ଞତାର ବିକାଶ ଚାଲିଛି । ଭଗବାନଙ୍କ ରାଜ୍ୟରେ ଅଜ୍ଞାତ ଭାବରେ କେତେ ନୂଆ ଖାଦ୍ୟ ଉପକରଣ ଥିବ । ପରେ ବାହାରିବ । ଆଜି ଯେତିକି ଜ୍ଞାନ ବା ଅଭିଜ୍ଞତା ମିଳିଛି ତାର ମାପରେ ଭବିଷ୍ୟତକୁ ମାପିବା ସୁସ୍ଥ ମନର ଲକ୍ଷଣ ବୋଲି ମୁଁ କହିପାରୁ ନାହିଁ । ବୈଜ୍ଞାନିକଙ୍କ ମତ ଅନୁସାରେ ଏ ସୃଷ୍ଟି ବିନା ଯୋଜନାରେ ପ୍ରାୟ କୋଡ଼ିଏ କୋଟି ବର୍ଷ ମାଡ଼ି ଠେଲି ଚାଲିଲାଣି । ଆଉ କଳିଯୁଗର ବାକିଥିବା ତିନିଲକ୍ଷ ଅଣ ନବେ ହଜାର ବର୍ଷ ନ ଚାଲିବ ବୋଲି କହିବା କାହିଁକି ? ଯେଉଁମାନଙ୍କୁ ଭବିଷ୍ୟତଟା ଅନ୍ଧାର ଦିଶୁଛି, ସେମାନେ ସୁଦୀର୍ଘ ଅତୀତର କଳନା ବୈଜ୍ଞାନିକରୀତିରେ କଲେ ଦୃଷ୍ଟିଶକ୍ତି ପାଇ ପାରନ୍ତି ।

ତୁମ ମାସକର ପୁଅ କଥା କହୁ କହୁ ସୃଷ୍ଟି ତତ୍ତ୍ୱରେ ଯାଇ ହାବୁଡ଼ି ଗଲା । ଏଥର ଆମ ନିଜ ସମସ୍ୟାକୁ ଫେରି ଆସେଁ । ମୋର ଏତିକି ମାତ୍ର କହିବାର କଥା, ପିଲାଟିକୁ ବଢ଼ାଇବାବେଳେ ଆଗ ଭାବିବ, ଯେଉଁଦିନ ଯେଉଁ ମୁହୂର୍ତ୍ତରେ ସେ ଜନ୍ମ ହୋଇଛି ସେହି ମୁହୂର୍ତ୍ତରେ ଆଉ ଦୁଇଶହ ପିଲା ଜନ୍ମ ହୋଇଛନ୍ତି । ସେହି ବର୍ଷକ ଭିତରେ ଆମର ଭାରତର ଲୋକ ସଂଖ୍ୟା ପ୍ରାୟ କୋଟିଏ ବଢ଼ିଲାଣି ବା ବଢ଼ିବ । ତୁମ ପିଲାଟି ତାଙ୍କର ଭିତରୁ ଜଣେ ନା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର, ବିଚାର କର ।

**କୋଟିକରୁ ଗୋଟିଏ କରି ଗଢ଼—**

ଏ ବିଷୟରେ ମୋର ପରାମର୍ଶ ଲୋଡ଼ିଲେ ମୁଁ ଏତିକି ମାତ୍ର କହିବି ଯେ ମନୁଷ୍ୟ ଯେତେ ସମୃଦ୍ଧିବନ୍ତ ହୋଇ ଥାଉ ପଛେ ନିଜ ପୁଅକୁ ଦେଶର କୋଟିଏ ସନ୍ତାନ ଭିତରୁ ଗୋଟିଏ କରି ପାଳିବା ଉଚିତ । ଏପରି ପାଳିଲେ ତୁମ ପୁଅର ଭବିଷ୍ୟତ ଯଥାସମ୍ଭବ ନିରାପଦ ହେବାର ଆଶା କରେ । ଏ ଦେଶର କୌଳିକ ରୀତି ତାହା ହିଁ

ଥିଲି । ମୁଁ ପ୍ରତ୍ୟକ୍ଷଭାବେ ଜାଣେ ରାଜାମାନେ ନିଜ ଯୁବରାଜଙ୍କୁ ନିଜ ରାଜ୍ୟର ଇତର ପିଲାଙ୍କ ସଂଗେ ପାଠ ପଢ଼ାଉଥିଲେ । ମୋର ଅନୁଭବର ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରିବି । ମୋର ଜେଜେବାପା ତାଙ୍କ ଜୀବନର ୬୨ ବର୍ଷ କାଳ ବୌଦ୍ଧ ରାଜଦ୍ୱାରରେ ରାଜବାଟି ଶିକ୍ଷକରୂପେ କଟାଇଥିଲେ । ଏବେ ଯେଉଁ ରଜା ମରିଗଲେ ସେ ଓ ତାଙ୍କର ବାପା ଉଭୟେ ମୋ ଜେଜେବାପାଙ୍କର ଶିଷ୍ୟ ଥିଲେ । ମୋ ନିଜ ବାପା ମଧ୍ୟ ସେହିଠାରେ ପାଠ ଆରମ୍ଭ କରିଥିଲେ । ୧୯୩୮ ଖ୍ରୀଷ୍ଟାବ୍ଦରେ ମୋ' ପୂର୍ବପୁରୁଷଙ୍କ କର୍ମପୀଠ ଦେଖିବାକୁ ଲାଳସୀ ହୋଇ ମୁଁ କାହାକୁ କିଛି ଖବର ନ ଦେଇ ବୌଦ ଯାଇଥିଲି । ସେଠାରେ ପହଞ୍ଚିବା ଦୁଇଦିନ ପରେ ରାଜାଙ୍କୁ ଦେଖିବାକୁ ବାହାରିଲି । ରାଜଦ୍ୱାର ଆଉଖଣ୍ଡେ ବାଟ ଅଛି ପଛକୁ ବୁଲିଁ ଦେଖିଲି ଦଶ ପାଞ୍ଚଜଣ ସମବୟସୀ ଲୋକ ମୋ' ସଂଗେ ଦେଖା କରିବାକୁ ପଛରେ ଚାଲିଛନ୍ତି ।

ସେମାନଙ୍କଠାରୁ ବୁଝିଲି ସେମାନେ ସମସ୍ତେ ମୋର ଜେଜେ-ବାପାଙ୍କ ସ୍କୁଲରେ ପାଠ ପଢ଼ୁଥିଲେ । ସେ ଜଣେ ପରମ ଭାଗବତ ବ୍ୟକ୍ତି ଥିଲେ । ବୌଦରେ ସାଧାରଣ ଲୋକଙ୍କ ଶିକ୍ଷକତା କରି ରାଜ-ବାଟି ଶିକ୍ଷକ ବୋଲି ସେ ଛଳନା କାହିଁକି କଲେ ବୁଝି ହେଲା ନାହିଁ । ମୁଁ ଏତେଦୂର କ୍ଷୁନ୍ନ ହୋଇଗଲି ଯେ ସେ ଲୋକମାନଙ୍କ ସଙ୍ଗେ ପୂର୍ଣ୍ଣ ସୌଜନ୍ୟରେ କଥାବାର୍ତ୍ତା ହୋଇ ପାରିଲି ନାହିଁ । ଶେଷରେ ରାଜାଙ୍କଠାରୁ ଶୁଣିଲି, ନଅର ଭିତରେ ତାଙ୍କରି ପାଇଁ ଯେଉଁ ସ୍ୱତନ୍ତ୍ର ପାଠଶାଳାଟି ହୋଇଥିଲା ସେଥିରେ ତାଙ୍କ ସମବୟସୀ ରାଜ-ଧାମର ଅଧିକାଂଶ ପିଲା ତାଙ୍କ ସଂଗେ ପଢ଼ୁଥିଲେ । ସେଥିରୁ ଜଣେ ଥିଲା ମୋତେ ବସା ମିଳିଥିବା ଅତିଥିଶାଳାର ବେହେରା । ତା'ଠାରୁ ମୋ' ଜେଜେବାପାଙ୍କର ବ୍ୟବହାର ନିପୁଣତା ଓ ରାଜାଙ୍କର ପିଲାଦିନର ଚପଳମିର କେତୋଟି ନମୁନା ପାଇଥିଲି । ରାଜପୁତ୍ରଙ୍କର

ପ୍ରଜାପୁତ୍ରଙ୍କ ସଂଗେ ପାଠପଢ଼ା ସେ କାଳର ପଲିଟିକାଲ ଏଜେଣ୍ଟ କବଡ଼େନ ରାମସେଙ୍କୁ ବିସଦୃଶ ବୋଧ ହେବାରୁ ନୂତନ ସ୍ଥାପିତ ରାଜକୁମାର କଲେଜକୁ ବୌଦ ରାଜା ଗଲେ । ଗଡ଼ଜାତ ରାଜା-ମାନଙ୍କର ଗାଦିଚ୍ୟୁତିର ମଞ୍ଜି ସେହି ରାଜକୁମାର କଲେଜର ଉପର-ମୁହାଁ ପାଠପଢ଼ାରେ ପୋତା ହୋଇଥିଲା ବୋଲି ମୁଁ ମନେ କରେ ।

ବଡ଼ ଦୁଃଖର ବିଷୟ ଆଜିକାଲି ସମାଜରେ ଉପର ସ୍ତରରେ ଥିବା ଲୋକେ ନିଜ ପିଲାମାନଙ୍କୁ ନିଜ ବେଷ୍ଟନୀରୁ ଅଲଗା କରି ବଢ଼ାଉଛନ୍ତି । ଅତି ପିଲାଦିନରେ ପିଲାଙ୍କୁ କୁଣ୍ଢାଇ ପରି ମୂଲ୍ୟବାନ୍ ପୋଷାକରେ ସଜାଇବା ଏପରି ଚଳିଗଲାଣି ଯେ ଦିନ ମଜୁରିଆ ମଧ୍ୟ ନିଜ ପେଟରୁ କାଟି ଏହିପରି କରୁଛି । ପିଲାଙ୍କର ବୟସ ଯେତିକି ବଢ଼ୁଛି ବଡ଼ଲୋକ ପିଲାମାନେ ସଭ୍ୟତା ନାମରେ ବଡ଼ଲୋକରେ ସେତିକି ଆଉଟ୍‌ସାଇଡ଼୍ ହେଉଛନ୍ତି । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ଚାକର ଦରକାର । ନିଜର ପ୍ରତିବେଶୀମାନଙ୍କୁ ସେମାନେ ପରି-ଚାରକ ଓ ଗ୍ରେଠ ଲୋକ ବୋଲି ଚିହ୍ନୁଛନ୍ତି । ଆମ ସମାଜରେ ଧନୀ ଦରିଦ୍ର ପିଲାମାନେ ଜାତି ଧର୍ମ ନିର୍ବିଶେଷରେ 'ଭାଇ' 'ଭାଇନା' ଡକା-ଡକି ହେଉଥିଲେ । ଆଜିକାଲି ବଡ଼ ଲୋକ ହୋଇଛନ୍ତି 'ବାବୁ', ତାଙ୍କ ଘର 'ବାବୁଘର', ତାଙ୍କ ପିଲେ 'ସାନ ବାବୁ'। ସମାଜ ଉପରେ ଏହାର ଭୟାବହ ପରିଣତି ଆଗକୁ ଅଛି । ଆମେ ଐକିକ ଚେଷ୍ଟାରେ ଏ ପରିଣତିକୁ ଏକାବେଳକେ ଏଡ଼ିପାରିବା ନାହିଁ । କିନ୍ତୁ ଆମ ପିଲାଙ୍କୁ ପିଲାଦିନରୁ ନିଜ ବେଷ୍ଟନୀର ଯେତେଦୂର ସାମିଲ କରି ପାରିବା ସେମାନଙ୍କର ଭବିଷ୍ୟତ ସେହି ପରିମାଣରେ ନିରାପଦ ଓ ସୁଖକର ହେବ ବୋଲି ମୋତେ ଦିଶୁଛି । ମୋର ବିଶ୍ୱାସ, ତୁମେ ଏ ବିଷୟରେ ମୋ ସଙ୍ଗେ ଏକଦୃଷ୍ଟି ।

ତୁମେ ସେଦିନ ମୋତେ କହୁଥିଲ, ତୁମର ପ୍ରତିବେଶୀ ସହକର୍ମୀଙ୍କ ସ୍ତ୍ରୀ ଘର କାମରେ ପିଲାଦିନେ ଅଭ୍ୟସ୍ତ ନ ଥିବାରୁ ଚାକର ଅଭାବରେ ତାଙ୍କୁ ଆଜିକାଲି ଭାରି ଅସୁବିଧା ହେଉଛି । ସେତେବେଳେ ମୋ' ଝିଅ ସଙ୍ଗେ ତୁମ ପ୍ରତିବେଶୀଙ୍କ ପତ୍ନୀଙ୍କୁ ତୁଳନା କରି ତୁମେ ଟିକିଏ ଆତ୍ମପ୍ରସାଦ ଅନୁଭବ କରୁଥିଲ ପରି ମୋତେ ଜଣା ଯାଉଥିଲା । ଭଗବାନ ତୁମକୁ ପୁଅ ଯେତେବେଳେ ଦେଲେଣି ଝିଅ ବି ଦେବେ । ଝିଅ ପରଘରେ ଯାଇ ସମ୍ପୂର୍ଣ୍ଣ ଜିବଦାରି ହେବ ନା ସୁରୁଖୁରୁରେ ନିଜର ସ୍ୱାମୀ ଓ ପିଲାପିଲିଙ୍କୁ ଚଳାଇବ ଆଗରୁ କଳନା କରି ତଦନୁସାରେ କାର୍ଯ୍ୟକାରୀ ହେବାକୁ ତୁମକୁ କାହିଁକି ତୁମର ସମସ୍ତ ସମବୟସୀମାନଙ୍କୁ ଆହ୍ୱାନ କରୁଛି ।

ସୁଦୂରଦୃଷ୍ଟିର ଅଭାବରେ ବିପଦ । ଆଜିକାଲିର ପିତାମାତା ପୁଅ ଝିଅଙ୍କର ଭବିଷ୍ୟତ ପ୍ରତି ଦୃଷ୍ଟି ନ ଦେଇ ନିଜ ଅବସ୍ଥାର ଆନୁକୂଲ୍ୟରେ ସେମାନଙ୍କୁ ବଢ଼ାଇ ଓ ପାଠ ପଢ଼ାଇ ଭବିଷ୍ୟତ ପାଇଁ କପରି ଅନିଷ୍ଟ ଅର୍ଜୁଛନ୍ତି ତାହାର ଉଦାହରଣ ନିଜ ଘରି ପଟକୁ ଚାହିଁଲେ ଜାଣି ପାରିବ । ପିଲାମାନେ ଅତିଶୟ ଭାବରେ ପର-ମୁଖାପେକ୍ଷୀ ହୋଇ ଯାଉଛନ୍ତି । ଝିଅମାନେ ଘରକରଣାରେ ଏକାବେଳେକେ ଅଯୋଗ୍ୟ ହୋଇ ବଢ଼ୁଛନ୍ତି । ଝିଅକୁ ପୁଅ ସଙ୍ଗେ ସମାନ ପାଠ୍ୟ-କ୍ରମରେ ତାଲିମ କଲାବେଳେ ପୁଅ ଝିଅ ସଙ୍ଗେ ସମାନ ଅଧିକାର ପାଇବା ଉଚିତ ବୋଲି ଯୁକ୍ତି ଦିଆଯାଏ । ସେ ଯୁକ୍ତି କେଉଁଠି ଅସାର ତାହା ଟିକିଏ ବିଚାରିଲେ ଜଣା ପଡ଼ିବ । ସମାଜ ବିକାଶ ପାଇଁ ପରିବାର ଯଦି ଦରକାର, ସମାଜରେ ସ୍ଥିତିପାଇଁ ସନ୍ତାନ ଉତ୍ପତ୍ତି ଓ ତାହାର ପାଳନ ପୋଷଣ ଯଦି ଦରକାର, ତେବେ କର୍ମକ୍ଷେତ୍ରରେ ପୁରୁଷ ଓ ସ୍ତ୍ରୀର ପ୍ରତିଯୋଗିତା ସମର୍ଥନଯୋଗ୍ୟ ନୁହେଁ । ଆମେରିକାରେ ପରିବାରର ସ୍ଥିତି ଭାଙ୍ଗିଯିବାର ଦେଖି ଓ

ସେହି ଭୟର ଆଶଙ୍କା ନିଜ ଦେଶରେ ଯାଇ, ରୁସ୍ ଦେଶର ସର୍ବମୟ-କର୍ତ୍ତା ମିଷ୍ଟର କ୍ରୁଶ୍ଚେଭ ଏବେ ତାଙ୍କ ଦେଶର ନାରୀମାନଙ୍କୁ ଚେତାଇ ଦେଇଛନ୍ତି ଯେ, ସୁଗୃହିଣୀ ହେବା ସେମାନଙ୍କର ପ୍ରଧାନ ଆଦର୍ଶ ହେବା ଉଚିତ। ତୁମର ଜଣେ ବନ୍ଧୁ ତାଙ୍କ ଝିଅକୁ କଳା-ବିକାଶ କେନ୍ଦ୍ରରେ ନେଇ ନୃତ୍ୟ ଶିଖାଉଥିବାର ମୁଁ ସେଦିନ ପସନ୍ଦ ନ କରିବାରୁ ତୁମେ ମୋର ପୁରୁଣାକାଳିଆ ଢଙ୍ଗ ସମାଲୋଚନା କରିଥିଲ। ସେହି ବନ୍ଧୁ ଏବେ ମୋ' ପାଖକୁ ଯେଉଁ ଚିଠି ଦେଇଛନ୍ତି ତାହାର ଗୋଟିଏ ଅନୁଚ୍ଛେଦ ନିମ୍ନରେ ଦେଲି :—

'ଏବେ ମୁଁ ଆପଣଙ୍କ ସଙ୍ଗେ ଏକମତ ହେଉଛି ଯେ ଯେଉଁ ଝିଅ-ମାନେ ନୃତ୍ୟକଳାକୁ ନିଜର ବ୍ୟବସାୟ ନ କରିବେ ସେମାନଙ୍କୁ ଉଚ୍ଚାଙ୍ଗ ନୃତ୍ୟ ପିଲାଦିନେ ଶିଖାଇବାରେ ଯେଉଁ ଧନ ବ୍ୟୟ ହେଉଛି ତାହା ଅପବ୍ୟୟ ମାତ୍ର। ଆମ ସମାଜରେ ନୃତ୍ୟକଳା ଗୋଟିଏ ବିଳାସ। ଯେଉଁ ଝିଅମାନଙ୍କର ଜୀବନ ନିଜର ହାଣ୍ଡି ଧୋଇ-ବାରେ, ପିଲାମାନଙ୍କର ଲୁଗା ସଫା କରିବାରେ ବିତିଯିବ, ସେମାନ-ଙ୍କର ନିଜ ପିଲାଙ୍କୁ ନାଚ ଶିଖାଇବାକୁ ପ୍ରବୃତ୍ତି ବା ଆସିବ କୁଆଡୁ? ମୁଁ ନିଜେ ଅନୁଭବ କରୁଛି, ମୋ' ଝିଅ ନାଚ ଶିଖିବାରେ ବେଶି ମାତିବାରୁ ନିଜ ମା'କୁ ମଧ୍ୟ ଘରକାମରେ ଟିକିଏ ସାହାଯ୍ୟ କରିବାକୁ କୁଣ୍ଠିତ ହେଲାଣି।" ଏ ବିଷୟରେ ଆଉ ଅଧିକ କହିବା ନିଷ୍ପ୍ରୟୋଜନ।

## କୁଳସ୍ୟ ତାରକଃ ପୁତ୍ରଃ

ଶେଷରେ ଆଉ ଗୋଟିଏ କଥା ସୂଚାଇ ଦେବାକୁ ଚାହେଁ। ପୁତ୍-ନାମ ନରକରୁ ତ୍ରାଣ କରେ ବୋଲି ପୁଅକୁ ପୁତ୍ର ବୋଲି କହନ୍ତି। କି କି ଦୋଷରେ ଲୋକେ ପୁତ୍-ନାମ ନରକକୁ ଯାଆନ୍ତି

ତାହାର କଥିତ ଆଲୋଚନା କଲେ ସାଧାରଣ ନରକତତ୍ତ୍ୱ ବିଷୟରେ କିଛି ଧାରଣା କରିପାରିବ ଓ ସେଥିରୁ ପୁତ୍ର କିପରି ଉଦ୍ଧାରକରେ ବୁଝି ପାରିବ । ଅନ୍ୟର ସ୍ୱାର୍ଥପ୍ରତି ଯେ ଦୃଷ୍ଟି ନ ଦିଅନ୍ତି, ଫଳନ୍ତ ବୃକ୍ଷ ହାଣନ୍ତି, ବିନା କାରଣରେ ଅପର ସଙ୍ଗେ ବିବାଦ କରନ୍ତି, ଲୋକଙ୍କର ଅମଙ୍ଗଳ କରନ୍ତି, ମିତ୍ରପ୍ରତି ଦ୍ରୋହାଚରଣ କରନ୍ତି, ରାଜ୍ୟର ଅନିଷ୍ଟ କରନ୍ତି, ପରର ଧନପ୍ରତି ଲୋଲୁପ ହୁଅନ୍ତି, ବ୍ରହ୍ମଜ୍ଞାନୀ ଓ ପଣ୍ଡିତମାନଙ୍କର ନିନ୍ଦା କରନ୍ତି, ଯେଉଁମାନଙ୍କର ଶିଷ୍ଟାଚାରରେ ଅଭାବ ଦେଖାଯାଏ, ଯେଉଁମାନେ ଅନାଚାରୀ, ମିଥ୍ୟାବାଦୀ, ଆତତାୟୀ, ଅନ୍ୟର ସମୃଦ୍ଧିରେ ଈର୍ଷୀ ହୁଅନ୍ତି ଓ ସାଧୁମାନଙ୍କର ଉପଦେଶର ଅବମାନନା କରନ୍ତି ସେହିମାନେ ପୁତ୍‌-ନାମ ନରକଗାମୀ ହୁଅନ୍ତି । ଏହିପରି ଷୋହଳ ପ୍ରକାର ପାପ ପୁନ୍ନାମ ନରକରେ ଲୋକଙ୍କୁ ପକାଏ । ଏହି ସବୁ ଅସାମାଜିକ କାର୍ଯ୍ୟଦ୍ୱାରା ମନୁଷ୍ୟଠାରେ ଯେଉଁ କଳଙ୍କ ଲାଗେ ତାହାର ଆଲଙ୍କାରିକ ନାମ ପୁନ୍ନାମ ନରକ ବୋଲି ବୁଝିଲେ ବୋଧ ହୁଏ ନରକ ବିଷୟର ପ୍ରକୃତ ତତ୍ତ୍ୱ ବୁଝାଗଲା । ପିତାର ଓ ପିତୃକୁଳର କଳଙ୍କ, ପୁତ୍ର ନିଜ କାର୍ଯ୍ୟଦ୍ୱାରା ମୋଚନ କଲେ ପିତୃପୁରୁଷ ନରକରୁ ଉଦ୍ଧାର ପାଆନ୍ତି ବୋଲି କଳ୍ପନା କରାଯାଇଛି । ଉପରେ ଯେଉଁ ଦୋଷଗୁଡ଼ିକର ଉଲ୍ଲେଖ ହେଲା ତହିଁରୁ ଏକ ବା ଅନେକଙ୍କରୁ ମୁକ୍ତିପାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ଅତି ଅଳ୍ପ ବୋଲି କହିବା ନିଷ୍ପ୍ରୟୋଜନ । ଲୋକଙ୍କର ଅମଙ୍ଗଳ କରିବା ଓ ରାଜ୍ୟର ଅନିଷ୍ଟ କରିବା ପ୍ରଭୃତି ଦୋଷ ନିଜର ଅଜ୍ଞାତରେ ବି ଲାଗିଯାଏ । ଅନ୍ୟର ସ୍ୱାର୍ଥପ୍ରତି ଅବଜ୍ଞା କେଉଁଠି ଦୋଷ ତାହାକୁ କମ୍ ଲୋକ ବୁଝନ୍ତି । ଏପରିସ୍ଥଳେ ଆମମାନଙ୍କ ଭିତରୁ ପ୍ରତ୍ୟେକେ ଶେଷରେ ପୁନ୍ନାମ ନରକରେ ଯାଇ ପଡ଼ିବା ଅବଶ୍ୟ-ମ୍ଭାବୀ ବୋଲି ଧରାଯାଇପାରେ । ଏକମାତ୍ର ଆଶା, ଆମମାନଙ୍କ

ଜୀବନରେ ରହିଯାଇଥିବା ଦୋଷାଦୋଷ ପୁଅ ନିଜର ଚରିତ୍ର ଓ ଆଚରଣ ଦ୍ୱାରା ମୋକ୍ଷଣ କରି ଆମର କଳଙ୍କ ମାର୍ଜନା କରିବ । ଫଳରେ ଲୋକେ ମନେ ପକାଇବେ, 'ଅମୁକ ଲୋକ ନିଜ ଜନ୍ମରେ ଅମୁକ ଦୋଷ କରିଥିଲେ କଣ ହେଲା ? ଭଲ ପୁଅଟିଏ ଜନ୍ମ କରିଯାଇଛନ୍ତି । ଏଭଳି ପୁତ୍ରର ପିତା ସମ୍ମାନ ପାଇବାର କଥା' । ଆମ ମୃତ୍ୟୁ ଅନ୍ତେ ଆମ ବିଷୟରେ ଲୋକଙ୍କର ଏହି ଉଦାର ଧାରଣା ହେଲେ ଆମେ ନରକରୁ ଉଦ୍ଧାର ପାଇ ସ୍ୱର୍ଗଗାମୀ ହେବା ବୋଲି କୁହାଯାଏ ।

ଆମ ପୁଅ ବି ସଂପୂର୍ଣ୍ଣ ନିଷ୍କଳଙ୍କ ନ ହୋଇ ପାରେ ! ତା'ର ଜୀବନର ଶେଷ ବେଳରେ ତାର ବି ଆଶା ରହିଯିବ, ତା' ପୁଅ ତାକୁ ଉଦ୍ଧାର କରିବ । ଏହି ପରମ୍ପରାରେ ସାମାଜିକ ସଂସ୍କୃତିର ବିକାଶ ହୁଏ । ଏଠାରେ ଦୁଇଟି କଥା ମନେ ରଖିବାର ଅଛି ;—

୧—ପ୍ରତ୍ୟେକ ଲୋକର ପ୍ରତି ମୁହୂର୍ତ୍ତରେ ଅଧର୍ମ ଓ ପାପାଚରଣକୁ ଭୟ ଥିବ ।

୨—ସବୁବେଳେ ଚେଷ୍ଟା ହେଉଥିବ, ନିଜର ପୁଅ ସବୁଗୁଣରେ ଯେପରି ନିଜକୁ ବଳାଇବ । ଶାସ୍ତ୍ରରେ ଅଛି ;—

'ପୁତ୍ରାଦିଚ୍ଛେତ୍ ପରାଜୟମ୍' । ପୁତ୍ରଠାରୁ ପରାଜୟ କାମନା କରା-ଯାଏ । ନିର୍ଦ୍ଦିଷ୍ଟ ଧର୍ମ ବିଶ୍ୱାସରେ ଅହେତୁକୀ ପକ୍ଷପାତିତା ରହିଲେ ଓ ପରିବର୍ତ୍ତନ ସହ୍ୟ କରିବାକୁ ପ୍ରସ୍ତୁତ ନରହିଲେ ଏପରି ମନୋବୃତ୍ତି ହୋଇ ପାରିବ ନାହିଁ ।

ପୁଅ ସଙ୍ଗେ କିପରି ଚଳିବ ତାହାର ସଙ୍କେତ ଉପରର ଏହି ଅନୁଚ୍ଛେଦରୁ ପାଇବ । ସମାଜପ୍ରତି ନ୍ୟାୟ କଣ ଅନ୍ୟାୟ କ'ଣ, ନିଜ ଜୀବନରେ ଯାହା ହୋଇଯାଇଛି ସେଥିରେ ଦୋଷ କ'ଣ ଗୁଣ କ'ଣ, ଏଗୁଡ଼ିକ ସବୁବେଳେ ସରଳ ଓ ନିରପେକ୍ଷଭାବେ ପୁଅ ସଙ୍ଗେ

ଆଲୋଚନା କଲେ ପୁଅର ଚରିତ୍ର ଗଠିତ ହେବ । ପୁଅର ନ୍ୟାୟ ଅନ୍ୟାୟ ବିବେଚନା ଟିକିଏ ଅଙ୍କୁରିତ ହେବାମାତ୍ରେ ତା' ସଙ୍ଗେ ମିତ୍ରପରି ଆଚରଣ କରିବାକୁ ନୀତି ଶାସ୍ତ୍ରରେ ନିର୍ଦ୍ଦେଶ ଦିଆ-ହୋଇଅଛି । ପ୍ରଥମ ପାଞ୍ଚବର୍ଷ ତାର ଲାଳନା କରି ତାର ଦେହ ଓ ମନର ସ୍ୱାସ୍ଥ୍ୟ ଆଣିବାକୁ ହେବ । ତା'ପରେ ପୁଅର ମନକୁ ସମାଜ-ଶୃଙ୍ଖଳାରେ ପକାଇବା ସକାଶେ, ଅନ୍ତର କୋମଳ ଓ ବାହାର କଠୋର ରଖି ତାର ଶାସନା କରିବାକୁ ହେବ ଓ ତା' ପରେ ପରମବନ୍ଧୁ ଭାବେ ତା' ସଙ୍ଗେ ସବୁ ବିଷୟର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁ ହେବ । ସବୁଯୁଗରେ ଏ ରୀତି ଶ୍ରେୟ । ଆଲୋଚନା ଫଳରେ, ଦେଶକାଳପାତ୍ର ଦୃଷ୍ଟିରେ ପୂର୍ବପ୍ରଚଳିତ ନୀତି ନିୟମାଦିର ପରିବର୍ତ୍ତନ ଓ ପରିବର୍ଦ୍ଧନ କରଣୀୟ । କିନ୍ତୁ ସମାଜ ରକ୍ଷାର ମୌଳିକ ନୀତି ସବୁବେଳେ ସମାନ ରହିଛି । ସ୍ୱେଚ୍ଛାବିହାରୀ ମନ ପକ୍ଷରେ ତାହା ବେଳେ ବେଳେ କାଳର ଉପଯୋଗୀ ମନେ ନହେଉଥିଲେ ହେଁ ଅଭି-ଜ୍ଞତାରେ ପୁଣି ମନ ଘର ଧରିଥାଏ । ଆଜି ପାଶ୍ଚାତ୍ୟ ଦେଶମାନଙ୍କରେ ସେଇଆ ହେବାକୁ ଯାଉଛି । ଗୃହସ୍ଥିନୀମାନଙ୍କ ସଂଘ-ଗଠନ, ସମାଜରେ ସ୍ତ୍ରୀ ପୁରୁଷର ସମାନ ଅଧିକାର ପାଇଁ ପ୍ରତିଯୋଗିତାର ଫଳ ଭୋଗକରି ଏବେ ସେମାନେ ପଶ୍ଚାଦ୍‌ବର୍ତ୍ତନ କରି ଆମ ପୂର୍ବରୀତି ଆଡ଼କୁ ଚାହିଁଲେଣି । ଏତେବେଳେ ନିଜଘର ନିଜେ ସଜାଡ଼ି ନିଅ—ଏତିକିମାତ୍ର ମୋର ପୁତ୍ର-ପ୍ରତିମମାନଙ୍କୁ ନିବେଦନ ।

ସର୍ବଶେଷରେ ତୁମର ଯେଉଁ ପୁଅ ମୋତେ ତୁମ ପାଖକୁ ଏଡ଼େ ବଡ଼ ଚିଠି ଲେଖାଇଲା ତାହାର ଦୀର୍ଘଜୀବନ କାମନା କରୁଛି । ଇତି ।

ଶୁଭାକାଂକ୍ଷୀ
'ନନା'

## ଚତୁର୍ଥ ପତ୍ର

# 'ନ ହି ସତ୍ୟାତ୍ ପରୋ ଧର୍ମଃ'

ଶ୍ରଦ୍ଧାସ୍ପଦେଷୁ,

ତୁମ ଚିଠି ଖଣ୍ଡି ପଢ଼ି ବଡ଼ ସନ୍ତୋଷ ଲାଗିଲା । ଧର୍ମ, ଜୀବନରେ ପ୍ରୟୋଜନ ନୁହେ ବୋଲି ମନରେ ଧାରଣା କରିଥିଲେ ବି ତାହାର ମୂଳକଥା କ'ଣ, ଜାଣିବାକୁ ଲୋଡ଼ୁଛ । ଶାସ୍ତ୍ରରେ ଅଛି 'ଧର୍ମଜିଜ୍ଞାସା' ଧର୍ମାଚରଣ ପରି ମହତ୍ତ୍ୱମୟ । ମୋ ନିଜ ଅନୁଭବରୁ ଜାଣିଛି, ଧର୍ମ କ'ଣ ଜାଣିବାକୁ ମନରେ ଇଚ୍ଛା ଜାଗ୍ରତ ହେଲେ, ସେ ବିଷୟରେ ସମ୍ୟକ୍ ଧାରଣା ନ ହେବା ପର୍ଯ୍ୟନ୍ତ ଥୟ ହୋଇ ରହିହେବ ନାହିଁ । ସମ୍ୟକ୍ ଧାରଣା ହେବା ସଙ୍ଗେ ସଙ୍ଗେ, ତାହାର ଅନୁବର୍ତ୍ତୀ ହେବାକୁ ବୁଦ୍ଧିର ପ୍ରେରଣା ମିଳିବ ।

ଆମ ସଂବିଧାନ ଭାରତକୁ ଧର୍ମନିରପେକ୍ଷ ରାଷ୍ଟ୍ର ବୋଲି ଘୋଷଣା କରିଥିବା ତୁମେ ନଜର ଦେଇଛ । 'ଧର୍ମାନୁବର୍ତ୍ତୀ' ଓ 'ଧର୍ମନିରପେକ୍ଷ' ଏ ଦୁଇଟି ଶବ୍ଦ ଇଂରାଜି ଶବ୍ଦରୁ (Secular ଓ Religious ବା Theocratic) ଅନୁବାଦ ହୋଇ ବ୍ୟବହୃତ ହୋଇଥିବାରୁ ଧର୍ମର ସ୍ୱରୂପ ଅବଧାରଣା କରିବାରେ ଅସୁବିଧା ହେଉଛି । ଏହି ବିଭ୍ରାଟରେ ପଡ଼ି ପଣ୍ଡିତ ଜବାହାରଲାଲ ସାଧାରଣ ସଭାରେ ଘୋଷଣା କରୁଛନ୍ତି ଯେ 'ଧର୍ମରେ କିଛି ଲାଭ ନାହିଁ ।'

## ଧର୍ମର ପାଶ୍ଚାତ୍ୟ ଓ ପ୍ରାଚ୍ୟ ଅର୍ଥ

ଇଂରେଜି ଭାଷାରେ ଧର୍ମ (Religion) କହିଲେ ମୁଖ୍ୟତଃ ବୁଝାଏ 'ଈଶ୍ୱରାନୁଗତ୍ୟ'—ଈଶ୍ୱର ସମସ୍ତଙ୍କ ଉପରେ ଅଛନ୍ତି, ତାଙ୍କଠାରେ ସଶ୍ରଦ୍ଧ ଓ ଅନୁଗତ ରହି ତାଙ୍କର ପ୍ରତି ନିଜର

କର୍ତ୍ତବ୍ୟ କରିବା ସେ ଦେଶମାନଙ୍କର ଭାଷାରେ 'ଧର୍ମ' । ଏ କର୍ତ୍ତବ୍ୟ କରିବାର ବିଧି ମଧ୍ୟ ନିର୍ଦ୍ଦିଷ୍ଟ । ଈଶ୍ୱରଙ୍କ ପ୍ରତି ଆନୁଗତ୍ୟର ପ୍ରକୃତି ଓ ପରିସର ମଧ୍ୟ ନିର୍ଦ୍ଦିଷ୍ଟ । ଉଦାହରଣ ସ୍ୱରୂପ, ଯୀଶୁଖ୍ରୀଷ୍ଟ ଭଗବାନଙ୍କର ସତ୍ (true) ସନ୍ତାନ ଓ ଲୋକଙ୍କୁ ଐଶ୍ୱରିକ ମାର୍ଗରେ ଚଳାଇବାକୁ ଭଗବାନ୍ ତାଙ୍କୁ ମର୍ତ୍ତ୍ୟକୁ ପଠାଇଥିଲେ । କବରରେ ସମସ୍ତେ ବିଶ୍ରାମ କରୁଛନ୍ତି ; ସେଠାରୁ ଦିନେ ପୁଣି ଉଠିବେ—ନିଜ ନିଜ ଦୋଷଗୁଣର ଦଣ୍ଡ ପୁରସ୍କାର ପାଇବେ । ଏହା ପ୍ରତ୍ୟେକ ଖ୍ରୀଷ୍ଟିଆନ୍ ମାନନ୍ତି । ଖ୍ରୀଷ୍ଟିଆନ୍‌ମାନଙ୍କ ଭିତରେ ଯେଉଁମାନେ ରୋମାନ୍ କ୍ୟାଥୋଲିକ୍ ସଂପ୍ରଦାୟଭୁକ୍ତ ସେମାନେ ବିଶ୍ୱାସ କରନ୍ତି, ଖ୍ରୀଷ୍ଟମାତା ମେରିଙ୍କର ମୃତ୍ୟୁପରେ ଯୀଶୁ ଓ ତାଙ୍କ ଦୂତମାନେ ମା'ଙ୍କ ଶରୀରକୁ ସେଇପରି ସ୍ୱର୍ଗକୁ ନେଇ ଯାଇଥିଲେ । ଏଇପରି ଧର୍ମଗୁରୁମାନଙ୍କ ନିର୍ଦ୍ଦେଶ ବା ଫତୁଆରେ ଖ୍ରୀଷ୍ଟିଆନ୍‌ମାନଙ୍କ ଧର୍ମବିଶ୍ୱାସ ସୀମିତ । ସେଇ ସୀମାଭିତରେ ଈଶ୍ୱର ଚିନ୍ତା କରି ତଦନୁସାରେ ଚଳିବାକୁ ହେବ । ନିର୍ଦ୍ଦିଷ୍ଟ ନିଦେଶକୁ ନ ମାନିବା ଲୋକେ ମୂଳ ସଂପ୍ରଦାୟକୁ ଛାଡ଼ି ନୂଆ ନୂଆ ସଂପ୍ରଦାୟ ଗଢ଼ନ୍ତି—ଏ ନୂତନ ସଂପ୍ରଦାୟର ଧର୍ମ-ନିର୍ଦ୍ଦେଶ ମଧ୍ୟ ନିର୍ଦ୍ଦିଷ୍ଟ ଓ ସୀମିତ । ତା'ରି ଭିତରେ ନିଜର ଈଶ୍ୱର ଧାରଣା ଓ ଆନୁଗତ୍ୟକୁ ରଖିବାକୁ ପଡ଼ିବ । ଖ୍ରୀଷ୍ଟିଆନ୍ ଧର୍ମରେ ସମାଜ ଜୀବନର ଧାରା—ଅର୍ଥାତ୍ ପ୍ରତିବେଶୀ ପ୍ରତି ଦୟା, ଅନୁକମ୍ପା ପ୍ରୀତିଭାବ ରଖିବା ମଧ୍ୟ ନିର୍ଦ୍ଦିଷ୍ଟ । କିନ୍ତୁ ଆଗ ଈଶ୍ୱରଙ୍କ ପ୍ରତି କର୍ତ୍ତବ୍ୟ । ତାହାର ଅବରୋଧରେ ମନୁଷ୍ୟ ପ୍ରତି ଆଚରଣ ନିର୍ଣ୍ଣୀତ ହୁଏ । ବାଇବେଲ୍‌ରେ କୁହାଯାଇଛି—ଭଗବାନ୍‌ଙ୍କର ପ୍ରାପ୍ୟ, ଭଗବାନ୍‌ଙ୍କୁ ଦିଅ ଓ ରାଜାଙ୍କର ରାଜାଙ୍କୁ ; ଅର୍ଥାତ୍, ଧର୍ମଜୀବନ ଓ ସାମାଜିକ ବା ରାଜନୀତିକ ଜୀବନ ପରସ୍ପରଠାରୁ ସ୍ୱତନ୍ତ୍ର । ଭଗବାନ୍, ଭଗବତ୍ ପୁତ୍ର ଯୀଶୁ ଓ ସାଧାରଣ ମନୁଷ୍ୟ ଏ ସମସ୍ତେ ଭଗବତ୍ ଶକ୍ତିର ସ୍ୱତନ୍ତ୍ର ଓ ପୃଥକ୍ ବିକାଶ ।

ଆମ ଦେଶର ଧର୍ମରେ—ହିନ୍ଦୁ ଧର୍ମରେ—ଧର୍ମର ପାରିଭାଷିକ ଅର୍ଥରେ ଈଶ୍ୱରଙ୍କ ବିଷୟର ନାହିଁ । ପ୍ରଧାନ ପ୍ରଧାନ ଅଭିଧାନ-ପ୍ରଣେତାମାନେ ଶ୍ରେୟ, ସୁକୃତ, ଆଚାର, ନ୍ୟାୟ, ଅହିଂସାକୁ ଧର୍ମର ଅର୍ଥ ବୋଲି ନିର୍ଦ୍ଦେଶ କରିଛନ୍ତି । ପଢ଼ିଥିବ, ‘ଆଚାରପ୍ରଭବୋ ଧର୍ମଃ, ଧର୍ମସ୍ୟ ପ୍ରଭୁରଚ୍ୟୁତଃ’ । ଧର୍ମସ୍ୱରୂପ ନିର୍ଣ୍ଣୟ କରି ଶ୍ରୀମଦ୍ ଭଗବତ୍ ଗୀତାରେ କୁହାଯାଇଛି—ସାଧୁଲୋକମାନେ ଯେପରି ଚଳନ୍ତି ତାହାକୁ ଆଦର୍ଶ କରି ଚଳିବା ଧର୍ମମାର୍ଗ । କିଏ ଈଶ୍ୱରଙ୍କୁ କି ରୂପରେ କଳ୍ପନା କରେ ବା ମାନେ ସେଥିରେ ଏ ଦେଶର ଜନସାଧାରଣ ମୁଣ୍ଡ ଘୂରାନ୍ତି ନାହିଁ । ଈଶ୍ୱର କ୍ଷୀରସମୁଦ୍ରରେ ଅନନ୍ତ ସାପ ଉପରେ ଶୋଇଛନ୍ତି, ଲକ୍ଷ୍ମୀ ତାଙ୍କ ପାଦ ମଡ଼ୁଛନ୍ତି ବୋଲି ବିଚାରିଲେ ଯେତିକି, ଈଶ୍ୱରଙ୍କର ରୂପ ନାହିଁ, ସେ ଘରବାର ନାହାନ୍ତି ବୋଲି ଭାବିଲେ ସେତିକି—ନିଜ ଜ୍ଞାନ ଓ ବିବେକକୁ ଗୁହିଁ ଏ ବିଷୟରେ ଲୋକଙ୍କର ଭିନ୍ନ ଭିନ୍ନ ଧାରଣା ହୁଏ ବା ଏକାବେଳକେ ହୁଏ ନାହିଁ । ‘ତୁମେ କେଉଁ ଢିଅଙ୍କୁ ମାନ ?’ ବୋଲି କେହି କାହାକୁ ପଗ୍ଭରନ୍ତି ନାହିଁ, ଦେଖିଥିବ । ତୁମ ନିଜର ତ ଅଭିଜ୍ଞତା ଅଛି—ତୁମେ ଓ ତୁମର ସଙ୍ଗୀମାନେ କୌଣସି ଢିଅଁ ଦେବତାଙ୍କୁ ମାନୁନାହିଁ, ତୁମର ଆଚାର ବ୍ୟବହାରରେ ହିନ୍ଦୁତ୍ୱର ଲେଶମାତ୍ର ନାହିଁ । ପ୍ରକାଶ୍ୟରେ ତୁମ୍ଭେମାନେ ଧର୍ମର ନିନ୍ଦା କରୁଛ, ଭାରତର ସଂସ୍କୃତିକୁ ଘୃଣା କରୁଛ—ତଥାପି ତୁମକୁ ଜାତିରୁ ବାହାର କରିବା ପ୍ରଶ୍ନ ତ ଉଠି ନାହିଁ ! ବିଭା ହେବାକୁ ତୁମକୁ ହିନ୍ଦୁ-କନ୍ୟା ମିଳିଲେ ; ତୁମ ପିଲାଙ୍କୁ ମଧ ବରକନ୍ୟା ମିଳିବେ । ପଣ୍ଡିତ ଜବାହରଲାଲ ବାଚ ସହିତରେ ହିନ୍ଦୁ ଧର୍ମକୁ ଉପହାସ କରୁଛନ୍ତି, ଯଜ୍ଞାଦି ଧର୍ମ-କାର୍ଯ୍ୟକୁ ତାଚ୍ଛଲ୍ୟ କରୁଛନ୍ତି । ତତ୍‌ସତ୍ତ୍ୱେ ତାଙ୍କୁ ଆଦର ଦେଖାଇବାରେ ଧର୍ମକର୍ମନିଷ୍ଠ ଲୋକେ ମଧ ପଶ୍ଚାତ୍‌ପଦ ନୁହନ୍ତି । ଏହାର କାରଣ, ହିନ୍ଦୁଧର୍ମର ମୂଳତତ୍ତ୍ୱ କୌଣସି ନିର୍ଦ୍ଦିଷ୍ଟ ଈଶ୍ୱର ବିଶ୍ୱାସରେ ନାହିଁ ।

**ଏହା ହିନ୍ଦୁର ପରମ୍ପରା—**

ଅନେକେ ଆଜିକାଲି ମନେ କରନ୍ତି, ଲୋକଙ୍କର ଧର୍ମବିଶ୍ୱାସ ଏ ଯୁଗରେ ଲୋପହୋଇ ଯାଇଥିବାରୁ କେହି କାହାର ଧର୍ମାଚ୍ଚର-ହୀନତାକୁ ଖୁଣୁ ନାହାନ୍ତି ; କୌଣସି ରାଜଶକ୍ତି ଧର୍ମାଚ୍ଚରର ରକ୍ଷକ-ନ ଥିବାରୁ ଯେ ଯାହା ବିଚାରୁଛି ତାହା କରି ଯାଉଛି । ଏହା ଏକାବେଳକେ ସତ୍ୟ ନୁହେ । କୌଣସି ସମୟରେ ରାଜଶକ୍ତି ଦଣ୍ଡଦେଇ ଧର୍ମାଚ୍ଚର ରକ୍ଷା କରିଥିବାର ଇତିହାସରୁ ପାଇବ ନାହିଁ । ଧର୍ମାଚାର୍ଯ୍ୟଙ୍କୁ ଆଦର ଓ ସମ୍ମାନ ଦେଖାଇ ସେ ପ୍ରଚଳିତ ଧର୍ମାଚ୍ଚରର ପାଳନ ଓ ପୋଷଣ କରୁଥିଲେ ମାତ୍ର । ଏବେ, ପରବର୍ତ୍ତୀ କାଳରେ, ଇଂରେଜଙ୍କ ଅନୁଗତ ଗଡ଼ଜାତ ରାଜାମାନେ ନିଜର ରାଜନୈତିକ କ୍ଷମତା ହରାଇ, ସମାଜଧର୍ମର ନିୟାମକ ହେବାକୁ ବସିଥିଲେ— ଜାତିଆଣ ବିଷୟମାନଙ୍କରେ ଅପିଲ୍‌କୋର୍ଟ୍ ହୋଇଥିଲେ । କିନ୍ତୁ ତାହା ଏ ଦେଶର ସଂସ୍କୃତି ନୁହେଁ । 'ଯାହାର ଯେଉଡ଼େ ମନ, ତାହାର ତେଉଡ଼େ ପ୍ରଭୁ' ବୋଲି ମଫସଲି ଲୋକେ କହନ୍ତି । କୌଣସି ଲୋକ ଗତାନୁଗତିକ ବିଚାରଧାରାର ପ୍ରତିକୂଳରେ ଗଲେ ଲୋକେ ପ୍ରଥମେ ନାକ ଟେକନ୍ତି, କିନ୍ତୁ ପରିଶେଷରେ ସେଇ ଆପାତ-ପ୍ରତିକୂଳ ଆଚରଣରେ ଲୋକମଙ୍ଗଳର ସଙ୍କେତ ଦେଖିଲେ ମୁଣ୍ଡ ନୁଆନ୍ତି— ପ୍ରତିକୂଳାଚାରୀ ହୋଇଯାଆନ୍ତି ଧର୍ମର ବଡ଼ପଣ୍ଡା । ସେ ଧର୍ମଗୁରୁ ଓ ଭଗବାନଙ୍କର ଅଂଶ ବା ପୂର୍ଣ୍ଣ ଅବତାର ରୂପେ ସ୍ୱୀକୃତ ହୋଇଯା'ନ୍ତି ।

ତୁମେ ତ ଭୀମା ଭୋଇଙ୍କ ନାମ ଶୁଣିଥିବ । ଓଡ଼ିଶାରେ ସେ ଅଲେଖଧର୍ମର ବା ମହିମାଧର୍ମର ପ୍ରବର୍ତ୍ତକ ଗୁରୁ, ମହାପୁରୁଷ । ଜାତିରେ ସେ କନ୍ଧ ଥିଲେ । ଆଜି ସୋନପୁରର ଅନେକ ବ୍ରାହ୍ମଣ ତାଙ୍କ ଗାଦିର ଶିଷ୍ୟ । ଅନ୍ୟତ୍ର ଆବ୍ରାହ୍ମଣ ବହୁ ଶିଷ୍ୟ ଅଛନ୍ତି । ପ୍ରଥମେ ଯେତେବେଳେ ତାଙ୍କର ମନରେ ନୂଆ ବିଚାରଧାରା ଉଙ୍କି-

ମାରଥିବ ସେତେବେଳେ ସେ ନିଶ୍ଚୟ ଲାଞ୍ଛିତ ହୋଇଥିବେ, ପରେ ତାଙ୍କ ମତବାଦରେ ମହତ୍ତ୍ୱର ସଂକେତ ପାଇ ଲୋକେ ସ୍ୱମର୍ମୀଭୂତ ହୋଇଥିବେ, ଶେଷରେ ତାଙ୍କୁ 'ବାବା' ବୋଲି ଶରଣ ପଶିଥିବେ। ମହାତ୍ମା ଗାନ୍ଧିଙ୍କ ମତବାଦ ତ ଏଇପରି ସୋପାନରେ ଗୃହୀତ ହୋଇଛି। ଅସ୍ପୃଶ୍ୟତା ହିନ୍ଦୁଧର୍ମର କଳଙ୍କ ବୋଲି ସେ ଯେତେ-ବେଳେ କହିବାକୁ ଆରମ୍ଭ କଲେ ସେତେବେଳେ ତାଙ୍କୁ ବିଧର୍ମୀ ବୋଲି କୁହାଗଲା। ପରେ ଧର୍ମାଚାର୍ଯ୍ୟମାନେ ନିଜ ଧର୍ମଶାସ୍ତ୍ରରୁ ପ୍ରମାଣ କାଢ଼ି ପ୍ରତିପାଦନ କଲେ ଯେ ମହାତ୍ମାଜୀ ଯାହା କହୁଛନ୍ତି ତାହା ଆମ ପୂର୍ବାଚାର୍ଯ୍ୟମାନଙ୍କ ମତ। ମହାତ୍ମାଜୀ ଯୁଗାବତାର ବୋଲି ସ୍ୱୀକୃତ ହେଲେ। ଆଗେ ଅସ୍ପୃଶ୍ୟତା ଯୁଗଧର୍ମ ବୋଲି ଗୃହୀତ ହୋଇ ଥିଲା, ଏବେ ତାହାର ନିରାକରଣ ଯୁଗଧର୍ମ ବୋଲି କୁହାଗଲାଣି। ଦେଶକାଳପାତ୍ର-ବିଚାରରେ ପ୍ରଚଳିତ ଧର୍ମାଚାର, ବିଧି ନିଷେଧାଦିର ଏପରି ଯେ ଆକୁଞ୍ଚନ ସଂପ୍ରସାରଣ ହୋଇ ପାରୁଛି, ଏଥିରୁ ପରିଷ୍କାର ଜଣା ପଡ଼ୁଛି, ଆମ ଧର୍ମରେ ବିଶିଷ୍ଟ ଆଚାର ବା ବିଧିନିଷେଧର ମୂଲ୍ୟ ବେଶୀ ନୁହେଁ। ସବୁଠାରୁ ବଡ଼ ବିଚାରର କଥା, ଯେଉଁ ବିଧି ବା ଆଚାର ଏ ପର୍ଯ୍ୟନ୍ତ ଚଳୁଥିଲା, ତାହା ବର୍ତ୍ତମାନ ଯୁଗର ଅନୁକୂଳ ହେଉଛି ନା ନାହିଁ; ଆଜିକାଲିର ଲୋକେ ତାହା ପାଳନ କରି ପାରିବେ କି ନାହିଁ। ଦେଶର ଯେଉଁ ସାମାଜିକ ସ୍ଥିତିରେ,ନିର୍ଦ୍ଦିଷ୍ଟ ଆଚାର ଆରମ୍ଭ ହୋଇଥିଲା ବା ପୁଷ୍ଟ ହୋଇଥିଲା, ସେ ସ୍ଥିତି ଯଦି ବଦଳିଛି, ତେବେ ସେ ଆଚାର ରହିବା ଉଚିତ ନୁହେ ବୋଲି ନିର୍ଣ୍ଣୟ କରିବାକୁ ଶାସ୍ତ୍ରପୁରାଣ ଦରକାର ହୁଏ ନାହିଁ।

## ଚାରି ଯୁଗକୁ ଚାରି ପ୍ରକାର ଧର୍ମ

ଆମ ଧର୍ମଶାସ୍ତ୍ରମାନଙ୍କରେ କାଳକୁ ଚାରିଯୁଗରେ ବିଭକ୍ତ କରା-ଯାଏ—ସତ୍ୟ, ତ୍ରେତା, ଦ୍ୱାପର, କଳି। ସତ୍ୟ ଯୁଗରେ ଲୋକସଂଖ୍ୟା

କମ୍ ଥିଲା ; ଲୋକଙ୍କର ଅଭାବ-ବୋଧ ଶିଶୁ ଅବସ୍ଥାରେ ଥିଲା । ସେତେବେଳେ ଧର୍ମ ଥିଲା, ଭଗବାନଙ୍କ ଧ୍ୟାନ ବା ଚିନ୍ତନ । କ୍ରମେ ତ୍ରେତା ଯୁଗକୁ ଲୋକସଂଖ୍ୟା ବଢ଼ିଲା ; ଖାଦ୍ୟ ପରିଚ୍ଛଦ ସଂଗ୍ରହରେ ପ୍ରତିଯୋଗିତା ଅଧିକ ହେଲା । ଲୋକଙ୍କ ଭିତରୁ ଯେଉଁମାନେ ପାରିବାର ସେମାନେ ନିଜର ଅଭାବ ପୂରଣ କରିବା ବାଦ୍ କିଛି ବଳକା ରଖିଲେ ; ଯେଉଁମାନେ ମଧ୍ୟଭଲଆ ଲୋକ ସେମାନେ ଯଥାକଥା କରି ଉଦରପୋଷଣ କଲେ ; ଯେଉଁମାନେ ଅପାରିବାର ସେମାନଙ୍କର ମୌଳିକ ଅଭାବ ବି ପୂରିଲା ନାହିଁ । ଦେଶର ସମ୍ପତ୍ତି ଲୋକଙ୍କ ଅଭାବ ଦୃଷ୍ଟିରେ ବଣ୍ଟନ କରିବା ଉଦ୍ଦେଶ୍ୟରେ ଓ ଦୁର୍ବୃତ୍ତଙ୍କୁ ଶାସନ କରିବା ପାଇଁ, ତ୍ରେତା ଯୁଗରେ ଯଜ୍ଞ-ବିଧିର ପ୍ରସାର ହେଲା । ଯଜ୍ଞରେ ଧନୀ ଓ ସମୃଦ୍ଧିବନ୍ତ ଲୋକଙ୍କ ସଂପତ୍ତି ସଂଗୃହୀତ ହୋଇ ଦୁଃଖୀର ଅଭାବ ପୂରଣରେ ବ୍ୟବହୃତ ହେଲା । ଦ୍ୱାପର ଯୁଗକୁ 'ମାନବ ସଭ୍ୟତା'ର ଯେତିକି ବିକାଶ ହେଲା ସଂସାରଯାତ୍ରା ସେତିକି ଜଟିଳ ହୋଇଗଲା ; ସଂସାର ଚଳାଇବାରେ ଧର୍ମ ଅଧର୍ମର ବିଚାର ରହିଲା ନାହିଁ । ଲୋକଙ୍କ କାନରେ ଅହରହ ଧର୍ମକଥା ପକାଇବାକୁ ଓ ଧର୍ମଚିନ୍ତା ଜାଗ୍ରତ ରଖିବାକୁ ତୀର୍ଥାଦିର କଳ୍ପନା ହେଲା, ଦେବମନ୍ଦିର ପ୍ରତିଷ୍ଠିତ ହେଲା । କ୍ରମେ ଲୋକସଂଖ୍ୟା ଆହୁରି ବଢ଼ିଲା, ଜୀବନ-ଧାରଣର ଉପାଦାନ ସେହି କ୍ରମରେ କମିଲା । ପେଟଚିନ୍ତା ଯେତିକି ବଢ଼ିଲା, ସୁଖ ଓ ସଂଭୋଗର ଆକାଂକ୍ଷା ସେତିକି ତେଜିଲା । ଲୋକେ ଈଶ୍ୱର ଚିନ୍ତା କରିବାକୁ, ଦାନଧର୍ମ କରିବାକୁ, ତୀର୍ଥଯାତ୍ରାରେ ଯିବାକୁ ପରାଙ୍ମୁଖ ହୋଇଗଲେ । ମହାପୁରୁଷମାନେ ସଦାଚରଣର କ୍ଷୀଣ ଆଲୋକ ଜଳାଇ ରଖିବା ଆଶାରେ ଧର୍ମମାର୍ଗକୁ ଅତି ସରଳ କରିଦେଇ ସବୁ ଛାଡ଼ି 'ନାମ ସଂକୀର୍ତ୍ତନ' କର ବୋଲି ପ୍ରଚାର କଲେ । ସେମାନଙ୍କର ଆଶା, ଅନ୍ତତଃ ମୁହଁରୁ ହରିନାମ ବାହାରୁଥିଲେ ପାପ ପ୍ରବୃତ୍ତିର ଟିକିଏ ତ ହେଲେ ଦମନ ହେବ ।

## ପରିବର୍ତ୍ତନ ଭିତରେ ମୂଳଲକ୍ଷ୍ୟ ଠିକ୍ ରହିଛି—

ଋଷିପଟେ ଗୃହସ୍ଥ ହୋମକୁଣ୍ଡ ଜଳାଇ ରଖି ତା'ର ମଝିରେ ସୂର୍ଯ୍ୟଙ୍କ ଉପରେ ଦୃଷ୍ଟିରଖି ତପସ୍ୟା କରିବାଠାରୁ ଧର୍ମ ଯେ ଆସି ପହଞ୍ଚିଲା, ରାତିରେ ଖାଇପିଇସାରି ଖୋଳ କରତାଳ ଧରି ଘଣ୍ଟେ ଅଧେ ନାମ କୀର୍ତ୍ତନ କରିବାରେ—ଏହା ବୈପ୍ଳବିକ ପରିବର୍ତ୍ତନ ବୋଲି ତୁମେ ତ ନିଶ୍ଚୟ ସ୍ୱୀକାର କରିବ । ଅନ୍ୟଦେଶରେ ଧର୍ମବିଶ୍ୱାସ ବା କ୍ରିୟାକାଣ୍ଡରେ ଏପରି ଘୋର ପରିବର୍ତ୍ତନ ହୋଇନାହିଁ, କିନ୍ତୁ ଯାହା ବା ଟିକିଏ ପରିବର୍ତ୍ତନ ହୋଇଛି ସେତିକି ପାଇଁ ହାଣକାଟ, ଜଳାପୋଡ଼ା ହୋଇ ରକ୍ତନଦୀ ବୋହି ଯାଇଛି, ଦେଶ ଛାରଖାର ହୋଇ ଯାଇଛି । ଫଳରେ ସେମାନଙ୍କର ଧର୍ମବିପ୍ଳବ ସର୍ବଗ୍ରାସୀ ହୋଇପାରିଛି । ଇଂଲଣ୍ଡ ଭଳି ରାଜ୍ୟର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ—ସମସ୍ତେ ଖ୍ରୀଷ୍ଟିୟାନ୍ । କିନ୍ତୁ ଆମ ଦେଶର ପ୍ରତି ବର୍ଗ ମାଇଲ୍‌ରେ ପୃଥିବୀର ସବୁ ପାଠକ ସବୁଧର୍ମ ଦେଖିବ । ପାର୍ଥକ୍ୟ ଏତେ ପ୍ରବଳ ଯେ ଗୋଟିଏ ଭାଇ ଯଦି ରାମଙ୍କୁ ପୂଜା କରୁଥିବ, ଆର ଭାଇ କୃଷ୍ଣଙ୍କୁ, ତୃତୀୟ କେବଳ ଉଦରପୂଜା କରୁଥିବ ତ ଚତୁର୍ଥ ନିର୍ଜଳ ଉପବାସ ରହୁଥିବ । ପ୍ରତି ଗାଁରେ ଅଦ୍ୟାପି ବୈଦିକ ବିଧିରେ ଶ୍ରାଦ୍ଧ ତର୍ପଣ ଚାଲିଛି, ସଂକୀର୍ତ୍ତନ ଚାଲିଛି ଓ ଏପରି ଲୋକଙ୍କୁ ବ୍ରାହ୍ମଣିଆ ଓ ସଂକୀର୍ତ୍ତନିଆଁ, ବୈଷ୍ଣବିଆଁ ବୋଲି ଛିଗୁଲାଇବା ଲୋକ ବି ପ୍ରତି ଗାଁରେ ଅଛନ୍ତି । ଏହି ପରିସ୍ଥିତି ଭିତରେ ପୂର୍ବାଚାର୍ଯ୍ୟମାନେ ଧର୍ମର ଏପରି ଗୋଟିଏ ସଂଜ୍ଞା ନିରୂପଣ କରିଛନ୍ତି ଯେ ତାହା 'ଧର୍ମୀ' ଓ 'ଅଧର୍ମୀ' ଉଭୟଙ୍କୁ ସମାନଭାବେ କାମୁଛି ।

ଗୋଟିଏ ଉଦାହରଣ ଦିଏଁ । ଗାଁ ମଝିରେ ରାଧାକୃଷ୍ଣଙ୍କ ମନ୍ଦିରରେ ସବୁ ରାତିରେ ସଂକୀର୍ତ୍ତନର ଏପରି ନାଦ ହେଲା ଯେ ଋଷିପାଖେ ଘର କରି ରହିଥିବା ଲୋକଙ୍କ ପିଲେ ରାତିରେ ଶୋଇ

ପାରିଲେ ନାହିଁ । ସେମାନେ ସଂକୀର୍ତ୍ତନଆଁଙ୍କ ବିରୁଦ୍ଧରେ ବାହାରିଲେ । ଗାଁର ଜଣେ ମୁରବିଙ୍କ ପାଖେ କଥା ପଡ଼ିଲା । ସେ ସଂକୀର୍ତ୍ତନଆଁଙ୍କ ବିରୁଦ୍ଧରେ ରାଏ ଦେଲେ—'ତୁମେ ସଂକୀର୍ତ୍ତନ କରିବ ବୋଲି କ'ଣ ପିଲେ ଶୋଇବେ ନାହିଁ ? ଯଦି ସଂକୀର୍ତ୍ତନ କରିବାକୁ ମନ, ସଞ୍ଜ ପହରରେ ତାହା ସାରି ଦିଅ । ସଞ୍ଜରେ ଯଦି କାମ ଦାମ ସାରି ଆସି ନ ପାରୁଛ, ତେବେ ଏ ଦିଅଁଙ୍କ ପାଖେ ସଂକୀର୍ତ୍ତନ ନ କରି ଗାଁ ମୁଣ୍ଡରେ ଥିବା ଦିଅଁଙ୍କ ବେଢ଼ାରେ ସଂକୀର୍ତ୍ତନ କର । ସମସ୍ତେ ଯଦି ସବୁଦିନ ଏତେ ଦୂରକୁ ଯାଇ ନ ପାରିବ, ତେବେ ପାଳକରି ଦିନେ ଦିନେ ସବୁ ଦିଅଁଙ୍କ ଦେଉଳରେ କର ।' ଶୋଇ ନ ପାରି ଆପତ୍ତି କରିଥିବା ଲୋକଙ୍କ ଭିତରୁ ଜଣେ ଏଥିରେ ବାଦ କରିବାରୁ ତା'ଙ୍କୁ କୁହାଗଲା, "ତମ ପିଲଙ୍କ ନିଦ ଏତେ କଅଁଳ ହେଲେ ଚଳିବ ନାହିଁ । ମଝିରେ ମଝିରେ ଦିନେ ଦିନେ ସେମାନେ ଅନିଦ୍ରା ହୋଇ ସଂକୀର୍ତ୍ତନ ଶୁଣିଲେ ସେମାନଙ୍କର ଲାଭ, ତମ କାନରେ ବି ଟିକିଏ ହରିନାମ ପଡ଼ିଯିବ । ତୃପ୍ତି ହୁଅ ।" 'ଘୋଡ଼ାକୁ ପାଞ୍ଚ, ଘଣ୍ଟିକି ପାଞ୍ଚ' । ଶାସ୍ତ୍ରକାର ଏଇ ମନୋବୃତ୍ତିକୁ ଅତି ସଂକ୍ଷେପରେ ଗୋଟିଏ ଶ୍ଳୋକରେ ଥୋଇ ଦେଇଛନ୍ତି:—

'ଶମାର୍ଥଂ ସର୍ବଶାସ୍ତ୍ରାଣି ବିହିତାନି ମନୀଷିଭିଃ
ସ ଏବ ସର୍ବଶାସ୍ତ୍ରଜ୍ଞଃ ଯସ୍ୟ ଶାନ୍ତଂ ମନଃ ସଦା ।'

ସମାଜରେ ବିଭିନ୍ନ ପ୍ରକୃତିର ଲୋକେ ଶାନ୍ତିରେ ଏକାଠି ରହିପାରିବେ, ଏହି ଉଦ୍ଦେଶ୍ୟରେ ମହାପୁରୁଷମାନେ ଧର୍ମଶାସ୍ତ୍ର ପ୍ରଣୟନ କରିଛନ୍ତି । ଅର୍ଥାତ୍, ସଂସାରର ଘାତ ପ୍ରତିଘାତରେ ମନ ବିକ୍ଷୁବ୍ଧ ନ ରହି ଶାନ୍ତ ରହିବ ଏହି ଲକ୍ଷ୍ୟରେ ଲୋକେ ଧର୍ମଶାସ୍ତ୍ର ପଢ଼ନ୍ତି ଓ ଧର୍ମାଚରଣ କରନ୍ତି । ଯାହାଙ୍କର ମନ ପାଠ ନପଢ଼ି ମଧ୍ୟ ଈଶ୍ୱରପରାୟଣତାରେ ବା ସଂସାରୀ ବୁଦ୍ଧିରେ ଶାନ୍ତ ହୋଇ ଯାଇଛି ସେମାନେ ଶାସ୍ତ୍ରର ମର୍ମ ପାଇ ସାରିଛନ୍ତି । ସେମାନେ ପାଠ ନ ପଢ଼ିଥିଲେ ବି ପଣ୍ଡିତ ।

**ଧର୍ମର ସଂଜ୍ଞା—**

ଏହାପରେ ଆଜ ଗୋଟିଏ ଶ୍ଳୋକରେ ମହର୍ଷି ଦେବଳ ଧର୍ମର ସ୍ୱରୂପ ପ୍ରତିପାଦନ କରିବାକୁ ଯାଇ କହିଛନ୍ତି—

"ଶ୍ରୂୟତାଂ ଧର୍ମସର୍ବସ୍ୱଂ ଶ୍ରୁତ୍ୱାଚାପ୍ୟବଧାର୍ଯ୍ୟତାମ୍
ଆତ୍ମନଃ ପ୍ରତିକୂଳାନି ପରେଷାଂ ନ ସମାଚରେତ୍ ।"

ଅର୍ଥାତ୍—'ଧର୍ମର ସାରକଥା କହୁଛି ଶୁଣ । ଏକାପଦକେ ଏଡ଼େ ଗହନ କଥା କପରି ପ୍ରତିପାଦିତ ହୋଇପାରେ ବୋଲି ସନ୍ଦେହ ନ କର, ସେ ପଦକର ଭିତରେ ପଶି ଅର୍ଥ ବୁଝ । ସେଇ ପଦଟି ହେଉଛି, ଯେଉଁ କାର୍ଯ୍ୟ ନିଜ ପ୍ରତି ହେଲେ ନିଜକୁ ଖରାପ ଲାଗନ୍ତା, ସେପରି କାର୍ଯ୍ୟ ତୁମ ଶତ୍ରୁପ୍ରତି ମଧ୍ୟ କର ନାହିଁ ।'

ସମସ୍ତେ ଗୋଟାଏ ପ୍ରକାର କାମ ବା ଚିନ୍ତା କରିବେ, ଏକ କଥାରେ ବିଶ୍ୱାସ ରଖିବେ ବା ଏକ କଥା ସମସ୍ତଙ୍କ ପ୍ରତି ସମାନଭାବେ ଶ୍ରେୟ ହେବ ଏହା ସମ୍ଭବ ନୁହେ । ସଂସାରର ପ୍ରତି ଲୋକଙ୍କର ଚେହେରା ପୃଥକ୍, ଆଖିକୁ ଦିଶୁଛି । ପ୍ରତି ଲୋକର ମନ ଯେ ପୃଥକ୍ ଏହା ଆଖିକୁ ନ ଦିଶିଲେ ବି ମନକୁ ଆସୁଛି । ଏପରି ସ୍ଥଳେ ସମସ୍ତଙ୍କ ମନ ନେଇ ଚଳିବାକୁ ବସିବା ଅତି ଗହନ କଥା । ସେଥିସକାଶେ କୌଣସି ସରଳ ସୂକ୍ଷ୍ମ ବିଧି ନିର୍ଣ୍ଣୀତ ହୋଇ ନ ପାରେ । ତେବେ ଅନ୍ୟସଙ୍ଗେ ଚଳିବାକୁ କି ରୀତି ଅବଲମ୍ବନ କରିବାକୁ ହେବ ? ମୋ ମନକୁ ଯାହା ସୁଖଲାଗେ ଅପର ମନକୁ ତାହାହିଁ ସୁଖ ଲାଗୁଥିବ, ମୋତେ ଯାହା ଖରାପ ଲାଗେ ତା'କୁ ବି ତାହା ଖରାପ ଲାଗୁଥିବ ବୋଲି ବିଚାରିବା ସମାଜ-ଧର୍ମ ବା ସମାଜରେ ଚଳିବା ରୀତିରେ ତତ୍ତ୍ୱ ବୋଲି ଧରାଯାଏ ।

କିନ୍ତୁ ଏହି ତତ୍ତ୍ୱର ସୂକ୍ଷ୍ମ ବିଚାର ନ କଲେ ବିପଦର ସମ୍ଭାବନା ଅଛି । ଧର, ଆମର ଖଣ୍ଡିଏ ମଟର ଅଛି । ସଡ଼କରେ ଯଦି ପିଚ୍ ପଡ଼ନ୍ତା, ମଝିରେ ମଝିରେ ସଡ଼କରେ ଯେଉଁ ବାଙ୍କ ଅଛି ତାହା ଯଦି ସଳଖ ହୋଇ ଯା'ନ୍ତା, ତେବେ ଆମ ମଟର ଶୀଘ୍ର ଚାଲନ୍ତା, ଧଡ଼ଧଡ଼ ହୁଅନ୍ତା ନାହିଁ ଓ ମଟର ଚକ ଶୀଘ୍ର ଘୋରି ହୁଅନ୍ତା ନାହିଁ କି ତାହାର ଯନ୍ତ୍ରପାତି ଶୀଘ୍ର ଖରାପ ହୁଅନ୍ତା ନାହିଁ । ଆମ ପାଇଁ ସିଧା, ସଳଖ, ପିଚୁ ସଡ଼କ ଅତି ଅନୁକୂଳ ; ତେଣୁ ଆମେ ଧରିନେଲେ ଏହା ଶଗଡ଼ିଆ ପାଇଁ ମଧ୍ୟ ଅନୁକୂଳ । ସବୁତକ ସଡ଼କରେ ପିଚୁ ପଡ଼ିଗଲା । କିନ୍ତୁ ଶଗଡ଼ିଆମାନେ ସେଥିରେ ଅସନ୍ତୁଷ୍ଟ ହେଲେ, ଆମ ବିରୁଦ୍ଧରେ ବାହାରିଲେ । ଏପରି ଅବସ୍ଥାରେ ସ୍ୱତଃ ମନେହୁଏ ଦୁଷ୍ଟ ଲୋକଙ୍କ ପ୍ରବର୍ତ୍ତନାରେ ଲୋକେ ଏପରି ପ୍ରତିକୂଳ ହେଉଛନ୍ତି, ବା ସଡ଼କ ଭଲ ହେବା ପରେ ଆଉ ଗୋଟାଏ କିଛି ସୁବିଧା ପାଇଁ ଆନ୍ଦୋଳନ ଏଇ ଆଳରେ ଆରମ୍ଭ କରୁଛନ୍ତି । ଏଇଥିରୁ ଆରମ୍ଭ ହୁଏ ଦମନନୀତି ; ପୁଣି ଦମନନୀତିର ଯେତିକି ପ୍ରୟୋଗ ହୁଏ ଲୋକଙ୍କ-ଭିତରେ ବିକ୍ଷୋଭ ସେତିକି ବଢ଼େ ।

ଠିକ୍ ତଥ୍ୟରେ ପହଞ୍ଚିବା ସକାଶେ ଆଉ ଟିକିଏ ମୂଳରୁ ବିଚାରିବା ଦରକାର । ଆମ ପ୍ରତି ସଡ଼କ ଅନୁକୂଳ ତେଣୁ ଶଗଡ଼ିଆ ପ୍ରତି ମଧ୍ୟ ଅନୁକୂଳ ବୋଲି ହଠାତ୍ ଧରି ନେବାହିଁ ଭୁଲ ହୋଇଛି । ସଡ଼କ ଆମ ପ୍ରତି କାହିଁକି ଅନୁକୂଳ ପୁଣି ବିଚାର କରାଯାଉ । ଆମେ ଆରାମରେ ଯାଇ ପାରିବା ଓ ଆମ ଯାନ ବେଶୀ ଦିନ ଯିବ, ଏଇ ତ ଆମର କାରଣ । ପିଚ୍ ସଡ଼କରେ ଶଗଡ଼ିଆ ବାପୁଡ଼ା ଆରାମରେ ଯିବ ତ ? ଦଣ୍ଡା ସଳଖିବାକୁ, ଆଗରୁ ବା ପଛରୁ ମଟର ଆସିଲେ ଶଗଡ଼ ଘାଞ୍ଚିବାକୁ ତାକୁ ଶଗଡ଼ ଆଗରେ ବା ପଛରେ ଚାଲିବାକୁ ହେବ । ଏ ଦେଶର ଶଗଡ଼ିଆ ଦାରିଦ୍ର୍ୟ ଓ ଅସୁବିଧା ଯେଉଁ କୋଟି ବ୍ୟକ୍-

ହାର କରେ ନାହିଁ । ଖରାବେଳେ ତାତିଲା ପିଚୁ ଗୋଡ଼କୁ କିମିତି ଲାଗୁଥିବ ? ନିଜ ପାଦ ଓ ବଳଦଖୁରା ସବୁବେଳେ ତାତିବାରୁ ଉଭୟଙ୍କ ସ୍ୱାସ୍ଥ୍ୟ ଓ ଆୟୁଷ ଉପରେ ପ୍ରତିକ୍ରିୟା କିଛି ହେବ ନା ନାହିଁ ? ପୁଣି ସିଧାସଳଖ ରାସ୍ତାରେ ଜୋରରେ ଯାଉଥିବା ମଟର ଆଗରୁ ଶଗଡ଼ ଆଡ଼େଇବା କିପରି ସହଜ ତାହା ମଧ୍ୟ ବିଚାର୍ଯ୍ୟ । ଏଇପରି ବିଚାରିଲେ, ଶଗଡ଼ିଆର ମନକୁ ଗୃହ୍ନିଁ ଗୋଟାଏ କିଛି ସମାଧାନ ହୋଇ ପାରନ୍ତା ।

## ଭୁଲ କେଉଁଠି ?

'ଧର୍ମ-ସର୍ବସ୍ୱ' ସଂପର୍କୀୟ ଶ୍ଳୋକଟିର ସୂକ୍ଷ୍ମବିଚାର ନ ହେବାରୁ ଏପରି ହେଲା । କିମିତି ? ବୋଧହୁଏ ଆମର ବିଚାରିବାର ଉଚିତ ଥିଲା—ଆମକୁ ଆରାମ ମିଳିବ ଓ ଆମ ମଟର ଭଲ ରହିବ ବୋଲି ସଡ଼କ ଯୋଜନା ଆମକୁ ଅନୁକୂଳ ବୋଧ ହେଉଛି । ଶଗଡ଼ିଆକୁ ଆରାମ ମିଳିବ ତ ? ଶଗଡ଼ିଆର ଜିନିସ ଭଲ ରହିବ ତ ? ଯଦି ନ ରହେ, ତେବେ ସର୍ବସାଧାରଣ ପଇସାରେ ଆମେ ଆମ ପାଇଁ ଗୋଟିଏ ସୁବିଧା ମାରି ନେଉଥାଇଁ ବୋଲି ଲୋକେ କହିବେ । ଅନ୍ୟ ଲୋକ ନିଜ ସ୍ୱାର୍ଥରେ ଆମର ଅନିଷ୍ଟ କଲେ ଆମକୁ ଯିମିତି ଲାଗନ୍ତା, ଶଗଡ଼ିଆକୁ ଆମ କାର୍ଯ୍ୟ ସେଇପରି ଲାଗୁଥିବ—ଏଇ ରୀତିରେ ଚିନ୍ତା କଲେ ପରସ୍ପର କ'ଣ ପ୍ରତିକୂଳ ଓ କ'ଣ ଅନୁକୂଳ ସେ ବିଷୟରେ ଠିକ୍ ଧାରଣା ଆସିବ । ସେଥିପାଇଁ ଶ୍ଳୋକରେ ନିର୍ଦ୍ଦେଶ ଅଛି, ତହ୍ନିଟି ଶୁଣି ସେ ବିଷୟରେ ସମ୍ୟକ୍ ଅବଧାରଣା କର ।

## ଧର୍ମ ଓ ସତ୍ୟ

ଯେ କୌଣସି ବିଷୟରେ ଯଥାର୍ଥ ଅବଧାରଣା କରିବା ସବୁଠାରୁ ବଡ଼ କଥା । କ'ଣ ଠିକ୍, କ'ଣ ଭୁଲ ମନରେ ନିର୍ଣ୍ଣୟ କଲାପରେ ଠିକ୍ କାର୍ଯ୍ୟ କରିବା ଓ ଅଠିକ୍ କାର୍ଯ୍ୟକୁ ଛାଡ଼ିବା ଅପେକ୍ଷାକୃତ ସହଜ

ହୋଇଯାଏ । ଅନେକଙ୍କ କୁହାଯିବାର ଶୁଣିଛି, ନ୍ୟାଯ୍ୟ କ'ଣ ଅନ୍ୟାୟ୍ୟ କ'ଣ ସମସ୍ତେ ଜାଣନ୍ତି, କିନ୍ତୁ ନିଜର ସ୍ୱାର୍ଥରେ ବାଧ୍ୟହୋଇ ଅନ୍ୟାୟ୍ୟ କାର୍ଯ୍ୟ କରିବାକୁ ହୁଏ । ଏହା ବ୍ୟକ୍ତିବିଶେଷଙ୍କ ପକ୍ଷରେ ସତ୍ୟ ହୋଇପାରେ, ଏକ ବା ଅନେକ ସଂଖ୍ୟାନ୍ୟୁନ ଗୋଷ୍ଠୀଙ୍କ ପକ୍ଷରେ ହୋଇ-ପାରେ, କିନ୍ତୁ ଅଧିକାଂଶ ଲୋକଙ୍କର ଯଦି ଆପ-ସୁଖୀ ମନୋଭାବ ହୋଇଯାଏ, ତାହାହେଲେ ସଂସାରଯାତ୍ରା ଏକାବେଳକେ ଅସଂଭବ ହୋଇ ପଡ଼ିବ । ଏପରି ମନୋଭାବ ହୋଇଯିବା ମଧ୍ୟ ଅସଂଭବ । କାରଣ, ସଂସାରରେ ସମସ୍ତେ ଏପରି ଛନ୍ଦାଛନ୍ଦି ହୋଇ ରହିଛନ୍ତି ଯେ, ଅନ୍ୟର ସ୍ୱାର୍ଥପ୍ରତି ଦୃଷ୍ଟି ନ ରଖିଲେ ନିଜ ସ୍ୱାର୍ଥର ବିହନ ଏକା-ବେଳକେ ବୁଡ଼ିଯିବ । ଅନ୍ୟଠାରୁ ତ ନିଜ ସ୍ୱାର୍ଥ ସାଧନ କରିବ ! ଅନ୍ୟର ସର୍ବନାଶରେ ନିଜର ସ୍ୱାର୍ଥହାନି ଓ ସର୍ବନାଶ !

ଏହି ଧାରଣାକୁ କୁହାଯାଏ ସତ୍ୟ । ସତ୍ୟ ଖାଲି ସତକଥା ବୋଲି ସାଧାରଣ ଲୋକେ ବୁଝନ୍ତି । କିନ୍ତୁ କଥାଟା ସତ ବୋଲି ପ୍ରମାଣ କରା-ଯିବ କିପରି ? ଅନ୍ୟ ଭାଷାରେ କହିଲେ, ସତ୍ୟ ମାନେ ସତ କଥା !— ବାକ୍ୟଟି ଦ୍ୱାରା ସତ୍ୟବିଷୟରେ ଆମର ତ ଅଛି ଧାରଣା ହେଉ ନାହିଁ । ତେଣୁ ଅର୍ଥଟା ଯୁକ୍ତିଯୁକ୍ତ କରିବାକୁ ସତ୍ୟର ସ୍ୱରୂପନିରୂପଣ ପ୍ରୟୋଜନ ହେଉଛି । ପୂର୍ବାଚାର୍ଯ୍ୟମାନେ ନିରୂପଣ କରିଛନ୍ତି, ଯାହା ଅଛି, ଥିଲା ଓ ସୃଷ୍ଟିର ପ୍ରଳୟରେ ମଧ୍ୟ ରହିବ ସେ ହିଁ ସତ୍ୟ । ତାହାର ପୁଣି ପ୍ରମାଣ କ'ଣ ? ଏହା ଜାଣିବାକୁ ହେଲେ ଅତୀତର ଅଭିଜ୍ଞତା-ଦୃଷ୍ଟିରେ, ବର୍ତ୍ତମାନ ଅବସ୍ଥାର ବିଶ୍ଳେଷଣ କରି, ଭବିଷ୍ୟତ୍ ପାଇଁ ଅନୁମାନ କରିବାକୁ ହେବ । ଅତୀତର ଅଭିଜ୍ଞତାକୁ ନିର୍ମଳଚିତ୍ତରେ ଅର୍ଥାତ୍ ଆତ୍ମବିଭ୍ରମ ନ ଥାଇ ଦେଖିବାକୁ ହେବ, ବର୍ତ୍ତମାନର ବିଶ୍ଳେଷଣ କଲାବେଳେ ସ୍ୱାର୍ଥବୁଦ୍ଧି ନ ଥିବ, ତେବେ ଯାଇ ଭବିଷ୍ୟତ୍ ବିଷୟରେ ଅନୁମାନ ଠିକ୍ ହେବାର ସମ୍ଭାବନା ଅଛି । ଏହା ହୋଇ

ପାଣ୍ଡବ 'ସମ ଦର୍ଶନ' ଭାବ ମନରେ ଆସିଲେ । ଅର୍ଥାତ୍, ମୁଁ ଯେମିତି ଜଣେ ମୋର ଶତ୍ରୁ ମଧ୍ୟ ସେହିପରି ଜଣେ ଈଶ୍ୱରଙ୍କର ଅବତାର । ମୋ ଭିତରେ ଥିବା ଈଶ୍ୱର ଦଣ୍ଡ ଦେବାକୁ ତିଆରି, ତା'ଭିତରେ ଥିବା ଈଶ୍ୱର ଦଣ୍ଡ ପାଇବାକୁ ଠିଆ ହୋଇଛନ୍ତି । ମୋ ଭିତରର ଈଶ୍ୱର ( ବା ଆଉ ଯାହା କହ ) ଦଣ୍ଡ ଦେବା ଅବସ୍ଥାକୁ କାହିଁକି ଗଲେ ? ତା ଭିତର ଈଶ୍ୱର ବା ଦଣ୍ଡ ପାଇଲା ଭଳି କାମ କାହିଁକି କଲେ ? ଏହା ଆମକୁ ଅଜ୍ଞାତ । ତେଣୁ ଅନ୍ଧଲୋକ ଅନ୍ଧକୁ ବାଟ କଢ଼ାଇବା ଭଳି ଆମେ କାମ କରିବାକୁ ବସିଥାଉଁ । ଏଇପରି ଭାବିଲେ କାମଟା ଠିକ୍ ହୁଏ । ଏହାର ନାମ ସମଦର୍ଶନ । ଏହି ଜ୍ଞାନଟା ପାଇବା ପାଇଁ ଉଭୟଙ୍କଠାରେ ସମାନଭାବେ ଥିବା ଶକ୍ତିକୁ ଈଶ୍ୱର ବା ଈଶ୍ୱରଙ୍କ ମାୟା ବୋଲି ଧରି ନିଆ ଯାଇଛି । ଏହି ଜ୍ଞାନଟା ଆସିଗଲେ ଈଶ୍ୱରଙ୍କ ପ୍ରୟୋଜନ ଶେଷ, ଈଶ୍ୱରଙ୍କୁ ପାଇବା ସକାଶ ଯଜ୍ଞ, ପୂଜାପାଠ, ତୀର୍ଥଯାତ୍ରାର ପ୍ରୟୋଜନ ବି ଶେଷ ।

ଏଇ ଗୀତରେ ପ୍ରମାଣ କରାହୋଇଛି ଯେ, 'ନହି ସତ୍ୟାତ୍ ପରୋ ଧର୍ମଃ', ସତ୍ୟଠାରୁ—ସମଦର୍ଶନଠାରୁ(ଋତଂ ଚ ସୁନୃତା ବାଣୀ, ସତ୍ୟଂ ଚ ସମଦର୍ଶନମ୍ ; ସତ କଥାକୁ ଋତ ଓ ସମଦର୍ଶନକୁ ସତ୍ୟ କୁହାଯାଏ) ବଳି, ଅର୍ଥାତ୍ ସତ୍ୟ ବାଦ୍ ଧର୍ମ ନାହିଁ । ମହାଭାରତ ଓ ଅନ୍ୟ ପୁରାଣମାନଙ୍କରେ ଅଛି—ନାସୌ ଧର୍ମଃ ଯତ୍ର ନ ସତ୍ୟମସ୍ତି—ଯହିଁରେ ସତ୍ୟ ନାହିଁ ସେ ଧର୍ମ ନୁହେ ।'ଧର୍ମ ଯଦି ଶରୀର ହେଲା, ତାହାହେଲେ ସତ୍ୟ ତହିଁର ଆତ୍ମା—ଜୀବନୀ ଶକ୍ତି । ସେହି ଶକ୍ତିର ଅଭାବରେ ଜଡ଼ପିଣ୍ଡ ଯେପରି 'ମୁଁ' ବୋଲିଏ ନାହିଁ, ସେହିପରି ସତ୍ୟ ନ ଥିଲେ ଧର୍ମ ଜଡ଼ପିଣ୍ଡ ମାତ୍ର ।

ସତ୍ୟକୁ ଏହିପରି ଧର୍ମ ବୋଲି ପ୍ରତିପାଦନାନ୍ତର ପୁରାଣ-କାର ସ୍ତୁତି କରିଛନ୍ତି :—

'ସତ୍ୟମୂଳଂ ଜଗତ୍ ସର୍ବଂ ସର୍ବଂ ସତ୍ୟେ ପ୍ରତିଷ୍ଠିତମ୍
ସିଦ୍ଧିଂ ଲଭନ୍ତି ସତ୍ୟେନ ଋଷୟୋ ବେଦପାରଗାଃ ।
ସତ୍ୟଂ ବଦନ୍ତି ରାଜାନଃ ସତ୍ୟେନ ବସୁଧା ଧୃତା ।'
(ବରାହ ପୁରାଣ)

ଏ ସଂସାର ଯେ ସୃଷ୍ଟି ହୋଇ ଚାଲୁଛି ତାହା ସତ୍ୟ ବା ସମଦର୍ଶନ ଯୋଗୁଁ । ବେଦପାଠ କରି ସୁଦ୍ଧା, ତପସ୍ୟା କରି ସୁଦ୍ଧା, ଋଷିମାନେ ସମଦର୍ଶନ ପାଇବା ପରେ ଯାଇ ସେମାନଙ୍କୁ ସିଦ୍ଧି ମିଳେ । ରାଜାମାନେ ଏହି ସମଦର୍ଶନ ତତ୍ତ୍ୱର ପ୍ରଚାର ଓ ପ୍ରସାର ବିଷୟରେ ଜାଗ୍ରତ ଥାନ୍ତି, କାରଣ ସେମାନେ ଯେଉଁ ରାଜ୍ୟର ପାଳକ ତାହାର ସ୍ୱଚ୍ଛନ୍ଦ ବିକାଶ ସମଦର୍ଶନ ମାଧ୍ୟମରେ ହିଁ ସମ୍ଭବ ।

ଏହି ଉଦ୍ଧୃତାଂଶ ସମୟୋପଯୋଗୀ ନା ନୁହେଁ ତୁମକୁ କହିବା ଅତ୍ୟୁକ୍ତି ମାତ୍ର । ଏ ତତ୍ତ୍ୱର ଦେଶ କାଳ ପାତ୍ର ଭେଦରେ ଇତର ବିଶେଷ ହେବାର ନୁହେଁ । ଏହିପରି 'ସମଦର୍ଶନ' ମାଧ୍ୟମର ମାପ-କାଠିରେ ଯାହା ପ୍ରତିପାଦିତ ହେବ ତାହା ହିଁ ସତ୍ୟ ଓ ତାହାହିଁ ଧର୍ମ । ଅନ୍ୟ କୌଣସି 'ଧର୍ମ'କୁ ହିନ୍ଦୁ ସର୍ବବାଦୀସମ୍ମତ ଭାବରେ ଗ୍ରହଣ କରେ ନାହିଁ ।

## କ୍ରିୟାକାଣ୍ଡର ପ୍ରୟୋଜନ

ଏଇ ପର୍ଯ୍ୟନ୍ତ କହିବା ପରେ ହୁଏତ ପ୍ରଶ୍ନ ଉଠିପାରେ, 'ଏତେ ଉଦାର ଭାବରେ ଯଦି ବିଧି ନିଷେଧ, ଆଦେଶ ଓ ନିର୍ଦ୍ଦେଶ ନ ଥାଇ ଧର୍ମତତ୍ତ୍ୱ ବିଶ୍ଳେଷିତ ହେଲା ତେବେ ଆଉ କ୍ରିୟାକାଣ୍ଡ କାହିଁକି, ଚତା ପଇତା କାହିଁକି, ପୂଜା ବୈଶ୍ୱଦେବ କାହିଁକି ? ତୀର୍ଥଯାତ୍ରା କାହିଁକି ?' ବାସ୍ତବିକ ସମଦର୍ଶନ ଆସିଯିବା ପରେ ପୂଜାପାଠ କରି ଭଗବାନଙ୍କଠାରେ ଦ୍ରୋହୀ ହୋଇଛି ବୋଲି ସାଧକ ଭଗବାନଙ୍କୁ

ଦୋଷ ମାଗିନଏ କହେ, 'ଭଗବାନ୍ ! ମୁଁ ଆପଣଙ୍କ ବିଷୟ ବର୍ଣ୍ଣନା କରିବାକୁ ଯାଇ ( ଆପଣଙ୍କ ବିଷୟ ଅବର୍ଣ୍ଣନୀୟ ), ଆପଣଙ୍କ ରୂପ କଳ୍ପନା କରି (ଆପଣ ଅରୂପ), ଆପଣ ତୀର୍ଥରେ ଥାନ୍ତି ବୋଲି କହି (ଆପଣ ବାସ୍ତବିକ ସର୍ବବ୍ୟାପୀ), ମୁଁ ଯେଉଁ ତିନୋଟି ଦୋଷ କରିଛି ତାହା କ୍ଷମା କରନ୍ତୁ :—

'ରୂପଂ ରୂପବିବର୍ଜିତସ୍ୟ ଭବତଃ ଧ୍ୟାନେନ ଯତ୍ କଳ୍ପିତମ୍
ସ୍ତୁତ୍ୟାନିର୍ବଚନୀୟତାଖିଳଗୁରୋ ଦୂରୀକୃତା ଯନ୍ମୟା
ବ୍ୟାପିତ୍ୱଂ ଚ ନିରାକୃତଂ ଭଗବତୋ ଯତ୍ତୀର୍ଥଯାତ୍ରାଦିନା
କ୍ଷନ୍ତବ୍ୟଂ ଜଗଦୀଶ ! ତଦ୍ବିକଳା ଦୋଷତ୍ରୟଂ ମତ୍କୃତମ୍'

ତେବେ ଗୋଇଠା ମାରି ବିଷ୍ଟୁ କରିବାରେ ଅର୍ଥ କ'ଣ ? ଏହି ପ୍ରଶ୍ନ ପ୍ରାୟ ସବୁ ଯୁବକଙ୍କର ଆସେ । ମୋର ଆସିଥିଲା ; ଆଉ ଅନେକଙ୍କର ଆସିଥିଲା ଓ ଅଦ୍ୟାପି ଅମୀମାଂସିତ ହୋଇ ରହିଛି । ମୁଁ ଯେଉଁ ପ୍ରଣାଳୀରେ ଏ ପ୍ରଶ୍ନର ଉତ୍ତର ପାଇଛି ତାହାର ଟିକିଏ ସୂଚନା ଦେଇ ଏ ଦୀର୍ଘ ପତ୍ରର ଉପସଂହାର କରିବି ।

ଧର୍ମଜ୍ଞାନ ବା ସମଦର୍ଶନ ତ ନିତାନ୍ତ ଦରକାର ଏହା ବୁଝାଗଲା । କିନ୍ତୁ ଏହା ମିଳିବ କିପରି ? ବିଦ୍ୟାଭ୍ୟାସରେ 'ସମଦର୍ଶନ ଦରକାର' ଏଇ ପର୍ଯ୍ୟନ୍ତ ସିନା ଶିଖିବ, କିନ୍ତୁ ପାଇବ କିପରି ? ପାଠରେ ଅଛି, ଖୋଜିଲେ ମିଳିବ ; ପୁଣି ଆଉ ଥରେ ପଢ଼ିଥିବା ପାଠକୁ ଖୋଜିବାକୁ ହେଲା । ଖୋଜୁ ଖୋଜୁ ଠାଏ ମିଳିଲା ନିଷ୍ଠାରେ ଖୋଜିଲେ ମିଳିବ । ରାତିରେ ଖାଇବା ପରେ ଖଟରେ ପଡ଼ି ଖୋଜୁଥିଲି । ଫଳରେ ଅଧିକାଂଶ ଦିନ ବହି ହାତରୁ ଖସିଗଲା, ନିଦ ମିଳିଲା—ସମଦର୍ଶନ ମିଳିବା ପରିବର୍ତ୍ତେ ଏକାବେଳକେ ଦର୍ଶନଶକ୍ତି ଲୋପ । ଏଥର ମନେ ହେଲା, ଗାଧୋଇ ସାରି ଠାଏ ଏକାଗ୍ରମନରେ ବସିଲେ ପଢ଼ିବା ଭଲ ହେବ । ତୁମେ ତ ଜାଣ, ମୋ ଘରେ ସେ ସ୍ଥାନ ମାତ୍ର ଦୁଇଟି—

ସେଷେଇଘର ଓ ଦଅଁଙ୍କ ଘର—ପିଲାଙ୍କଠାରୁ ରହାଣ୍ଡି ମିଳୁ ନ ମିଳୁ, କୁକୁରଙ୍କଠାରୁ ମିଳେ । ଏବେ ବାଟ ଅଗ୍ରସର ହେବା ପରେ ଆଉ ଚଡ଼ାଟା ବାକି କାହିଁକି ରହିବ ? ଠିକ୍ ଯେଉଁ ଧାରାରେ ବାଆଙ୍ଗି ସବୁ ଛଡ଼ି ଛଡ଼ି ଡୋର କୌପୀନ ଛଡ଼ି ଦେଇ ଲଙ୍ଗୁଳା ହୋଇଗଲା । ସେଇ ଦିନଠାରୁ ସେଇପରି ଚାଲୁଛି । ବର୍ତ୍ତମାନ ଧର୍ମର ତତ୍ତ୍ୱ, 'ସମଦର୍ଶନ'ର ପାଖ ଆଖ ହେଲାଣି ବୋଲି କୁହାଯାଇ ନ ପାରେ, କିନ୍ତୁ ପୂର୍ବାଚାର୍ଯ୍ୟମାନେ ଯାହା ସବୁ ଲେଖିଛନ୍ତି ତାହାର ମର୍ମ ଗ୍ରହଣ କରି ପାରୁଛୁ ବୋଲି ମନେ ହେଉଛି ।

ଏହାଠାରୁ ଆଉ ସୁବିଧା ଉପାୟ ଅନ୍ୟ ଧର୍ମରେ ଅଛି ବୋଲି ଶୁଣିଛୁ । କିନ୍ତୁ ଯେଉଁ ଦେଶରେ ଯେଉଁ ରୀତି ପରଂପରା କ୍ରମେ ଚାଲି ଆସୁଛି, ତାହା ସେଇ ଦେଶର ଜଳବାୟୁର ଅନୁକୂଳ ବୋଲି କୁହା ଯାଇଛି । ସେ କଥା ଠିକ୍ ବୋଲି ଦୃଢ଼ଧାରଣା ହୋଇଗଲାଣି :—

'ଯସ୍ମିନ୍ ଦେଶେ ଯ ଆଚାରଃ ପାରଂପର୍ଯ୍ୟକ୍ରମାଗତଃ
ସ ତସ୍ମିନ୍ନେବ କର୍ତ୍ତବ୍ୟୋ ନେତରେଷୁ କଦାଚନ ।'

ଅନ୍ୟ ଦେଶକୁ ଅନ୍ୟ ଧର୍ମ ଯେପରି ଭଲ, ଆମର ଆମକୁ ସେପରି । 'ଯେ ଦେଶେ ଯାଇ ସେ ଫଳ ଖାଇ' । ପୂର୍ବରେ ସୂଚାଇ ଦେଇଛି, ଧର୍ମ ବିଷୟରେ ଜଣେ ଜଣକୁ ଉପଦେଶ ଦେବା, ଅନ୍ଧ ଅନ୍ଧକୁ ବାଟ କଢ଼ାଇଲା ପରି । ମୋତେ ଯେତିକି ଦିଶୁଛି ମୁଁ ଲେଖିଛି । ଏଥିରୁ ପୃଥକ୍, ଠିକ୍ ବୋଲି ଜଣା ପଡ଼ିଲା ସଙ୍ଗେ ସଙ୍ଗେ ଜଣାଇଦେବ । ସେ ଦିନକୁ ଅପେକ୍ଷା କରି ବସି ନ ରହି, ତୁମେ ଏତିକି ଉପରେ ଚିନ୍ତା ଚଳାଇଲେ ମୋର ଶ୍ରମ ସାର୍ଥକ ହେଲା ବୋଲି ମନେ କରିବି । ଇତି ।

ତୁମର
ତୁମର ପର ଧର୍ମଜିଜ୍ଞାସୁ
ଚିନ୍ତାମଣି ମିଶ୍ର

## ପଞ୍ଚମ ପତ୍ର

# 'ଲୋକାଃ ସମସ୍ତାଃ ସୁଖିନୋ ଭବନ୍ତୁ'

**ଆୟୁଷ୍ମତ୍ସୁ**

ତୁମର ଚିନ୍ତାଧାରାକୁ ମୁଁ ପସନ୍ଦ କରୁନାହିଁ, ତେଣୁ ତୁମ ପ୍ରତି ମୋ'ର ଶ୍ରଦ୍ଧା ନାହିଁ—ଏ ଧାରଣା ତୁମ ମନରେ ହୋଇ ଥିବାର ସୂଚନା ତୁମ ଚିଠିରୁ ପାଇ ମୁଁ ଆତ୍ମଗ୍ଲାନି ଅନୁଭବ କରୁଛି । ଛତରା, ହେଙ୍ଗେଜଡ଼ା ପୁଅଙ୍କର ଦୁଷ୍ଟାମିରେ ପରିତପ୍ତ ପିତା ବି ଆଶୀର୍ବାଦ କରେ——ପୁଅ ସୁସ୍ଥ ରହୁ, ଦୀର୍ଘଜୀବୀ ହେଉ ; ଭାବିବାକୁ ବେଳ ପାଇବ, ନିଜ ବିବେଚନାରେ ଠିକ୍ ରାସ୍ତାକୁ ଆସିଯିବ । ଏପରି ସ୍ଥଳେ ତୁମ-ପରି କୃତବିଦ୍ୟ, ସୁଶୀଳ ଯୁବକଙ୍କ ପ୍ରତି ମୋର ମନରେ ବିରକ୍ତି ଅଛି ବୋଲି ତୁମେ ଭାବିବାକୁ ମୁଁ କିଛି ନା କିଛି କାରଣ ନିଶ୍ଚୟ ଦେଇଛି—ଏହି ଚିନ୍ତାରେ ମୁଁ ମନରେ ଅଶାନ୍ତି ଭୋଗୁଛି । ସବୁ କଥା ତୁମକୁ ବୁଝାଇ ଲେଖିଦେଲେ କେଜାଣି ମୁଁ ଶାନ୍ତ ହେବି ଏଇ ଆଶାରେ ଏ ପତ୍ର ଖଣ୍ଡି ଲେଖିଛି, ଜାଣିବ ।

ଥରେ ମୋର ଜଣେ ବନ୍ଧୁ ସାମାଜିକ ଅବିଚାର (Social Injustice) ନାମରେ ଖଣ୍ଡିଏ ପୁସ୍ତକ ମୋତେ ଦେଇ ତାହାର ଖୁବ୍ ତାରିଫ୍ କରିଥିଲେ । ସେ ମୋତେ କହିଥିଲେ, "ଏ ପର୍ଯ୍ୟନ୍ତ ପୃଥିବୀରେ କେହି ସମାଜ ଓ ଶାସନକୁ ଏ ଦୃଷ୍ଟିକୋଣରୁ ଦେଖି ନାହାନ୍ତି । ଭବିଷ୍ୟତ ମାନବ ପାଇଁ ଏ ପୁସ୍ତକ ଖଣ୍ଡି ଆଶାର ବାଣୀ ଶୁଣାଇଛି ।"

ସେ ବାଣୀ କଅଣ ତାହା ମୁଁ ବିଶେଷ ଆଗ୍ରହ ସହିତ ଜାଣିବା ପାଇଁ ପୁସ୍ତକଟି ଆମୂଳଚୂଳ ପଢ଼ିଲି । ତାହା ପାଶ୍ଚାତ୍ୟ ସଭ୍ୟତାର ଭବିଷ୍ୟତ୍ ପାଇଁ ଆଶାର ବାଣୀ ହୋଇପାରେ । କିନ୍ତୁ ଭାରତୀୟ ସଭ୍ୟତାରେ ତାହା ଅତି ମାମୁଲି କଥା । ପୁସ୍ତକଟିର ଲେଖକ ପାଶ୍ଚାତ୍ୟ

ସଭ୍ୟତାର ମୌଳିକ ନୀତିର ସମାଲୋଚନା କରି କହିଛନ୍ତି, "ଯେଉଁ ଦେଶରେ ଦୁର୍ବଳ ଓ ଅସହାୟ ଲୋକଙ୍କ ଉପରେ ଦୃଷ୍ଟିରଖି ସମାଜ ଶୃଙ୍ଖଳା ଓ ଶାସନ ଚଳେ ସେହି ଦେଶହିଁ ପ୍ରକୃତ ସଭ୍ୟ ଦେଶ। ଦୁର୍ବଳ ଓ ଅସହାୟ ଲୋକଙ୍କର ପାଳନ ଓ ପୋଷଣରେ ଯେଉଁ ଦେଶ ଯେତିକି ଅଗ୍ରସର ହୋଇଛି ସଭ୍ୟତା ନିଶ୍ରୁଣିରେ ସେ ଦେଶ ସେତିକି ଉପରକୁ ଉଠିଛି।" ଏହି ମାନଦଣ୍ଡରେ ବିଶିଷ୍ଟ ପାଶ୍ଚାତ୍ୟ ଦେଶମାନଙ୍କର ଇତିହାସ ପର୍ଯ୍ୟାଲୋଚନା କରି ସେ ନିରାଶ ହୋଇଛନ୍ତି ; ଚେତାବନୀ ଶୁଣାଇଛନ୍ତି ଯେ, ଏହି ସଭ୍ୟ ଦେଶମାନେ ଆଜିକାଲି ଯେପରି ବଡ଼ବଡ଼ଆଙ୍କ ସ୍ୱାର୍ଥଦୃଷ୍ଟିରେ ଚାଲିଛନ୍ତି ସେପରି ଆଉ ଅଧିକ ଦିନ ଚାଲିଲେ ପୃଥିବୀ ଆଦିମ ବର୍ବରତାକୁ ପୁଣି ଫେରିଯିବ। ବୁଢ଼ାମାନଙ୍କ ପାଇଁ ଅଧିକ ସାହାଯ୍ୟ ବ୍ୟବସ୍ଥା, ମଜୁରିଆଙ୍କ ପାଇଁ ଅଧିକ ମଜୁରି ଓ ବସବାସର ଅଧିକ ସୁଖ ସୁବିଧା, ଯୁଦ୍ଧରେ ବିକଳାଙ୍ଗ ହୋଇଥିବା, ରୋଗରେ ଅନ୍ଧ ଓ ଖଞ୍ଜ ହୋଇଥିବା ଲୋକଙ୍କ ପାଇଁ ଅଧିକ ଅନୁକମ୍ପା ଓ ସାହାଯ୍ୟର ଯୋଜନା ସେ ବାଢ଼ିଛନ୍ତି। ସେ ଦେଶର ଦୃଷ୍ଟିରେ ଏ ପୁସ୍ତକ ଖଣ୍ଡି ଯୁଗପ୍ରବର୍ତ୍ତକ ହୋଇପାରେ। କିନ୍ତୁ ଭାରତୀୟ ପ୍ରତି ଏଥିରେ କିଛି ନୂଆ କଥା ନାହିଁ। ଓଲଟି ମୋର ମନେ ହେଉଛି, ପୃଥିବୀର ସମସ୍ୟାଟିକୁ ଅବୈଜ୍ଞାନିକ ଦୃଷ୍ଟି ଭଙ୍ଗିରେ ଦେଖି ସେ ଯେଉଁ ସଂସ୍କାର ବ୍ୟବସ୍ଥା ଦେଇଛନ୍ତି ତାହା ଅସ୍ୱାଭାବିକ ଓ ଅଯଥା ଜଟିଳ ହୋଇଯାଇଛି। ତାହା ନିମ୍ନରେ ବିଶଦ ଭାବରେ କହୁଛି।

**ସମାଜର ଦାୟିତ୍ୱ:—**

ଦୁଃଖୀରଙ୍କିଙ୍କ ପ୍ରତି ଅଧିକ ବିଗୃହବାନ୍ ହେବା ସମାଜର ଦାୟିତ୍ୱ ବୋଲି ଯାହା କୁହାଯାଉଛି ସେଥିରେ ସମାଜଟି କିଏ ? ଆଜିକାଲି ଯୁଗରେ ସମଗ୍ର ପୃଥିବୀ ଗଣତନ୍ତ୍ର ବା ଲୋକତନ୍ତ୍ର ନୀତିର

ଉପାସକ । ଏ ନୀତିର ମାପକାଠି ହେଲା ସମାଜର ପ୍ରତ୍ୟେକ ବ୍ୟକ୍ତିର ସାମାଜିକ ବା ରାଜନୀତିକ ଚେତନା । ସେ ନିଜର କର୍ତ୍ତବ୍ୟ ଦୃଷ୍ଟିରେ ନିଜ ଉପରେ ଟିକସ୍ ବସାଇବ ଓ ସେ ଟିକସକୁ ନିଜର ମଙ୍ଗଳ ନିମନ୍ତେ ନିଜପାଇଁ ଖର୍ଚ୍ଚ କରିବ । ଆଦର୍ଶ ହିସାବରେ ବଡ଼ ଠିକ୍ କଥା ! କିନ୍ତୁ ଉଦ୍ଧୃତ ଲକ୍ଷ୍ୟକୁ ଆଗରେ ରଖି ବିଚାର କଲେ ବୁଝାଯିବ ଯେ ଥିବାବାଲା ଟିକସ ଦେବେ ଓ ତାହା ନ ଥିବାବାଲାଙ୍କ ଉପକାରରେ ଖର୍ଚ୍ଚ କରାଯିବ । ଥିଲାବାଲା କର୍ତ୍ତବ୍ୟ ଦୃଷ୍ଟିରେ ଦେବେ ଓ ଜାତିସ୍ଥ ସମ୍ପତ୍ତି, ନ ଥିବାବାଲାଙ୍କ ମଙ୍ଗଳ ପାଇଁ ଖର୍ଚ୍ଚ ହେବ । ବର୍ତ୍ତମାନ ପ୍ରଶ୍ନ ହେଉଛି ଏ କର୍ତ୍ତବ୍ୟବୋଧ ଜାଗ୍ରତ ହେବ କିପରି ? ସମାଜ ମଙ୍ଗଳର ପରିମାପ କରିବ କିଏ ? ଯଦି ନ ଥିଲାବାଲାଙ୍କ ଦୁଃଖଦୁର୍ଦ୍ଦଶା ଦେଖି ଥିଲାବାଲାଙ୍କ ହୃଦୟ ଦୟାରେ ବିଗଳିତ ହୋଇଗଲା ତେବେ ହୃଦୟ ତରଳ ହୋଇଯାଉ କି ନଯାଉ,ସେମାନଙ୍କର ସଞ୍ଚିତ ସମ୍ପତ୍ତି ସବୁତକ ଲୋକ ସେବାରେ ନିଶ୍ଚୟ ହୋଇଯିବ । ସଂସାରରେ ଥିଲାବାଲା ଯେ ଏପରି ବିଅନ୍ତି ନାହିଁ ଏହା ସମସ୍ତେ ସ୍ୱୀକାର କରିବେ । ସବୁବେଳେ ଦେବା ବିଷୟରେ ବ୍ୟଗ୍ର ହେଲେ ଆଉ ଥିଲାବାଲା ହେବାର ସମ୍ଭାବନା ନାହିଁ । ଅତି ଅଳ୍ପଦିନରେ ଥିଲାବାଲା, ହରିଶ୍ଚନ୍ଦ୍ର ମହାରାଜାଙ୍କ ପରି ସବୁ ଦେଇସାରି ପେଟ ପୋଷିବା ନିମନ୍ତେ ଶ୍ମଶାନ-ରକ୍ଷକ ହେବେ—ପୁତ୍ରଶୋକାତୁରା ଜନନୀଠାରୁ ମଧ୍ୟ ନିଷ୍ଠୁର ଭାବରେ ମଶାଣି କଉଡ଼ି ଆଦାୟ କରିବାକୁ ବସିବେ—ଅର୍ଥାତ୍, ଦେଇ ଦେଇ ମଣିଷ ନବାବାଲା ହୋଇଯିବ ; ଦୟା କରିବାକୁ ଯାଇ ଦୁଃଖୀଙ୍କ ପ୍ରତି ଅତି ନିଷ୍ଠୁର ହେବ ।

ଗାଁର ଲୋକେ କହନ୍ତି, 'ମଣିଷ ଦେବାକୁ ଓ ମରିବାକୁ ସୁଖ ପାଏ ନାହିଁ ।' ଏହାର ଓଲଟା କଥାଟି ମଧ୍ୟ ସତ ! ସେ ପାଇବାକୁ ଓ ବଞ୍ଚିବାକୁ ସୁଖ ପାଏ ! ତେଣୁ ପାଶ୍ଚାତ୍ୟ ରାଷ୍ଟ୍ରରେ ଯେଉଁ ଶାସନ-

ସଂସ୍ଥା ଚଳୁଛି, ସେଥିରେ ଧନୀ ଦରିଦ୍ର, ପାରିବାର ଅପାରିବାର, ସୁସ୍ଥ ଓ ଦୁଃସ୍ଥଙ୍କ ମଧ୍ୟରେ ନିତ୍ୟ ସଂଘର୍ଷ ଚାଲିଛି । ନ୍ୟୂନ ଶ୍ରେଣୀ ଉଚ୍ଚ-ଶ୍ରେଣୀର ବିରୋଧରେ ଉଠି ତୁଏତ ତାଙ୍କୁ ଏକାବେଳକେ ନିଶ୍ଚିହ୍ନ କରି ସୁବିଧା ଓ ଅଧିକାର ନିଜ ହାତକୁ ନେଉଛି ; ଧନ ଓ ଅଧିକାର ବଳରେ ସେ ପୁଣି ନିଜେ ଉପରକୁ ଉଠିଲେ ତଳବାଲା ତାକୁ ତଳକୁ ଟାଣି ଦେଇ ଆପେ ଉପରକୁ ଉଠି ଯାଉଛନ୍ତି । ଆଜିର ସର୍ବହରା କାଲିକୁ ସର୍ବସ୍ୱବାନ୍ ହୋଇଯାଉଛି । ପୁଣି ଆଜିର ସର୍ବସ୍ୱବାନ୍ କାଲିକୁ ହେଉଛି ସର୍ବହରା । ସ୍ୱଚ୍ଛଳର ଆବିର୍ଭାବ ସଙ୍ଗେ ସଙ୍ଗେ ନିଃସ୍ୱ ସୃଷ୍ଟି ହେଉଛି । ଏହାକୁ ଶ୍ରେଣୀ-ସଂଘର୍ଷ ବୋଲି କୁହାଯାଏ । କମ୍ୟୁନିଷ୍ଟମାନେ ଏହି ଶ୍ରେଣୀସଂଘର୍ଷର ପରିଣାମରେ ସମାଜର ଅଭ୍ୟୁ-ଦୟ କଳ୍ପନା କରିଛନ୍ତି । ତାହା କିପରି ଅସମ୍ଭବ ଉପରେ ସୂଚିତ ହେଲା । ଅଧିକ ଆଲୋଚନା ବର୍ତ୍ତମାନ ନିଷ୍ପ୍ରୟୋଜନ ।

ଅନ୍ୟ ପାଶ୍ଚାତ୍ୟ ଦେଶମାନେ, ଯାହାଙ୍କୁ କି ପୁଞ୍ଜିବାଦୀ ଦେଶ ବୋଲି ସାଧାରଣତଃ କୁହାଯାଏ, ସେମାନେ ଆଶା କରନ୍ତି, କମ୍ୟୁନିଷ୍ଟମାନଙ୍କ ପରି ଅଭିଜାତ ଶ୍ରେଣୀକୁ ଏକାବେଳକେ ହଟାଇ ନ ଦେଇ ସେହିମାନଙ୍କଠାରୁ ଆଣି ଦୁଃସ୍ଥ ସେବା କରାଯିବ । ଏ ନୀତି କିଛିକାଳଯାଏ ସୁରଖୁରରେ ଚଳିପାରେ । କିନ୍ତୁ ଶେଷରେ ଉପକାର ପାଇ ପାଇ ଯେତେବେଳେ ଦୁଃସ୍ଥର ମୁହଁ ବଢ଼ିଯିବ ସେତେବେଳେ ଶ୍ରେଣୀ-ସଂଘର୍ଷ ଅବଶ୍ୟମ୍ଭାବୀ । ଶ୍ରେଣୀ-ସଂଘର୍ଷ ଆସିବା ମାତ୍ରେ ଶାନ୍ତି ଓ ସୁଖର ବାଟ ଏକାବେଳକେ ରୁଦ୍ଧ ହୋଇଯିବ । ସବୁବେଳେ ଆଶଙ୍କା, ଭୟ ଓ ବିପଦର ଆତଙ୍କ ଲାଗିରହିବ । ଏହା କହିବାର ଅର୍ଥ, ଅନ୍ୟକୁ ଧମକାଇ ବା ମାରି ନିଜର ମଙ୍ଗଳ କରିବାର ସମ୍ଭା-ବନା ଏକାବେଳକେ ନାହିଁ ।

**କାକରରେ ଘଡ଼ା ପୂରେ ନାହିଁ—**

ତେବେ ସାମାଜିକ ଅବସ୍ଥାର ସମାଧାନ କେଉଁଠି ? ଉଦ୍ଧୃତ ପୁସ୍ତକର ଲେଖକ ବିଗ୍ଭର ଦେଇଛନ୍ତି, ସବୁବେଳେ ସମାଜର କର୍ତ୍ତବ୍ୟ-ବୋଧକୁ ଜାଗ୍ରତ କରୁଥିବାକୁ ହେବ । ଦୁଃସ୍ଥ ଲୋକଙ୍କ ପ୍ରତି ଯେପରି ଯଥାଯଥ ବିଗ୍ଭର ହୋଇ ପାରିବ, ସେଥିପାଇଁ ସମାଜ ସବୁବେଳେ ତତ୍ପର ରହିବ । ଏହାର ସାରକଥା ହେଲା ପାରିବାର ଲୋକେ, କ୍ଷମତାଶାଳୀ ଲୋକେ ଓ ଧନୀ ଲୋକେ ସବୁବେଳେ ଅପାରିବାର, ଅସହାୟ ଓ ଦୁଃଖୀଙ୍କ ପ୍ରତି ଦୟା କରୁଥିବେ । ଯେ ଦୟାର ପାତ୍ର ସେ ଲୋକତନ୍ତ୍ର ସରକାରରେ ନିଜର ଅଧିକାର କପରି ସାବ୍ୟସ୍ତ କରିବ ? ସେ ତ ସବୁବେଳେ ତଳହାତରେ ମାଗୁଥିବ, ପ୍ରତୀକ୍ଷା କରୁଥିବ, ଦାତା ଉପର ହାତରେ ଦେବେ । ସେ ବିଗ୍ଭର ତ ଦେବାର ଜିନିଷ କିଛି ନାହିଁ । ତିନିବର୍ଷ ପାଞ୍ଚବର୍ଷରେ ଯେଉଁ ଭୋଟ ଖଣ୍ଡିକ ଦେବ, ତାହା ଦାତାର ଇଙ୍ଗିତରେ ଦେଇ ଦେଲେ ସେ କର୍ତ୍ତବ୍ୟ କଲା ବୋଲି ବୁଝି ଯିବାର ସମ୍ଭାବନା ଖୁବ୍ ବେଶି । ଗଣତନ୍ତ୍ର, ଲୋକ ଅଧିକାରର ଗୋଟିଏ ଛଳନା ମାତ୍ର ହୋଇଯିବ ।

ଶାସନର ରୂପରେଖ ଯାହାହେଉ ପଛେ—ରାଜତନ୍ତ୍ର ହେଉ, ଗଣତନ୍ତ୍ର ହେଉ ବା ସମାଜ-ତନ୍ତ୍ର ହେଉ, ଲୋକଙ୍କର ଯଦି ଦୁଃଖ ଦୂର ହୋଇ ପାରିଲା ତେବେ ଯଥେଷ୍ଟ ହେଲା ବୋଲି ଆମ ଦେଶର ପଣ୍ଡିତ-ମାନେ ମନେକରି ଆସିଛନ୍ତି । ଯାହା ଲୋକଙ୍କର ଦୁଃଖାପନୋଦକ ଓ ଶାନ୍ତିବିଧାୟକ ତାହା ଧର୍ମ ବୋଲି ଏ ଦେଶରେ ଚଳି ଆସୁଛି । ଦୟା ଓ ଅନୁକମ୍ପାରେ ଯଦି ଦୁଃଖ ଦୂର ହୋଇ ପାରନ୍ତା ତାହା ହେଲେ ତାର ପ୍ରଗ୍ଭର ଓ ପ୍ରଚଳନ ସମର୍ଥିତ ହୁଅନ୍ତା । କିନ୍ତୁ ଏ ରୀତିରେ ଆମ ଦେଶର ଲୋକେ ବିଶ୍ୱାସ କରନ୍ତି ନାହିଁ । କହନ୍ତି 'ମାଗି ଆଣିଲା ତିଅଣ ହାପୁଡ଼େ', 'କାକରରେ ଘଡ଼ା ପୂର୍ଣ୍ଣ ହୁଏ ନାହିଁ' । ପଣ୍ଡିତମାନେ

କହନ୍ତ— ଅନୁଗ୍ରହପ୍ରାର୍ଥୀର ମନରେ ଫୁର୍ତ୍ତି ରହେ ନାହିଁ । ଯେ ଅନ୍ୟର ଅନୁଗ୍ରହ ଉପରେ ନିର୍ଭର କରେ ସେ, ବାମନ ଚନ୍ଦ୍ରକୁ ହାତ ବଢ଼ାଇଲା ପରି ସବୁବେଳେ ହାତ ବଢ଼ାଇ ଥାଏ, ଚନ୍ଦ୍ର ମିଳେ ନାହିଁ କି ଆଶା ଛାଡ଼େ ନାହିଁ ।

ବର୍ତ୍ତମାନ ପାଶ୍ଚାତ୍ୟ ଦେଶରେ ଯେଉଁ ଉଦାହରଣ ଚାଲିଛି ତାହାର ପର୍ଯ୍ୟାଲୋଚନା କଲେ ଏ କଥାର ସତ୍ୟତା ଜଣା ପଡ଼ିବ । ବୈଷୟିକ ସମୃଦ୍ଧିରେ ସବୁଠାରୁ ଉନ୍ନତ ଆମେରିକା, ଜାତି ବିଚାରରେ ଅତି ବର୍ବର ଅବସ୍ଥାରେ ଅଛି ବୋଲି କହିବାକୁ ହେବ । କଳା ଲୋକଙ୍କ ପିଲେ ତାଙ୍କ ନିଜ ପିଲାଙ୍କ ସଙ୍ଗେ ପାଠ ପଢ଼ି ବସିବେ ନାହିଁ ବୋଲି କି ଦୁରନ୍ତ ଲୀଳା ସେଠାରେ ଲାଗିଛି ଖବରକାଗଜରେ ପଢ଼ୁଥିବ । ତାଙ୍କ ଦେଶର ସର୍ବୋଚ୍ଚ କର୍ତ୍ତା ସଭାପତି, ସର୍ବୋଚ୍ଚ ବିଚାରାଳୟ ଫେଡ଼େରାଲ୍ କୋର୍ଟ ଓ ବିଜ୍ଞ ବ୍ୟକ୍ତିମାନଙ୍କ ପରାମର୍ଶକୁ ଉପେକ୍ଷା କରି, ଆମେରିକାର ଦକ୍ଷିଣାଞ୍ଚଳର ରାଜ୍ୟମାନେ, ସ୍କୁଲଘର ପଛେ ପୋଡ଼ି ଦେଉଛନ୍ତି, ନିଜ ପିଲା ଖରାପ ହୋଇଯିବେ ବୋଲି କଳା ପିଲାଙ୍କ ସାଙ୍ଗକୁ ଛାଡୁ ନାହାନ୍ତି । ଆମ ଦେଶରେ ଜାତିଭେଦ ଥିବାରୁ ଏଇମାନେ ନାକ ଟେକନ୍ତି ! ଆମ ଦେଶରେ କଳା ଗୋରା ଭେଦ ତ ରହି ନ ପାରେ । ହାଡ଼ିଙ୍କଠାରୁ ବେଶି କଳା ବ୍ରାହ୍ମଣ ଅଛନ୍ତି ଓ ବ୍ରାହ୍ମଣଙ୍କଠାରୁ ବେଶି ଗୋରା ହାଡ଼ି ମଧ୍ୟ ଏ ଦେଶରେ ଅଛନ୍ତି । କର୍ମ୍ମ ବିଭାଗରେ ଯେଉଁ ଜାତି ଚଳୁଥିଲା ତାହା ଗତ କୋଡ଼ିଏ ବର୍ଷ ଭିତରେ କିପରି ସହଜରେ ମୂଳରୁ ଉପୁଡ଼ିଗଲା ତାହା ତ ଦେଖିଛ । ସରକାରୀ ପ୍ରଚେଷ୍ଟାରେ ଏହା ସିଦ୍ଧ ହେଲା ବୋଲି କୁହାଯାଇ ନ ପାରେ । ସମାଜର ବିଭିନ୍ନ ଗୋଷ୍ଠୀର ଲୋକଙ୍କର ନିଜ ବିଚାରରେ ଏହା ହୋଇପାରିଛି । ଭାରତବର୍ଷରେ ସାଧାରଣ ଲୋକଙ୍କର ବିଚାର ବୁଦ୍ଧିର ଯେଉଁ ପରିଚୟ ଏହି ପ୍ରସଙ୍ଗରେ ମିଳିଲା ଆମେରିକାରେ ତାହା ନାହିଁ । ଇଂଲଣ୍ଡରେ

ବ ନାହିଁ । ପ୍ରାୟ ସ୍ବରଶହ ବର୍ଷ କାଳ କଳା ଲୋକଙ୍କ ଅନ୍ନରେ ପରି-ପାଳିତ ହୋଇ ମଧ୍ୟ ଇଂଲଣ୍ଡ କଳା ଲୋକଙ୍କ ପ୍ରତି ବିଦ୍ୱେଷ ଛାଡ଼ି ପାରୁ-ନାହିଁ । ସେଠା ଲୋକଙ୍କର ଚଳଣିରେ କୃତଜ୍ଞତାର ଲେଶମାତ୍ର ନାହିଁ ।

ପାଶ୍ଚାତ୍ୟ ଦେଶରେ ଜାତି ତ ଖାଲି ଦେହର ରଙ୍ଗରେ ନାହିଁ, ଯାହାର ବେଶି ପଇସା, ବେଶି ଜମି, ତାର ବଡ଼ ଜାତି । ଯାହା ଦେହରେ ବେଶି ବଳ ସେ ବଡ଼ ଜାତି । ଯେ କ୍ଷମତାରେ ଆସୀନ ସେ ବଡ଼ ଜାତି । ରୁଷିଆରେ ଏହି କ୍ଷମତା ଜାତିର ଉତ୍କଟତା ଅତି ବିଭତ୍ସ ଆକାର ଧାରଣ କରିଛି । ଯେ କ୍ଷମତାକୁ ଯାଉଛି ସେ ତାର ବିରୋଧୀ ଲୋକଙ୍କୁ ହାଣି ମାରି ସଫା କରି ଦେଉଛି । ଏହି ପରିସ୍ଥିତି ଭିତରେ ରହି ସମାଜର ବିଜ୍ଞ ବ୍ୟକ୍ତିମାନେ କଲବଲ ହୋଇ ଦରିଦ୍ର, ଦୁଃଖୀ ଓ ଅସହାୟ ପ୍ରତି ଟିକିଏ ଦୃଷ୍ଟି ଦିଆଯାଉ ବୋଲି ଯେଉଁ ଧର୍ମ୍ମଡାକ ଛାଡ଼ୁଛନ୍ତି ସେଥିରେ ବିଶେଷ କିଛି ମୂଲ୍ୟ ଥିଲାପରି ମୁଁ ମନେ କରୁନାହିଁ । ପ୍ରାଣର ଭୟରେ ସେମାନେ ଅନ୍ତରର ଶୁଦ୍ଧ ଚିନ୍ତାକୁ ରୂପ ଦେଇ ପାରୁନାହାନ୍ତି । ବିଗତ ମହାଯୁଦ୍ଧ ପରେ ଇଂଲଣ୍ଡ ଓ ଆମେରିକାରୁ ଏପରି କୌଣସି ପୁସ୍ତକ ପ୍ରକାଶିତ ହେବାର ମୁଁ ଦେଖି ନାହିଁ, ଯେଉଁଥିରେ ନିରପେକ୍ଷ ଆତ୍ମପରୀକ୍ଷା ପୁରଃସର କୌଣସି ନୀତିର ବ୍ୟାଖ୍ୟାନ ହୋଇଛି । ଦୁଇଟି ବିବଦମାନ ପକ୍ଷରେ ବିଭକ୍ତ ହୋଇ ପୃଥିବୀର ସୈନ୍ୟମାନେ ଠିଆ ହୋଇଛନ୍ତି—ରୁଷିଆ ପକ୍ଷରେ ଲଢ଼ିବେ ବା ବିରୋଧରେ ଲଢ଼ିବେ । ବୈଜ୍ଞାନିକମାନେ ମଧ୍ୟ ସେହିପରି ଦୁଇ ଦଳରେ ବିଭକ୍ତ—ରୁଷିଆର କୃତ୍ରିମ ଉପଗ୍ରହକୁ ଉଡ଼ାଇବେ ବା ଆମେରିକାର କୃତ୍ରିମ ଉପଗ୍ରହକୁ ଉଡ଼ାଇବେ । ସେହିପରି ଦାର୍ଶନିକ ପଣ୍ଡିତମାନଙ୍କର ମତ ତାଙ୍କ ସମସ୍ତ ବିଦ୍ୟାସତ୍ତ୍ୱେ ଦଳଭୁକ୍ତ ହୋଇ-ଯାଇଛି । ଦଳେ ନିଜର ଦୋଷ ଆଡ଼କୁ ଆଖିବୁଜି ଖାଲି ଅନ୍ୟର ଦୋଷକୁ ଖୋଜୁଛନ୍ତି । ପୁଞ୍ଜିବାଦ ବା ସମାଜବାଦର ଦୋଷ ଦର୍ଶନ ଓ

ଗୁଣଗାନ ବର୍ତ୍ତମାନ ସେ ଦେଶମାନଙ୍କରେ ପଣ୍ଡିତମାନଙ୍କର ଏକମାତ୍ର କାର୍ଯ୍ୟ ହୋଇଥିଲା ପରି ଜଣାଯାଉଛି । ପୁରସ୍କୃତ ହୋଇଛନ୍ତି ଶ୍ରାବକ, କବି ଭାଟ । ଏ ପରିସ୍ଥିତିରେ ଜଣେ କେହି ନିର୍ଭୀକ ସତ୍ୟକଥା କହିବାକୁ ଟିକିଏ ଚେଷ୍ଟା କଲେ ସାବାସ୍ ଓ ହାତତାଳି ମିଳିବାର କଥା । ଉପରେ ଯେଉଁ ପୁସ୍ତକଟିର ଆଲୋଚନା କଲି ତାହାର ଲେଖକଙ୍କୁ ସେତିକି ମାତ୍ର ମିଳିପାରେ । ସେ ଆଧୁନିକ ପାଶ୍ଚାତ୍ୟ ଜଗତ୍‌ର ଚିନ୍ତାଧାରା କୌଣସି ଢଙ୍ଗରେ ପ୍ରଭାବିତ କରିପାରିବେ ବୋଲି ମୋର ମନେ ହେଉ ନାହିଁ ।

## ବିଚାରରେ ନିରପେକ୍ଷତା

କାଳର ପ୍ରଭାବରୁ ମୁକ୍ତ ରହି ସ୍ୱାଧୀନ ଚିନ୍ତା ନ କଲେ ବିଚାରରେ ନିରପେକ୍ଷତା ରହିବ ନାହିଁ କି ସେ ବିଚାର ଲୋକଙ୍କର ଉପଯୋଗୀ ହେବ ନାହିଁ । ଏହି କଥା ଆମର ପୂର୍ବାଚାର୍ଯ୍ୟମାନେ ବଡ଼ ପ୍ରାଞ୍ଜଳ ଭାବରେ ବୁଝାଇବାକୁ ଚେଷ୍ଟା କରିଛନ୍ତି । ପରେ ସୁବିଧା ହେଲେ ଏ ବିଷୟରେ ଅଧିକ କହିବି । ବର୍ତ୍ତମାନ ଏତିକିମାତ୍ର କହୁଛି ଯେ ଏ ନିରପେକ୍ଷତା ନିମନ୍ତେ କୌଣସି ଦଳ, ଗୋଷ୍ଠୀ ବା ଦେଶ ଛାଡ଼ି ସାଂସାରିକ ସମସ୍ତ ଜଞ୍ଜାଳରୁ ଉପରେ ରହିବା ପ୍ରୟୋଜନ ନାହିଁ । ଖାଲି ସନ୍ନ୍ୟାସ ଗ୍ରହଣ କରିଗଲେ ବିରକ୍ତି ଆସେ ନାହିଁ କି ସଂସାରରେ ରହିଲେ ଆସକ୍ତି ବଢ଼ିଯାଏ ନାହିଁ । ଶାସ୍ତ୍ରରେ ଅଛି—

ମନୋ ମୂଳମିଦଂ ସର୍ବମ୍

ଅନୁଗ୍ରହ ନିଗ୍ରହ, ଲୋଭ ତ୍ୟାଗ, ଆସକ୍ତି ଅନାସକ୍ତି ଏ ସବୁ ମନର ବିକାର । ଶରୀର ବା ପରିସ୍ଥିତି ସଙ୍ଗେ ଏହାର କୌଣସି ସମ୍ପର୍କ ନାହିଁ । ମନକୁ ନିରପେକ୍ଷ କରି ପାରିଲେ ବୁଦ୍ଧି ସମଦର୍ଶୀ ହେବ ଓ ବିଚାର ଲୋକଙ୍କର ମଙ୍ଗଳରେ ଲାଗିବ । ନିଜ ମନକୁ ତାଲିମ ନ କରି ଅନ୍ୟର ମନକୁ ପାରିବାଭଳି ବିଚାର ଦେବାରେ କିଛି ମୂଲ୍ୟ ନାହିଁ ।

## ଜନକ ଓ ବିଶ୍ୱାମିତ୍ର

ଏହି କଥାଟି ପ୍ରମାଣ କରିବାକୁ ପୁରାଣରେ ଗୋଟିଏ ଭଲ ଗଳ୍ପ ଅଛି । ଥରେ ବିଶ୍ୱାମିତ୍ର ମହର୍ଷି, ରାଜର୍ଷି ଜନକଙ୍କ ସଙ୍ଗେ ଲୋକମଙ୍ଗଳ ବିଷୟରେ ଆଲୋଚନା କରୁଛନ୍ତି, ଏହି ସମୟରେ ଜନକଙ୍କ ରାଜପ୍ରାସାଦରେ ନିଆଁ ଲାଗିଗଲା । ବିଶ୍ୱାମିତ୍ର ତ ରାଜା ଥିଲେ, ବ୍ରହ୍ମର୍ଷି ହେବାକୁ ସବୁ ଛାଡ଼ିଛନ୍ତି । ଖଣ୍ଡିଏ କମଣ୍ଡଳୁ, ଦିଖଣ୍ଡି କୌପୀନ ମାତ୍ର ସମ୍ବଳ । ସେଥିରୁ ଖଣ୍ଡିଏ ବାହାରେ ଶୁଖାଇଥିଲେ । ନିଆଁ ଲାଗିଯିବାର ଶୁଣି ତାଙ୍କ ମନ ସେହି କୌପୀନରେ ଯାଇ ରହିଲା । ସେ ସେ ଖଣ୍ଡି ଅକ୍ତିଆର କରିବା ନିମନ୍ତେ ତରଙ୍ଗତରଙ୍ଗ ହେଉଥାନ୍ତି । କିନ୍ତୁ ଜନକ ନିଶ୍ଚିନ୍ତ ହୋଇ ବସିଥାନ୍ତି । ବିଶ୍ୱାମିତ୍ର ନିଜ ମନର ବିକାରରେ ଲଜ୍ଜିତ ହୋଇ ଜନକଙ୍କୁ ପଚାରିଲେ, "ରାଜର୍ଷି ! ଆପଣଙ୍କର ନଅର ପୋଡ଼ି ଯାଉଛି, ଆପଣ ତ କାହିଁ ଚିନ୍ତିତ ହେଉ ନାହାନ୍ତି ? ମୋ' କୌପୀନ ଖଣ୍ଡ ପାଇଁ ମୋର ମନ ଚଞ୍ଚଳ ହୋଇଗଲା ।" ଜନକ କହିଲେ, "ମିଥିଳା ପୋଡ଼ିଗଲେ କେତେ ? ରହିଲେ କେତେ ? ନିଆଁ ଲିଭାଇବାକୁ ଲୋକ ଅଛନ୍ତି । ସେମାନେ ଯଦି ନିଆଁକୁ ରୋକି ନ ପାରିବେ ତେବେ ମୁଁ ଏକୁଟିଆ ଜଣେ ଧାଁ ଧପଡ଼ କଲେ କ'ଣ ହେବ ? ସଙ୍କଟ ବେଳେ ଲୋକଙ୍କୁ ଯାଇ କର୍ତ୍ତବ୍ୟ ଜ୍ଞାନ ଶିଖାଇଲେ କାମ ତ ହେବ ନାହିଁ, ବିଭ୍ରାଟ ସୃଷ୍ଟି ହେବାର କଥା । ଆଜି ଆପଣଙ୍କ ସଙ୍ଗେ ଯେଉଁ ବହୁମୂଲ୍ୟ ଆଲୋଚନା ହେଉଛି ତାହାର ସୁଯୋଗ ତ ସହଜରେ ମିଳିବ ନାହିଁ ? କଥା ଯେଉଁଠାରେ ଥିଲା ସେହିଠାରୁ ଅନୁଗ୍ରହ କରି ଆରମ୍ଭ କରନ୍ତୁ ।" ଆମ ଧର୍ମରେ ସମଦର୍ଶନର ଯେଉଁ ଦୃଷ୍ଟାନ୍ତ ସବୁ ଦିଆ ଯାଇଛି ତନ୍ମଧ୍ୟରୁ ଏହି ଗଳ୍ପଟି ଅନ୍ୟତମ । ଦେଶର ଅବସ୍ଥା, ସେଥିରେ ନିଜର କର୍ତ୍ତବ୍ୟ ଅବଧାରଣ କରିବାକୁ ହେଲେ ଯଥାସମ୍ଭବ ଏଇ ମନୋବୃତ୍ତି ଧରିବାକୁ ହେବ ।

ଆମ୍ଭମାନଙ୍କ ପକ୍ଷରେ ଏପରି ମନୋବୃତ୍ତି ଧରିବା ସହଜସାଧ୍ୟ ନ ହୋଇଥିବାରୁ ଏହି ମନୋବୃତ୍ତି ଧରିଥିବା ପଣ୍ଡିତମାନେ ଯାହା ଲେଖିଯାଇଛନ୍ତି ତାହାର ପର୍ଯ୍ୟାଲୋଚନା ଲାଭଜନକ ହୋଇପାରେ ବୋଲି ବିଶ୍ୱାସ ନିମ୍ନରେ ଭାରତର ଆଦର୍ଶ ରାଜ୍ୟସଂସ୍ଥା ବିଷୟରେ କିଛି କହିବି । ବର୍ତ୍ତମାନ ପରିସ୍ଥିତିରେ ସେ ସବୁ ଉପଯୋଗୀ କି ନୁହେଁ ତାହା ନିର୍ଣ୍ଣୟ କରିବା କର୍ତ୍ତବ୍ୟ ତୁମର, ମୋର ନୁହେ ।

## ସମାଜ ସଂସ୍କାରରେ ବ୍ରାହ୍ମଣ

ଭାରତୀୟ ରାଷ୍ଟ୍ର ବା ସମାଜରେ ବ୍ରାହ୍ମଣଙ୍କୁ ସବୁଠାରୁ ଉଚ୍ଚ-ଆସନ ଦିଆଯାଇଛି । ତେଣୁ ଆଜି ଯେଉଁମାନେ ପଇତା ପକାଇଛନ୍ତି ବା ଚିତା କାଟିଛନ୍ତି ସେମାନେ ଛତିଶି ପାଠକରେ ଭଜା ବୋଲି ଆଜି ମଧ୍ୟ ଚିତା କାଟିବାକୁ ପ୍ରସ୍ତୁତ । ଏହି ପଇତାରେ ଜାତ୍ୟୁତ୍କର୍ଷ ଅଛି ବୋଲି ଫାଙ୍କି ଯାଇ କେତେକ ଜାତିରେ ପଇତା ପକାଇବା ଆନ୍ଦୋଳନ ମଧ୍ୟ ତେଜି ଉଠିଛି । କିନ୍ତୁ ଉତ୍କର୍ଷ ପଇତାରେ ନାହିଁ ବୋଲି ଧର୍ମଶାସ୍ତ୍ରମାନଙ୍କରେ ନିରାଟ ଭାବରେ କୁହାଯାଇଛି । ପୁରାଣରେ ଅଛି, 'ବ୍ରାହ୍ମଣ ଗୋଷ୍ଠୀଭୁକ୍ତ ହୋଇଥିଲେ, ବା ବ୍ରାହ୍ମଣୀଠାରୁ ଜାତ ହୋଇଥିଲେ, ଗୁଡ଼ାଏ ପଢ଼ିଥିଲେ ବା ଧର୍ମ, କର୍ମ କରୁଥିଲେ ବ୍ରାହ୍ମଣ, ବ୍ରାହ୍ମଣ ବୋଲାଇ ପାରିବ ନାହିଁ । ଯାହାର ମନରେ ବ୍ରହ୍ମଣ୍ୟ ଭାବ ସେ ହିଁ ବ୍ରାହ୍ମଣ ।' ଏହି ବ୍ରହ୍ମଣ୍ୟ ଭାବର ଅର୍ଥ କରାଯାଇଛି, ଯେ ଇନ୍ଦ୍ରିୟ ଭୋଗ୍ୟବସ୍ତୁରେ ମନକୁ ଆବଦ୍ଧ ନ କରି ନ୍ୟାୟ ଅନ୍ୟାୟର ବିଚାର କରେ, ପ୍ରତିବେଶୀର ମଙ୍ଗଳ ଚିନ୍ତାକରେ ଏବଂ ସମସ୍ତଙ୍କ ପ୍ରତି ମନରେ ସଦ୍‌ଭାବ ପୋଷଣ କରେ ସେ ହିଁ ବ୍ରହ୍ମକୁ ଜାଣିଛି । ଖାଲି ସେତିକି ହେଲେ ପୁଣି ହେବ ନାହିଁ । ନିଜେ ଯାହା ଠିକ୍ ବୋଲି ଜାଣିଛି ତାହା ସେ ନିର୍ଭୟରେ ପ୍ରକାଶ କରି ପାରୁଥିବ । ଯେଉଁମାନେ କ୍ଷମତାରେ ଅଛନ୍ତି ସେହିମାନଙ୍କ ପ୍ରତି ଏ ନିର୍ଭୀକତା

ରହିବ—ଏହାହିଁ ଏ କଥାର ତାତ୍ପର୍ଯ୍ୟ । ସେପରି ଲୋକଙ୍କ କଥା ରାଜା ନିଷ୍ଚୟ ଶୁଣିବେ, ତାଙ୍କ ପ୍ରତି କୌଣସି ପ୍ରକାର ଅବମାନନା ଦେଖାଇବେ ନାହିଁ । ଭାରତୀୟ ସମାଜ ସଂସ୍କାର ଏହାହିଁ କେନ୍ଦ୍ରବିନ୍ଦୁ ।

ମୁଁ ମନେକରେ, ଯେ କୌଣସି ସମାଜ ସଂସ୍କାର ଏହାହିଁ କେନ୍ଦ୍ର ବିନ୍ଦୁ ହେବା ଉଚିତ । ଖାଲି ଲୋକଙ୍କର ହାତଟେକାରେ ଭଲ ମନ୍ଦ ନିର୍ଣ୍ଣୟ କରିଦେବାକୁ ଗଲେ ଲୋକତନ୍ତ୍ର ଶାସନ ଅନେକ ସ୍ଥଳରେ ଲାଞ୍ଚ, ମିଛର ଆଶ୍ରୟସ୍ଥଳ ହୋଇଯାଏ ।

ଏକଥା ସ୍ୱୀକାର କରିବାକୁ ହେବ ଯେ ଭାରତରେ ଯେଉଁ ବ୍ରାହ୍ମଣମାନେ ପୂର୍ବେ ଶ୍ରେଷ୍ଠ ବୋଲି ପ୍ରତିଷ୍ଠିତ ହୋଇଥିଲେ ସେମାନେ ପୁଣି ତାଙ୍କ ସ୍ଥାନକୁ ଫେରିବା ଅସମ୍ଭବ । ଏଠାରେ ଯେଉଁ ମତ ନିର୍ଦ୍ଦିଷ୍ଟ ହେଲା ତାହା ପୁଣି ସମାଜରେ ଆଦୃତ ହେଲେ ଦେଶରେ ନୂଆ ବ୍ରାହ୍ମଣ ଗଢ଼ି ଉଠିବେ । ଭାରତବର୍ଷରେ ଏ ରୀତିରେ ବ୍ରାହ୍ମଣ ସୃଷ୍ଟି ହେବା ପୂର୍ବରୁ ବହୁବାର ଘଟିଛି । ଆଉ ଘଟିବା ବିଚିତ୍ର ନୁହେ । ଆଜ ଯେଉଁମାନେ ବ୍ରାହ୍ମଣ ବୋଲାଉଛନ୍ତି ସେମାନଙ୍କର ମୁହଁର ଚେହେରା, ଦେହର ରଙ୍ଗ ଓ ଅବୟବର ଗଠନକୁ ଦେଖିଲେ ପରିଷ୍କାର ପ୍ରମାଣିତ ହେବ ଯେ, ଏମାନଙ୍କ ଦେହରେ ବ୍ରାହ୍ମଣ ରକ୍ତ ପ୍ରବାହିତ ହୋଇଥିବାରୁ ଏମାନେ ବ୍ରାହ୍ମଣ ହୋଇ ନାହାନ୍ତି । ନୃତତ୍ତ୍ୱ ଗବେଷକମାନେ ସିଦ୍ଧାନ୍ତ କରିସାରିଛନ୍ତି ଯେ, ଓଡ଼ିଶାର ଅନ୍ତତଃ ବ୍ରାହ୍ମଣ ଓ ବ୍ରାହ୍ମଣେତରଙ୍କ ରକ୍ତ ଏକ ପର୍ଯ୍ୟାୟଭୁକ୍ତ । ଇତିହାସରେ ସଙ୍କେତ ଅଛି, ଯେପରି 'ବାଇଜାତି ତେର ଗୋଲ'ର ଲୋକେ ବୈଷ୍ଣବ ହେଲେ ଏକାକାର ହୋଇ ଯାଆନ୍ତି, ସେହିପରି ସମାନ ମନୋବୃତ୍ତି ଓ ମାନସିକ ଉତ୍କର୍ଷ ବିଶିଷ୍ଟ ଲୋକେ ବ୍ରାହ୍ମଣ ପର୍ଯ୍ୟାୟଭୁକ୍ତ ହୋଇ ଯାଆନ୍ତି । ଓଡ଼ିଶାରେ ବୌଦ୍ଧ-ଧର୍ମର ପ୍ରଭାବରେ ତାତ୍କାଳୀନ କେତେକ ବ୍ରାହ୍ମଣ ଛଡ଼ିଯାଇଥିଲେ । ସେମାନଙ୍କୁ

ଶୂଦ୍ର ସାଜ୍ଞା ଓ ବୃତ୍ତି ଦେଇ ବ୍ରାହ୍ମଣ ଗୋଷ୍ଠୀରୁ କାଢ଼ି ନିଆ ଯାଇଥିଲା । ତାହାରୁ ବ୍ରାହ୍ମଣ ଆଣି ବୈଦିକ କାର୍ଯ୍ୟ ଚଳାଇବାକୁ ହୋଇଥିଲା । କାଳକ୍ରମେ ସେମାନଙ୍କ ମଧ୍ୟରୁ ବି ଅନେକେ ଆଚରଣରେ ତଳକୁ ଖସିଗଲେ । ତାଙ୍କ ଉପରକୁ ନ୍ୟୂନ ଜାତିର ଲୋକଙ୍କୁ ଆଣି ବଡ଼ ବ୍ରାହ୍ମଣ କରାଗଲା । ମାଳି, ଚଷା, ଭଣ୍ଡାରିଙ୍କ ମଧ୍ୟରୁ ବ୍ରାହ୍ମଣ ନିର୍ବାଚନ ହୋଇଥିବାର ପ୍ରମାଣ ଅଛି । ଏପରି ହେଲେ ଯେଉଁମାନେ ତ୍ୟାଗବୃତ୍ତି ଓ ଲୋକମଙ୍ଗଳବ୍ରତୀ ହେବେ ସେମାନେ ପୁଣି ଉପରକୁ ଉଠିଯିବେ । ଖାଲି ବ୍ରାହ୍ମଣ କାହିଁକି, ସେପରି ଲୋକଙ୍କୁ ଏ ଦେଶରେ ଭଗବାନ୍‌ଙ୍କର ଅବତାର ବୋଲି ଗ୍ରହଣ କରାଯାଏ । ସେହିମାନେ ଦେଶର ମୁକୁଟହୀନ ରାଜା । ସେମାନେ ବୈଷୟିକ ବିଭବରେ ସମୃଦ୍ଧ ନ ହୋଇ ଆଧ୍ୟାତ୍ମିକ ବିଭବରେ ସମୃଦ୍ଧ ହୁଅନ୍ତି । ସେହିଭଳି ଲୋକଙ୍କ ନିର୍ଦ୍ଦେଶରେ ଯେଉଁ ସମାଜ ନ ଚଳେ ସେଠାରେ ଲୋକମଙ୍ଗଳ ସମ୍ଭବ ନୁହେ । ଶ୍ରେଣୀ-ସଂଘର୍ଷ ସେଠାରେ ରୋକି ହେବ ନାହିଁ ଓ ବଡ଼ ସାନ କେହି ଶାନ୍ତିରେ ରହିପାରିବେ ନାହିଁ । ଏହି କଥା ବହୁ ଉଦାହରଣ ସହିତ ପୁରାଣମାନଙ୍କରେ ପ୍ରତିପାଦିତ ହୋଇଛି ।

ଆଜି ପାଶ୍ଚାତ୍ୟ ଦେଶମାନଙ୍କରେ ଯେଉଁ ଅଶାନ୍ତି ଓ ଉପଦ୍ରବ ଦେଖାଦେଇଛି ତାହାର ମୂଳ କାରଣ, ସେଠାରେ ପଣ୍ଡିତ, ଜ୍ଞାନୀ, ବୈଜ୍ଞାନିକ, ସମସ୍ତେ 'ଜୀବନର ମାନ' ରକ୍ଷା ନାମରେ ରାଜଶକ୍ତି କିମ୍ବା ଶିଳ୍ପପତିଙ୍କର କିଣା ଗୋଲାମ ହୋଇ ଯାଇଛନ୍ତି । ସେହି ପାଶ୍ଚାତ୍ୟ ଦେଶର ଟଙ୍କା ସଙ୍ଗେ ପାଶ୍ଚାତ୍ୟ ଚିନ୍ତାଧାରାର ଆମଦାନୀ ହେବା ଫଳରେ ଆମ ଦେଶରେ ଖାଲି ବ୍ୟବସ୍ଥାସଭା ମେମ୍ବର ଶାଗ ମାଛପରି ପଣ୍ୟ-ଦ୍ରବ୍ୟ ହୋଇ ନାହାନ୍ତି, ପଣ୍ଡିତ ଓ ଜ୍ଞାନୀମାନଙ୍କର ମଧ୍ୟ ବିକା କିଣା ଚାଲିଛି । ଫଳରେ ଯେ ରାଜା ବା ଏ ଯୁଗରେ ମନ୍ତ୍ରୀ ବା ଶାସକ, ସେ କ୍ଷମତା ବଳରେ ଖାଲି ଯେ ଶାସନ କରୁଛନ୍ତି ତାହା ନୁହେ, ଜ୍ଞାନୀ

ଓ ପଣ୍ଡିତଙ୍କ ପର ଅନୁଶାସନ ମଧ୍ୟ ଦେଉଛନ୍ତି ! ଦେଶ ପକ୍ଷେ ଏହାଠାରୁ ବଳି ଦୁର୍ଗତି ଆଉ ହୋଇ ନ ପାରେ ବୋଲି ଶ୍ରୀମଦ୍ ଭାଗବତର ବେଣ-ଚରିତରେ ବଡ଼ ସୁନ୍ଦର ଭାବରେ ବର୍ଣ୍ଣନା କରା ହୋଇଅଛି । ସୁବିଧା ହେଲେ ତାହା ପଢ଼ିବ ବୋଲି ମୋର ବିଶେଷ ଅନୁରୋଧ ।

## ଆଦର୍ଶ ଓ ବାସ୍ତବତା

ଜ୍ଞାନୀ ଓ ପଣ୍ଡିତ ପ୍ରଲୋଭନରୁ ଦୂରରେ ରହି ଖାଲି ଲୋକମଙ୍ଗଳ ଚିନ୍ତା କରିବେ; ନିଜେ ପଞ୍ଚାଗ୍ନି ଭିତରେ ପୋଡ଼ି ଜଳି 'ସର୍ବେ ଭବନ୍ତୁ ସୁଖିନଃ' ବୋଲି ନାଭିକମଳରୁ ଡାକ ଦେବେ, ଏହା ଏ ଯୁଗରେ ସମ୍ଭବ ନୁହେଁ ବୋଲି ଯେ କୌଣସି ଲୋକ କହିବ । ମୁଁ ବି ନିଜେ ଜାଣେ, ବ୍ରତୋପନୟନ ଦିନୁ ଏ ରୀତିରେ ଅଭ୍ୟସ୍ତ ହୋଇ ମଧ୍ୟ ସବୁ ବ୍ରାହ୍ମଣ ବ୍ରହ୍ମଣ୍ୟ ଅବସ୍ଥାକୁ ଉଠି ପାରନ୍ତି ନାହିଁ । କର୍ମ-କାଣ୍ଡ, ବେଦାଭ୍ୟାସ ଓ ତପସ୍ୟା କରୁଥିବା ହଜାର ଜଣଙ୍କ ଭିତରେ କେଜାଣି ଅବା ଜଣେ ସିଦ୍ଧିଲାଭ କରୁଥିବ । କିନ୍ତୁ ତୁମେ ବୋଧ-ହୁଏ ସ୍ୱୀକାର କରିବ, ଆଦର୍ଶରେ ଯାଇ ସମସ୍ତେ ପହଞ୍ଚିବେ ବୋଲି ଆଦର୍ଶ କଳ୍ପିତ ହୋଇ ନ ଥାଏ । ଆଦର୍ଶକୁ ଆଦର୍ଶ ବୋଲି ମାନିଲେ ତାହାକୁ ପାଇବା ନିମନ୍ତେ ଚେଷ୍ଟା ହୁଏ ଓ ଏହି ଚେଷ୍ଟାରେ ସମାଜର ବିକାଶ ସାଧିତ ହୁଏ । ମହାତ୍ମାଗାନ୍ଧି ଏହି ଶାଶ୍ୱତ ସତ୍ୟର ପ୍ରମାଣ ଏବେ ଦେଉଛନ୍ତି । ମୁଁ ତ ବହୁବାର କହିଲିଣି ଯେ, ସେ ଏ ଯୁଗର ଶ୍ରେଷ୍ଠ ବ୍ରାହ୍ମଣ । ସାମାଜିକ ଓ ରାଜନୈତିକ ସଂସ୍ଥାରୁ ବାହାରେ ରହି ବି ସେ ଏ ସବୁର ମୁଣ୍ଡ ଉପରେ ଥିଲେ ।

## ତ୍ୟାଗ ଓ ଭୋଗ

ଏହି ଆଦର୍ଶର ପରିବର୍ତ୍ତେ ବର୍ତ୍ତମାନ ସମାଜ ଆଗରେ ଯେଉଁ ଭୋଗସର୍ବସ୍ୱ ଆଦର୍ଶ ଥୁଆ ହୋଇଛି ତାହାର ସାମାନ୍ୟ ବିଶ୍ଳେଷଣରେ

ଜଣା ଯାଉଛି, ଏହା ନଗ୍ନ କୃଷିଂଭରତା ଉପରେ ପର୍ଯ୍ୟ-ବସିତ । ଅଭାବ ସୃଷ୍ଟି କରୁଥିବା ଓ ତାହାର ପୂରଣପାଇଁ ପ୍ରଯତ୍ନ କରୁଥିବା—ଏହି ଯେଉଁ ଚିନ୍ତା ତାହା ନିଜ ପାଇଁ, ପରପାଇଁ ଏପରି ଚିନ୍ତା ହୋଇ ନ ପାରେ । ଉଦାହରଣ ସ୍ୱରୂପ, ନିଜର ଯେତେବେଳେ ଗୋଟିଏ କଲମର ଅଭାବ ବୋଧହେଉଛି ସେତେବେଳେ କ'ଣ କିଏ କଳ୍ପନା କରୁଛି ଯେ, ଦେଶର ସମସ୍ତଙ୍କର ଗୋଟିଏ ଗୋଟିଏ କଲମ ଥିବା ଦରକାର ! କଲମ ତ ବଡ଼ କଥା । ଦେଶର ସମସ୍ତେ ହଲେ ହଲେ ଶସ୍ତା ଚଟି ମାଡ଼ିପାରିବେ ଏତିକି ବଗ୍ଦବସ୍ତ କରିବାକୁ ଗୋଟିଏ ହ୍ରାସକୁଦ ଯୋଜନାର ଟଙ୍କା ଦରକାର ହେଉଛି । ମୁଁ ତ ଥରେ ତୁମଙ୍କୁ କହିଥିଲି, ସମସ୍ତେ ଦିନକୁ କଠାଏ ବିଲ୍ ଖାଇପାରିବେ, ଏତିକି କରାଇବାକୁ ଗୋଟିଏ ପଞ୍ଚବାର୍ଷିକ ଯୋଜନାର ଟଙ୍କା ଦରକାର ହେବ । ଟଙ୍କା ହେଲେ ବି କେନ୍ଦୁପତ୍ର ଓ ଧୂଆଁପତ୍ର ସକାଶେ ପରମୁଖାପେକ୍ଷୀ ହେବାକୁ ପଡ଼ିପାରେ । ଆଜି ଦେଶର ସମସ୍ତେ ଦିନକୁ ବକ୍ତେ ଲେଖାଏଁ ଗୁଡ଼ଜଳ ଖାଇବାକୁ ମଧ୍ୟ ଅଣ୍ଟୁ ନାହିଁ । ତେଣୁ ଅଭାବ-ବୋଧ ଓ ତାହାର ପୂରଣ କଥାଟି କାନକୁ ଯେଡ଼େ ସୁନ୍ଦର ଶୁଭୁଛି କାର୍ଯ୍ୟରେ କ'ଣ ସେହିପରି ଲାଗିପାରିବ ?

ପୁଣି ଏ ଦୁଆ ଆରମ୍ଭ କରିଛି କିଏ ? ଇଉରୋପର ଆର୍ଥନୀତିକ, ଯେତେବେଳେ ଅଭାବ ସୃଷ୍ଟି ଓ ତାହାର ପୂରଣ ଡାକ ଦେଇଥିଲେ ସେତେବେଳେ ତାଙ୍କ ଆଗରେ ସାମ୍ରାଜ୍ୟବାଦର ଆଦର୍ଶ ଥିଲା । ଇଂଲଣ୍ଡର ପାଞ୍ଚ ଛଅ କୋଟି ଲୋକ, ଦେଡ଼ଶହ କୋଟି କଳା ଲୋକଙ୍କୁ ଅହରହ ଶୋଷଣ କରୁଥିବେ, ସେମାନଙ୍କର ଝୋଲବୁହା ଧନ ଗୋଷ୍ପଦ ପରିମିତ ଗୋଟିଏ ରାଜ୍ୟର ମାତ୍ର ପାଞ୍ଚକୋଟି ଲୋକଙ୍କର ଅଭାବ ପୂରଣ ପାଇଁ ଆସୁଥିବ, ଏଥିରେ ଅଭାବ ସୃଷ୍ଟି କରିବାର ବିଳାସ ସେମାନଙ୍କ ପକ୍ଷରେ ଅସ୍ୱାଭାବିକ ନ ହେବାରି କଥା ।

ସାମ୍ରାଜ୍ୟବାଦ ସୂର୍ଯ୍ୟ ଅସ୍ତମିତ ହେବା ସଙ୍ଗେ ସଙ୍ଗେ ଇଂଲଣ୍ଡର ଅର୍ଥନୀତି-ପଣ୍ଡିତ ଅର୍ଥନୀତିର ସଂଜ୍ଞା ବଦଳାଇ ସାରିଲେଣି । ଅଭାବ ଅନନ୍ତ ଓ ତାହାର ପୂରଣ ସାମଗ୍ରୀ ସୀମିତ ବୋଲି ଏବେ ଅର୍ଥନୀତି କ୍ଲାସରେ ପଢ଼ା ଗଲଣି । କୁହାଯାଉଛି, ପୃଥିବୀର ସମ୍ପତ୍ତି ଓ ସମ୍ଭାରକୁ ଜଗି ଜଗି ଖର୍ଚ୍ଚ କଲେ ତାହା ବେଶିଦିନ ଯିବ । କାଲିପାଇଁ ଆଜି ପେଟ କାଟିବାକୁ, ଭବିଷ୍ୟତ ପାଇଁ ଆଜିର ସମ୍ପତ୍ତି ସଞ୍ଚିବାକୁ ଉଦ୍‌ବୋଧନ ଦିଆଯାଉଛି । କିନ୍ତୁ ଯେ ଉଦ୍‌ବୋଧନ ଦେଉଛନ୍ତି ସେ ଯେତେ ପାରୁଛନ୍ତି ସେତେ ଭୋଗ କରିବାରେ ଲାଗିଛନ୍ତି । ବିଦେଶୀଙ୍କ ଶୋଷଣ ପରିବର୍ତ୍ତେ ଏବେ ନିଜ ଦେଶର ଲୋକଙ୍କ ଦ୍ୱାରା ଶୋଷଣ ଆରମ୍ଭ ହୋଇଛି । ଆମେରିକା ପରି 'ମାରୁଆଡ଼' ଦେଶରେ ମଧ୍ୟ ସେ ଦେଶର ବଡ଼ ଧନୀ, ବ୍ଲେଟିଆ ଲୋକଙ୍କୁ ଶୋଷିବାର ସୂଚନା ଖବରକାଗଜରେ ବାହାରୁଛି । ତାଙ୍କର ଠାରୁ ଶିଖି ଆମ ଦେଶରେ ଗତ ଦଶବର୍ଷ ହେଲା ଏ ରିବାଦ୍ ବଡ଼ ଭୀଷଣ ଆକାର ଧରିଲାଣି । ଯେଉଁମାନେ କ୍ଷମତାରେ ଅଛନ୍ତି ସେମାନେ ତୁଣ୍ଡରେ ଲୋକଙ୍କ ନାମ ଧରି ; କାର୍ଯ୍ୟରେ ସେମାନଙ୍କୁ ଶୋଷିବାରେ ଲାଗିଛନ୍ତି । ଏହା ତୁରନ୍ତ ବନ୍ଦ ନ ହେଲେ ଏ ଦେଶର ଦରିଦ୍ର ଜନସାଧାରଣ ପୋକ ମାଛି ପରି ମରିଯିବେ ବୋଲି ମୋତେ ଦିଶୁଛି । ଏହାର ପ୍ରତିକାର ତୁମରି ପରି କୃତବିଦ୍ୟ ଲୋକଙ୍କଠାରୁ ଆଶା କରାଯାଏ । ତୁମେମାନେ ନିର୍ଭୀକ ହେଲେ, ବିଦେଶରୁ ଶିଖିଥିବା ପାଠ ନିଜ ଦେଶ ଓ ଲୋକଙ୍କ ସ୍ୱାର୍ଥଦୃଷ୍ଟିରେ ଆଲୋଚନା କଲେ, ତୁମଙ୍କୁ ଉଚିତ କର୍ତ୍ତବ୍ୟ ଦିଶନ୍ତା ବୋଲି ମୋର ମନେ ହେଉଛି । ତୁମେ ସେପରି- କଲେ ମୁଁ ପୁନ୍ନାମ ନରକରୁ ଉଦ୍ଧାର ପାଆନ୍ତି ବୋଲି ଆଶା କରୁଛି ।

ତୁମେ ସେ ଦିନ ଲେଖିଥିଲ, ସମଗ୍ର ପୃଥିବୀରେ ଯେଉଁ ସ୍ରୋତ ଚାଲିଛି ତାହାର ପ୍ରତିକୂଳରେ ଗତି କରିବା ନିରର୍ଥକ । ସେ ଦିନ

ଏ କଥାର ଉତ୍ତର ଦେଇ ନ ଥିଲ । ଉପରେ ଯାହା ଲେଖିଗଲିଣି ତହିଁରୁ ତୁମ ପ୍ରଶ୍ନର ଉତ୍ତର ପାଇଥିବ ବୋଲି ଆଶାକରେ । ଆଜି ଏତିକିମାତ୍ର କହୁଛି—ଯେ ପାଠ ପଢ଼ିଛି, ଭଲ ମନ୍ଦ ଚିନ୍ତା କରିବାକୁ ଆରମ୍ଭ କରିଛ ସେ ଯଦି ଗତାନୁଗତିକ ସ୍ରୋତରେ ନିଜର ମଙ୍ଗଳ ଦେଖେ, ତା' ହେଲେ ଦେଶର ଗତି କଣ ହେବ ବିଚାରକର । ତୁମଙ୍କୁ ତ କହିଥିଲି, ଆମ ଦେଶରେ ଗୋଟିଏ ଲୋକକୁ ବି.ଏ. ପାଶ କରାଇବା ସକାଶେ ସରକାରର ଅନ୍ତତଃ ପନ୍ଦରହଜାର ଟଙ୍କା ଖର୍ଚ୍ଚ ହେଉଛି । ଏ ଟଙ୍କା ଯେଉଁମାନଙ୍କ ଉପରେ ଟିକସ ବସାଇ ଆଦାୟ ହେଉଛି ସେମାନଙ୍କ ଭିତରୁ ଶହକେ ଅଶୀଜଣଙ୍କ ପିଲେ ଏ ଜନ୍ମରେ କଲେଜ ଦୁଆରେ ଗୋଡ଼ ଦେବାର ଆଶା ନାହିଁ । ତୁମପରି ଯେଉଁମାନେ ବିଦେଶରେ ଯାଇ ଶିକ୍ଷା କରି ଆସିଛନ୍ତି ସେମାନଙ୍କ ଭିତରୁ ଜଣ ଜଣକ ପିଛା ତ ପଚିଶ ହଜାର ଯାଏ ଖର୍ଚ୍ଚ ହୋଇ ଯାଉଛି । ଏ ଅର୍ଥର ବିନିମୟରେ ଦେଶ କ'ଣ ତୁମଠାରୁ କିଛି ଆଶା କରିବ ନାହିଁ ? ଶାସକଙ୍କୁ ଡରି ପ୍ରଚଳିତ ସ୍ରୋତ ଆଗରେ ମୁଣ୍ଡ ନୁଆଇଁ ତମେ ଯଦି ଚଳିବ ତାହାହେଲେ ତୁମେ ପରସ୍ୱାପହରଣ ପାପରେ ଭାଗୀ ହେବ ବୋଲି ମୁଁ ମନେକରେ । ଏହା ଇହକାଳ ପରକାଳ ଉଭୟତ୍ର କ୍ଳେଶାବହ । ଇହକାଳ ନିଜ ଜୀବନ କାଳକୁ କୁହାଯାଏ । ପରକାଳ ପୁତ୍ର ପୌତ୍ରଙ୍କ କାଳ । ମୋର ଭୟ ତୋର ନାତିମାନଙ୍କୁ ଭବିଷ୍ୟତରେ ଦସ୍ୟୁ ବୋଲି ଦଣ୍ଡ ଦେଅ' [illegible] ତାହାର ପ୍ରତିକାର ଆଜିଠାରୁ ବିଧେୟ ।

## ରାଜା ଜ୍ଞାନୀର ଅନୁଗତ

'ରାଜାନୁଗତ ଧର୍ମ' ବୋଲି [illegible] ଯାଏ ତାହା ଆଜିକାଲି ବଡ଼ ବିକୃତ ଭାବରେ ଅର୍ଥ କରାଯାଉଛି । ରାଜା ନ୍ୟାୟମାର୍ଗରେ ପ୍ରଜାପାଳନ କଲେ ଧର୍ମର ପୋଷଣ ହୁଏ, ଏହା ସତ୍ୟ, କିନ୍ତୁ

ବିପଥଗାମୀ ରାଜଶକ୍ତିକୁ ବାଟକୁ ଆଣିବ କିଏ ? ଦେଶର ପଣ୍ଡିତ ଓ ଜ୍ଞାନୀ ଲୋକଙ୍କର ରାଜା ଅନୁଗତ ହେବାର କଥା ବୋଲି ଶାସ୍ତ୍ରନିର୍ଦ୍ଦେଶ ଅଛି । ଯେଉଁ ରାଜା ସ୍ୱେଚ୍ଛାଚାରୀ ହୁଅନ୍ତି ସେ ନିଜ ଅଧର୍ମରେ ଝପରି ନିଜେ ଧ୍ୱଂସ ହୁଅନ୍ତି ତାହାର ଅନେକ ଉଦାହରଣ ପୁରାଣମାନଙ୍କରେ ଅଛି । ଆମ ରାଜଶକ୍ତିକୁ ତୁମେ ବାଟକୁ ଆଣିବ ବୋଲି ଲୋକେ ଆଶା-କରି ଚାହିଁ ରହିଛନ୍ତି । ସେମାନେ ପ୍ରତୀକ୍ଷା କରୁଛନ୍ତି, ତୁମେ ସେମାନଙ୍କଠାରୁ ଯେଉଁ ଋଣ ନେଇଛ ତାହାର ପରିଶୋଧ କରିବା ପ୍ରକ୍ରିୟାରେ ରାଜଶକ୍ତିକୁ ବାଟକୁ ଆଣିବାରେ ସହାୟ ହେବ ଓ ଲୋକଙ୍କର ଆଶା ଆକାଂକ୍ଷା ରାଜଶକ୍ତି ଆଗରେ ଥୋଇ ସେମାନଙ୍କର ପ୍ରତିନିଧିତ୍ୱ କରିବ । ମୁଁ ସବୁବେଳେ ସେହି ଆଶା କରୁଥିବାରୁ ବେଳେ ବେଳେ ତୁମ ପ୍ରତି ଅସହିଷ୍ଣୁ ହୋଇପଡ଼େ । ଏହା ଶ୍ରଦ୍ଧାର ଅଭାବରୁ ନୁହେଁ, ଶ୍ରଦ୍ଧାର ଆତିଶଯ୍ୟରୁ । ପ୍ରତିଦିନ ମୋର ଇଷ୍ଟ-ଦେବୀଙ୍କଠାରେ ଜଣାଇଛି, ସେ ତୁମକୁ କର୍ତ୍ତବ୍ୟଜ୍ଞାନ ଦିଅନ୍ତୁ ; ମୋର ଆଶା ପୂରଣ ହେଉ । ଇତି ।

ଆଶୀର୍ବାଦକ

ଚିନ୍ତାମଣି ମିଶ୍ର



ମୁଦ୍ରାକର— ଶ୍ରୀ ଚିନ୍ତାମଣି ମିଶ୍ର, ନବଜୀବନ ପ୍ରେସ, କଟକ-୨

ନବଜୀବନ ପ୍ରେସ
ବୃନ୍ଦାବନଚୌକ
କଟକ—୨